ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୬/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, January 26/2023 Page 20 ₹ 7.00

୪୯ଶ ଭାଗ ୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 64 ମୂଲ୍ୟ₹୭/-

DADLS-86



## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0238/2223

# ଜେଏନ୍‌ୟୁ ପରେ ଜାମିଆ
# ତେଜିଲା ସ୍କ୍ରିନିଂ ବିବାଦ

**ନୂଆଦିଲ୍ଲୀ,୨୫।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଡକ୍ୟୁମେଣ୍ଟାରିକୁ ନେଇ ବିବାଦ ଥମୁନାହିଁ। ବିବାଦୀୟ ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'ର ପ୍ରଦର୍ଶନ ପାଇଁ ଦେଶର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ଅଡ଼ିବସିଛନ୍ତି। ହାଇଦ୍ରାବାଦ ଓ ଥିରୁଭାନନ୍ତପୁରମ୍ ପରେ ଦିଲ୍ଲୀରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ନୂଆଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ମଙ୍ଗଳବାର ଏହାର ପ୍ରଦର୍ଶନକୁ ନେଇ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ବୁଧବାର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଷ୍ଟୁଡେଣ୍ଟ୍‌ସ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ସଦସ୍ୟମାନେ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଘୋଷଣା କରିଛି। ଜାମିଆର ଏମ୍‌ସିଆର୍‌ସି ଲନ୍ ଗେଟ୍ ନଂ. ୮ରେ ସନ୍ଧ୍ୟା ୬ରେ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯିବ ବୋଲି ଏସ୍‌ଏଫ୍‌ଆଇ ପକ୍ଷରୁ କିଛି ପୋଷ୍ଟର ଲଗାଯାଇଥିଲା। ଏହାକୁ ନେଇ ଜାମିଆ କ୍ୟାମ୍ପସ୍‌ରେ ବ୍ୟାପକ



ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ବୁଧବାର ଏସ୍‌ଏଫ୍‌ଆଇର ଜଣେ ଛାତ୍ରଙ୍କୁ ଉଠାଇନେଉଛି ଦିଲ୍ଲୀ ପୋଲିସ।

## ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରି

■ **ଏସ୍‌ଏଫ୍‌ଆଇର ୭୦ ଛାତ୍ରୀଛାତ୍ର ଅଟକ**

ପୋଲିସ ମୁତୟନ ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀ ପୋଲିସ ଏସ୍‌ଏଫ୍‌ଆଇ ସହ ଜଡ଼ିତ ୭୦ ଜଣ ଛାତ୍ରୀଛାତ୍ରଙ୍କୁ ଅଟକ ରଖିଛି। ବାମପନ୍ଥୀ ଛାତ୍ର ସଙ୍ଗଠନ ଏସ୍‌ଏଫ୍‌ଆଇର ଅଭିଯୋଗ ହେଲା, ପୋଲିସ ଦ୍ୱାରା ଅଟକ ଥିବା ଛାତ୍ରୀଛାତ୍ରମାନେ ହେଲେ, ଅଜିଜ୍, ନିବେଦ୍ୟା, ଅଭିରାମ ଓ ତେଜସ୍। ଏମାନଙ୍କ ସହ ଆଉ କେତେଜଣଙ୍କୁ ମଧ୍ୟ ଅଟକ ରଖାଯାଇଛି। ଅଜିଜ୍‌ଙ୍କୁ ସୁଖଦେବ ଥାନାକୁ ନିଆଯାଇଛି। ନିବେଦ୍ୟଙ୍କୁ ସୁରକ୍ଷା କର୍ମୀମାନେ ☞ପୃଷ୍ଠା–୪

## ଧରିତ୍ରୀର ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

**ପଶ୍ଚିମବଙ୍ଗରୁ ଶିକ୍ଷା**

**କଳରାପତରିଆ ମୃତଦେହ ଠାବ**
........୫........

# ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ



ମାଗୁଣୀ ଚରଣ କୁଅଁର



କ୍ରିଷ୍ଣା ପଟେଲ



ଅନ୍ତର୍ଯ୍ୟାମୀ ମିଶ୍ର



ପଟ୍ଟାୟତ ସାହୁ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଚଳିତବର୍ଷ ପଦ୍ମଶ୍ରୀ ସମ୍ମାନରେ ୪ ଓଡ଼ିଆ ମନୋନୀତ ହୋଇଛନ୍ତି। କଳା କ୍ଷେତ୍ରରେ ମାଗୁଣୀ ଚରଣ କୁଅଁର, କ୍ରିଷ୍ଣା ପଟେଲ, ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ କୃଷି କ୍ଷେତ୍ରରେ ପଟ୍ଟାୟତ ସାହୁ ପଦ୍ମଶ୍ରୀ ସମ୍ମାନ ପାଇଁ ଚୟନ ହୋଇଛନ୍ତି। ତେବେ ଏଥର ପଦ୍ମ ବିଭୂଷଣ, ପଦ୍ମ ଭୂଷଣରେ ଓଡ଼ିଶାରୁ କେହି ସ୍ଥାନ ପାଇ ନାହାନ୍ତି।

୧୯୩୭ରେ କେନ୍ଦୁଝର ଜିଲାରେ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁର ଜନ୍ମ ଗ୍ରହଣ କରିଥିଲେ। ସେ ତାଙ୍କ ବାପା ବୈଷ୍ଣବ ଚରଣ କୁଅଁରଙ୍କ ସହ ମିଶି ☞ପୃଷ୍ଠା–୪

DADLS-86

ଓଡ଼ିଶା ସରକାର



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ–୨୦୨୩ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସମ୍ବିଧାନର ମାର୍ଗ ଦର୍ଶନରେ ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆମର ମିଳିତ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆସନ୍ତୁ ଆଜିର ଦିନରେ ସଂକଳ୍ପ ନେବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0238/2223

DADLS-86



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ–୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଏହି ପୁଣ୍ୟତିଥିରେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ଓ ମହାମନିଷୀମାନଙ୍କର ଅତୁଳନୀୟ ତ୍ୟାଗ, ତପସ୍ୟା ଓ ବଳିଦାନକୁ ସସମ୍ମାନେ ସ୍ମରଣ କରିବା ସହ ଆମ ସମ୍ବିଧାନର ମହତ ଉଦ୍ଦେଶ୍ୟ, ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଏକ ଆଦର୍ଶ ଦେଶ ଓ ରାଜ୍ୟ ଗଠନ ପାଇଁ ଆତ୍ମବିଶ୍ୱାସର ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0238/2223



# ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌ର ଶୁଭାରମ୍ଭକଲେ କେନ୍ଦ୍ରମନ୍ତ୍ରୀ



ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌କୁ ଶୁଭାରମ୍ଭ କରୁଛନ୍ତି ୩ କେନ୍ଦ୍ରମନ୍ତ୍ରୀ ।

**ଭୁବନେଶ୍ୱର,୨୫।୧(ବ୍ୟୁରୋ)** ଓଡ଼ିଶାକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଅତିଥି ସତ୍କାର କରିବାର ଦାୟିତ୍ୱ ନେବା ପାଇଁ ବୁଧବାର ନୂଆଦିଲ୍ଲୀସ୍ଥିତ ସଫଦରଜଙ୍ଗ ରେଳ ଷ୍ଟେଶନଠାରେ ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌ର ଲୋକାର୍ପଣ କରାଯାଇଛି। ଜାତୀୟ ପର୍ଯ୍ୟଟନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌ରେ ପ୍ରାୟ ୫୨୮ ଜଣ ତୀର୍ଥଯାତ୍ରୀ ବାରାଣସୀ, ବୈଦ୍ୟନାଥ, ପୁରୀ, ଭୁବନେଶ୍ୱର ଓ ଗୟା ଦେଇ ଯାତ୍ରା କରିବେ। ସେମାନେ ଶ୍ରୀମନ୍ଦିର, ଲିଙ୍ଗରାଜ, କୋଣାର୍କ, ବିଶ୍ୱନାଥ, ବୈଦ୍ୟନାଥ ମନ୍ଦିର ସମେତ ବିଷ୍ଣୁ ଭଗବାନ୍‌ଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବାର ଲାଭ ପାଇବେ। ତେଣୁ ଓଡ଼ିଶାର ଲୋକମାନେ ଏହି ଟ୍ରେନ୍‌ରେ ରାଜ୍ୟକୁ ଭ୍ରମଣ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କର ଅତିଥି ସତ୍କାର କରିବାର ଦାୟିତ୍ୱ ନିଅନ୍ତୁ। ମହାପ୍ରଭୁଙ୍କ ଆଶୀର୍ବାଦରେ ଏହି ଟ୍ରେନ୍‌ର ଶୁଭାରମ୍ଭ ହୋଇଛି। ମହାପ୍ରଭୁଙ୍କ ଇଚ୍ଛା ବିନା କୌଣସି କାମ ସମ୍ପନ୍ନ ହୁଏନାହିଁ। ତାଙ୍କର ଅନୁମତି ବିନା ଭକ୍ତମାନେ ତାଙ୍କୁ ପ୍ରତ୍ୟକ୍ଷ ଦର୍ଶନ ପାଇପାରନ୍ତି ନାହିଁ ବୋଲି ଆମର ବିଶ୍ୱାସ ରହିଛି। ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ ଓ ଐତିହ୍ୟ ସ୍ଥଳୀ ଭ୍ରମଣ କରିବା ସମୟରେ ସାଙ୍ଗରେ ମହାପ୍ରଭୁଙ୍କ ମହାପ୍ରସାଦ ଆଣିବା ସହ ରଘୁରାଜପୁରର ପଟ୍ଟଚିତ୍ର ଓ ସ୍ଥାନୀୟ ସାମଗ୍ରୀକୁ କିଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପୁରୀ ଯାଉଥିବା ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍‌କୁ ଶ୍ରୀଜଗନ୍ନାଥ ଯାତ୍ରା ଟ୍ରେନ୍‌ରେ ନାମିତ କରିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ପର୍ଯ୍ୟଟନ ବୃଦ୍ଧି ଦିଗରେ ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍‌ର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦେଶର ସାଧାରଣ ନାଗରିକମାନେ କମ୍ ଟଙ୍କାରେ ଉଚ୍ଚକୋଟୀର ସୁବିଧା ପାଇବେ। ପ୍ରଧାନମନ୍ତ୍ରୀଙ୍କ ଦେଖୋ ଅପ୍‌ନା ଦେଶ୍‌ର କଳ୍ପନା ଦିଗରେ ଆଜିର ପଦକ୍ଷେପ ଦ୍ୱାରା ସମଗ୍ର ଭାରତବର୍ଷରେ କେବଳ ପର୍ଯ୍ୟଟନର ବିକାଶ ହେବ ନାହିଁ ବରଂ ରୋଜଗାର ମଧ୍ୟ ବଢ଼ିବ। ଓଡ଼ିଶାର ସାମାଜିକ ଜୀବନରେ ମଧ୍ୟ ସୁପ୍ରଭାବ ପଡ଼ିବ। ଏହାସହ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ସାମଗ୍ରୀର ପ୍ରଚାରପ୍ରସାର ହେବା ସହ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବଳାତ୍କାରୀଙ୍କ ସହ ନାବାଳିକାଙ୍କ ବିବାହ: ୩ ଗିରଫ

**ଥିରୁଭାନନ୍ତପୁରମ, ୨୫।୧** ନାବାଳିକାଙ୍କୁ ବିବାହ ଅଭିଯୋଗରେ କେରଳର ନେଦୁମାଙ୍ଗାଦୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସମୀର(୨୩), ଉସ୍ତାଦ ଅନୱାର ସାଦଥ(୩୯) ଏବଂ ନାବାଳିକାଙ୍କ ବାପା। ୨୦୨୧ ଜାନୁୟାରୀ ୧୮ରେ ଥିରୁଭାନନ୍ତପୁରମ୍‌ରେ ଅନୁଷ୍ଠିତ ଏକ ପାରିବାରିକ ସମାରୋହରେ ଯୋଗଦେବା ଅବସରରେ ସମୀର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହାପରଠାରୁ ସମୀର ରୀତିମତ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କୁ ବାରମ୍ବାର ବଳାତ୍କାର କରିବାକୁ ଲାଗିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ସମୀରଙ୍କୁ ପୋଲିସ ଗିରଫ କରିଥିଲା। ୪ ମାସ ଜେଲରେ ରହିବା ପରେ ସେ ଜାମିନରେ ବାହାରିଥିଲେ। ଏହାପରେ ସମୀର ନାବାଳିକାଙ୍କ ଘରକୁ ଯାଉଥିଲେ। ଶେଷରେ ନାବାଳିକାଙ୍କ ଘରଲୋକେ ତାଙ୍କ ବାହାଘର ସମୀରଙ୍କ ସହ କରିବା ଲାଗି ନିଷ୍ପତ୍ତି ନେଲେ। ଉସ୍ତାଦ ଅନୱାର ସାଦଥ ସମୀର ଓ ନାବାଳିକାଙ୍କ ରୀତିନୀତିରେ ବାହାଘର କରିଥିଲେ। ନାବାଳିକା ବାହା ହୋଇଯାଇଥିବା କଥା ସେ ପଢ଼ୁଥିବା ସ୍କୁଲ କର୍ତ୍ତୃପକ୍ଷ ଜାଣିବା ପରେ ସେମାନେ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଘଟଣାର ତଦନ୍ତ କରି ତିନି ଜଣଙ୍କୁ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

DADLS-88

ଓଡ଼ିଶା ସରକାର

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ- ୨୦୨୩

ସ୍ଥାନ : ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱର

ସମୟ : ପୂର୍ବାହ୍ନ ଘ.୮.୩୦ମି.

ଓଡ଼ିଶାର ମାନ୍ୟବର ରାଜ୍ୟପାଳ

**ପ୍ରଫେସର ଗଣେଶୀ ଲାଲ**

ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ।

ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସର ସିଧା ପ୍ରସାରଣ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0241/2223

## ନୂଆ ସୋପାନରେ ଓଡ଼ିଶା

ଓଡ଼ିଶା ସରକାର

DADLS - 90

- ଓଡ଼ିଶାର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱାବଲମ୍ବୀ ମହିଳାମାନଙ୍କ ମିଶନ 'ମିଶନ ଶକ୍ତି'କୁ ସଶକ୍ତ କରିବା ପାଇଁ ଆଗାମୀ ୫ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କାର ଋଣ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ଚିହ୍ନିତ ୫୦୦ ପ୍ରମୁଖ ବେସରକାରୀ ଚିକିତ୍ସାଳୟରେ ପ୍ରତି ମାସରେ ହାରାହାରି ୧୬୫ କୋଟି ଟଙ୍କା ବ୍ୟୟରେ ୭୩ ହଜାର ରୋଗୀ ଉପକୃତ ।
- କ୍ରୀଡ଼ା ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ତଥା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ବିଭିନ୍ନ କ୍ରୀଡ଼ା ପାଇଁ ଓଡ଼ିଶାରେ ପ୍ରତିଷ୍ଠା ହୋଇଛି ଅତ୍ୟାଧୁନିକ କ୍ରୀଡ଼ା ଓ ଉତ୍କର୍ଷ କେନ୍ଦ୍ର ।
- 5-T ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୪ ହଜାର ହାଇସ୍କୁଲ ରୂପାନ୍ତରିତ । ରୂପାନ୍ତରିତ ବିଦ୍ୟାଳୟ ପରିବେଶରେ ନାମଲେଖା ୯୨.୧%କୁ ବୃଦ୍ଧି ।
- ରାଜ୍ୟର ୩୧୩ ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଭୁବନେଶ୍ୱରରେ ଉତ୍କର୍ଷ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ସୁଯୋଗ ।
- ଗତ ଦୁଇ ବର୍ଷ ମଧ୍ୟରେ ୧୩ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ ହୋଇଥିବା ବେଳେ ଆଉ ୭୫୪୦ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ।
- ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ-୨୦୨୨, ନୂଆ ଓଡ଼ିଶା ପାଇଁ ୧୦.୫ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ପ୍ରସ୍ତାବ, ୧୦.୩୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ।
- ରାଜ୍ୟର ୧୯ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ' ପାନୀୟ ଜଳଯୋଗାଣ ସୁବିଧାର ଶୁଭାରମ୍ଭ ।
- ୨୦୨୪ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ।
- ଓଡ଼ିଶାକୁ ଏକ ଅଗ୍ରଣୀ ଏମ୍‌ଆଇସିଇ ପର୍ଯ୍ୟଟନ, ଇକୋ-ଟୁରିଜିମ୍ ଏବଂ କ୍ରୀଡ଼ା ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନୀତ କରିବା ପାଇଁ ପ୍ରଣୀତ ହେଲା ନୂଆ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ।
- ମିଲେଟ୍‌ର ଲୋକପ୍ରିୟତା ପାଇଁ ମିଲେଟ୍ ମିଶନ । ରାଜ୍ୟର ଜନଜାତି ବହୁଳ ୧୫ଟି ଜିଲ୍ଲାର ୮୫ଟି ବ୍ଲକ୍‌ରେ ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନ ଏବଂ ରାଜ୍ୟ ଭିତରେ ଓ ବାହାରେ ଏହାର ବ୍ୟବହାରକୁ ଅଗ୍ରାଧିକାର ।
- ମିଲେଟ୍ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା ।
- ଏମ୍.ଏସ୍.ଏମ୍.ଇ ବିକାଶ ନୀତି ୨୦୨୨ ପ୍ରଣୟନ ଫଳରେ ରାଜ୍ୟରେ ୨୪ ହଜାର ୩୪୧ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ୫ ଲକ୍ଷରୁ ଅଧିକ ଏମ୍.ଏସ୍.ଏମ୍.ଇ ସ୍ଥାପିତ । ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଓଡ଼ିଶା ।
- ପୂର୍ବ ଭାରତର ନୂତନ ଆଇ.ଟି. ହବ୍ ଓଡ଼ିଶା : ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରକୁ ମିଳିବ ନୂଆ ଦିଶା ।
- ରାଜ୍ୟରେ ଉଚ୍ଛେଦ ହେଲା ଠିକା ନିଯୁକ୍ତି ବ୍ୟବସ୍ଥା ।
- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୮୫ କୋଟି ଟଙ୍କା ବ୍ୟୟରେ ୨୦୨୩ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଯୋଗାଣ ।
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଏକାମ୍ର କ୍ଷେତ୍ର ଓ ତାରାତାରିଣୀ ପୀଠର ବିକାଶ ସହିତ ରାଜ୍ୟର ଅନ୍ୟାନ୍ୟ ଐତିହ୍ୟ ସ୍ଥଳୀର ପୁନରୁଦ୍ଧାରକୁ ଅଗ୍ରାଧିକାର ।
- ରାଜ୍ୟ ସରକାରଙ୍କ 'ବିନା ଜୀବନ ହାନିରେ ବିପର୍ଯ୍ୟୟ ପରିଚାଳନା' ନୀତି ଯୋଗୁଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମଡ୍ଲେ ବିଶ୍ୱ ପାଇଁ ଉଦାହରଣ ।
- ଉପକୂଳ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବିପର୍ଯ୍ୟୟ ସହନଶୀଳ ଯୋଜନା ।
- ଦେଶର ସର୍ବନିମ୍ନ ୦.୯% ବେକାରି ହାର ଓଡ଼ିଶାରେ ।






ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0242/2223


SMART BAZAAR
SMART SUPERSTORE
ଫୁଲ୍ ପଇସା ଅସୁଲ୍ ସେଲ୍
Powered by Jio TRUE 5G
ଶୀଘ୍ର କରନ୍ତୁ! ଶେଷ ଦିବସ ଆଜି
ସବୁ ହୋଇଯିବେ ଗୁଲ୍, କାରଣ ଆସିଯାଇଛି ଫୁଲ୍ ପଇସା ଅସୁଲ୍ ସେଲ୍
SMART BAZAAR
ଭୁବନେଶ୍ୱର : ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନି ମଲ୍, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ଫୋରମ୍ ମାର୍ଟ, ଖାରବେଳ ନଗର । କଟକ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଆର୍କେଡ୍, ଓଲ୍ଡ ଜେଲ୍ ରୋଡ୍ • ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପଛ ପଟ, ଚୌଦ୍ୱାର । ପୁରୀ: ଗୁରୁ ଏମ୍ପାୟର, ଗ୍ରାଣ୍ଡ ରୋଡ୍ । କେନ୍ଦୁଝର : କାଶଭି ମଲ୍, ମାଇନିଂ ରୋଡ୍ । ଯାଜପୁର : ଉତ୍କଳ ସେଣ୍ଟର ପଏଣ୍ଟ, କୋର୍ଦା ବାଇପାସ୍ । ସମ୍ବଲପୁର : ସିଟି ସେଣ୍ଟର, ଫାର୍ମ ରୋଡ୍ । ରାଉରକେଲା : ଶାନ୍ତି ଟାୱର, ପୁରୁଣା ଟାଙ୍କି ଷ୍ଟାଣ୍ଡ ନିକଟ । ଝାରସୁଗୁଡ଼ା : ଶାନ୍ତି ସିଟି ସେଣ୍ଟର, ସରବହାଲ ରୋଡ୍ ।
Jio TRUE 5G
ଫୁଲ୍ ପଇସା ଅସୁଲ ଧମାକା ଅଫର୍ !
21st - 26th Jan.
₹499 ର ଶପିଙ୍ଗ୍ କରନ୍ତୁ ଏବଂ ପୁରସ୍କାର ଜିତିବା ପାଇଁ ଏକ ନୂଆ Jio Sim ପାଆନ୍ତୁ
5GB ଡାଟା ଭାଉଚର୍ସ ଗ୍ୟାରେଣ୍ଟେଡ୍
ପ୍ରତିଦିନ ଜିତିବାର ସୁଯୋଗ
5 ପ୍ରିମିୟମ 5G ସ୍ମାର୍ଟ ଫୋନ୍ସ
5 ବର୍ଷ ଅନ୍‌ଲିମିଟେଡ୍ ପ୍ଲାନ୍ ମାଗଣା
ବିସ୍କୁଟ୍ - ଲାର୍ଜ୍ ପ୍ୟାକ୍ 300 g ତଳେକି (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY2 GET ANY1 FREE MRP ପ୍ରତ୍ୟେକର ₹130 ତଳେକି
ମାଜା 1.2 ℓ BUY2 GET 1 FREE MRP ପ୍ରତ୍ୟେକର ₹75 ତଳେକି
ସନ୍‌ଫିଷ୍ଟ୍ ୟିପି /ଟପ୍ ରାମେନ୍ / ଚିଙ୍ଗ୍‌ସ ସିକ୍ରେଟ୍ ନୁଡୁଲ୍ସ 240 g ତଳେକି (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY2 GET ANY1 FREE MRP ପ୍ରତ୍ୟେକର ₹65 ତଳେକି
ଚକୋଲେଟ୍ ହୋମ୍ ପ୍ୟାକ୍ (ନେସ୍‌ଲେ କିଟ୍ କାଟ୍ / ଡେରୀ ମିଲ୍କ 126 g / ମଞ୍ଚ 187 g / ଫାଇଭ୍ ଷ୍ଟାର 200 g) ଲୋଟି ଚକୋ ପାଏ 336 g (12 ପ୍ୟାକ୍) BUY ANY2 GET ANY1 FREE MRP ପ୍ରତ୍ୟେକର ₹100 ତଳେକି
ଡଭ୍ /ପେଅର୍ସ / ଲକ୍ସ / ଗୋଦରେଜ୍ No. 1 / ସିନ୍‌ଥଲ୍ / ସନ୍ତୁର / ଡେଟଲ୍ / ଫିଆମା ସୋପ୍ 125 g ତଳେକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY2 GET ANY1 FREE MRP ପ୍ରତ୍ୟେକର ₹189 ତଳେକି
ଟାଟା ସମ୍ପନ୍ନ ପଲସେସ୍ / ପୋହା ସମ୍ପୂର୍ଣ୍ଣ ରେଞ୍ଜ 500 g ତଳେକି BUY ANY2 GET ANY1 FREE MRP ପ୍ରତ୍ୟେକର ₹50 ତଳେକି
ବ୍ରାଣ୍ଡେଡ୍ ସ୍ପାଇସେସ୍ 50 g ତଳେକି (ବଛା ବଛା ରେଞ୍ଜ) BUY ANY2 GET ANY1 FREE* *MRP ଉପରେ
କୋକା କୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 600 ml ତଳେକି (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY3 GET ANY1 FREE MRP ପ୍ରତ୍ୟେକର ₹38 ତଳେକି
କ୍ଲୋଜ୍ ଅପ୍ ରେଡ୍ / କୋଲଗେଟ୍ ସ୍ୱର୍ଣ୍ଣ ବେଦଶକ୍ତି / ମେସ୍ୱାକ୍ ଟୁଥ୍‌ପେଷ୍ଟ 300 g (ନିର୍ଦ୍ଦିଷ୍ଟ ରେଞ୍ଜ) FAMILY PACK BUY ANY1 GET ANY1 FREE MRP ₹182 ତଳେକି
ଡଭ୍ /ହେଡ୍ ଆଣ୍ଡ ଶୋଲ୍ଡର୍ସ / ଟ୍ରେସ୍‌ମି / ଲୋରିଅଲ୍ / ସନସିଲ୍କ / ପ୍ୟାଣ୍ଟିନ ଶାମ୍ପୁ 580 ml ତଳେକି (ନିର୍ଦ୍ଦିଷ୍ଟ ରେଞ୍ଜ) BUY ANY1 GET ANY1 FREE MRP ₹670 ତଳେକି
ହ୍ୱିସପର୍ ଅଲ୍ଟ୍ରା କ୍ଲିନ୍ XL 44s / ଷ୍ଟେଫ୍ରୀ ଅଲ୍ଟ୍ରା ଡ୍ରାଇମାକ୍ସ 42s (ନିର୍ଦ୍ଦିଷ୍ଟ ରେଞ୍ଜ) ସଞ୍ଚୟ ₹230 ତଳେକି MRP ₹500 ତଳେକି ଆମ ମୂଲ୍ୟ ₹270 ତଳେକି
ସର୍ଫ ଏକ୍ସେଲ 5 kg / ମେଟିକ୍ 6 kg / ଲିକ୍ୱିଡ୍ 2 ℓ / ଟାଇଡ୍ 5+1 kg / ଏରିଅଲ୍ ମେଟିକ୍ 4+2 kg / ଲିକ୍ୱିଡ୍ 2 ℓ (ଟପ୍/ ଫ୍ରଣ୍ଟ ଲୋଡ୍) (ନିର୍ଦ୍ଦିଷ୍ଟ ରେଞ୍ଜ) 25% ଛାଡ଼ MRP ₹430 ତଳେକି ଆମ ମୂଲ୍ୟ ₹323 ତଳେକି
ଇଣ୍ଡିଆ ଗେଟ୍ ବାସମତି ଚାଉଳ ରାଇସ୍ 5 kg + ଫର୍ଚ୍ୟୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 5 ℓ ଆମ ମୂଲ୍ୟ ₹1099 କମ୍ବାଇଣ୍ଡ MRP ₹1570 ସଞ୍ଚୟ ₹471
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g ଆମ ମୂଲ୍ୟ ₹299/ ₹379 MRP ₹549 / ₹499 ସଞ୍ଚୟ ₹250 / ₹120
ଉତ୍କଳ କାସପର ଜୀରା ରାଇସ୍ 10 kg ଆମ ମୂଲ୍ୟ ₹499 (₹49.90/kg) MRP 610 ସଞ୍ଚୟ ₹111
ଅନ୍ନପୂର୍ଣ୍ଣା ଦେଶୀ ଘିଅ 1 ℓ ଆମ ମୂଲ୍ୟ ₹580 MRP ₹680 ସଞ୍ଚୟ ₹100
ଡାଲଡା କଚି ଘାଣୀ ସୋରିଷ ତେଲ 1 ℓ ଆମ ମୂଲ୍ୟ ₹147 MRP ₹220 ସଞ୍ଚୟ ₹73
ଟାଟା ଟି ପ୍ରିମିଅମ୍ ଡଷ୍ଟ 1 kg ସଞ୍ଚୟ ₹80 MRP ₹380 ତଳେକି ଆମ ମୂଲ୍ୟ ₹300 ତଳେକି
ଚିପ୍ସ, ୟୋଗର୍ଟ, ମିଲ୍କ ପାନୀୟ, ପନିର୍, କେକ୍ ଏବଂ ରସ୍କ, ଫ୍ରୋଜେନ୍ ଭେଜ୍ ଏବଂ ସ୍ନାକ୍ସ 47 g ତଳେକି (ନିର୍ଦ୍ଦିଷ୍ଟ ରେଞ୍ଜ) ସର୍ବନିମ୍ନ 26% ଛାଡ଼ MRP ₹20 ତଳେକି
Raymond Home ଡବଲ୍ ବେଡଶୀଟ୍ ସେଟ୍ (କଟନ୍) ଆମ ମୂଲ୍ୟ ₹699 MRP ₹2699
ବ୍ରାଣ୍ଡେଡ୍ 3 ୟୁନିଟ୍ ହାର୍ଡ ଟ୍ରଲି ଆମ ମୂଲ୍ୟ ₹5999 *4 ହ୍ୱିଲ୍ସ *3 ବର୍ଷ ୱାରେଣ୍ଟି MRP ₹32500
ଉର୍ଦ୍ଧ୍ୱରେ 50% ଛାଡ଼ ₹129 ରୁ ଆରମ୍ଭ ନିର୍ଦ୍ଦିଷ୍ଟ ଆପାରେଲ୍ ରେଞ୍ଜ ଉପରେ
SINGER ମ୍ୟାକ୍ସିଫ୍ଲେୟାର୍ ଗ୍ଲାସ୍ ଟପ ଗ୍ୟାସ୍ ଷ୍ଟୋଭ - 3 ବର୍ନର୍ ଆମ ମୂଲ୍ୟ ₹1999 MRP ₹7560
LA OPALA ଓପାଲୱେୟାର୍ ଡିନର୍ ସେଟ୍ (18 / 32 ୟୁନିଟ୍) ଆମ ମୂଲ୍ୟ ₹999/ ₹1999 MRP ₹1995 / ₹4095
Pigeon ଷ୍ଟେନଲେସ୍ ଷ୍ଟିଲ୍ ପ୍ରେସର କୁକର୍ - 3 ℓ (ଆଉଟର / ଇନର୍ ଲିଡ୍) ଆମ ମୂଲ୍ୟ ₹999/ ₹1099 MRP ₹2295 / ₹2595
POLYSET ରିଙ୍ଗୋ କଣ୍ଟେନର୍ ସେଟ୍ 12 ୟୁନିଟ୍ (0.5 ℓ, 1 ℓ, 1.5 ℓ) *4 ୟୁନିଟ୍ ପ୍ରତ୍ୟେକ ସାଇଜ୍ ଆମ ମୂଲ୍ୟ ₹299 MRP ₹699
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ SMART POINT fresh Signature
ଏଠାରେ ମଧ୍ୟ କିଣନ୍ତୁ JioMart.com
10% CASHBACK SBI card
*Min. Trxn.: ₹2,500; Max. Cashback: ₹500 per Credit Card account. Validity: 21 Jan - 26 Jan 2023. T&C Apply.
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । ସମସ୍ତ ଅଫର୍ 26 ଜାନୁଆରୀ 2023 ପର୍ଯ୍ୟନ୍ତ ବୈଧ ଅଟେ ।

**ଆଜିର ମନ୍ତବ୍ୟ**

"ସମ୍ବିଧାନ ପ୍ରଣେତାମାନଙ୍କ ଦୂରଦୃଷ୍ଟି ଆମ ସାଧାରଣତନ୍ତ୍ରକୁ ମାର୍ଗଦର୍ଶନ କରିଆସୁଛି। ଭାରତର ଯାତ୍ରା ଅନ୍ୟ ଦେଶଗୁଡ଼ିକୁ ପ୍ରେରଣା ଦେଇଥିବାରୁ ପ୍ରତ୍ୟେକ ନାଗରିକ ଗର୍ବିତ ଅନୁଭବ କରିବା ଉଚିତ। **-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ କୁତା ଶ୍ୱଶୁର ଘରେ ଜୋଇଁ**
**ଏକ କୁତା ଭଉଣୀ ଘରେ ଭାଇ ।**

ସମ୍ପର୍କୀୟ ଘରେ ବେଶି ଦିନ ରହିଲେ ଓଜନ ହରାଇବାକୁ ପଡେ। ଏପରି ସ୍ଥଳେ ଶ୍ୱଶୁର ଘରେ ଜ୍ୱାଇଁ ଓ ଭଉଣୀ ଘରେ ଭାଇ ଆବଶ୍ୟକତା ଠୁଁ ଅଧିକ ଦିନ ବା କାଳ ରହିଲେ ଅବଜ୍ଞାର ପାତ୍ର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହାର ଦେଖି ତାହାର ଦେଖି**
**ଫରକିଲା ମୋର ଡାହାଣ ଆଖି ।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ଜେଲ୍‌ଦଣ୍ଡ

**ବାଲେଶ୍ୱର ଅଫିସ,୨୫।୧**

ବାଲେଶ୍ୱର ସ୍ୱତନ୍ତ୍ର ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଇନ୍‌ଭେଷ୍ଟର୍ସ ଡିପୋଜିଟର (ଓପିଆଇଡି)ଙ୍କ କୋର୍ଟରେ ବୁଧବାର ଏକ ଠକେଇ ମାମଲାର ଶୁଣାଣି ହୋଇଛି। ଜଜ୍ ବିଶ୍ୱଜିତ୍ ଦାସ ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ସହ ୪୩ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ୨୦୧୬ରେ କେନ୍ଦୁଝର ଜିଲାରେ ଜିଏଏଚ୍ ମଲ୍ଟି ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଅର୍ଥ ଉଠାଣକାରୀ ସଂସ୍ଥା ଖୋଲିଥିଲା। ଏହି ସଂସ୍ଥା ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ କେନ୍ଦୁଝର, ମୟୂରଭଞ୍ଜ ଜିଲା ସମେତ ବିହାର ରାଜ୍ୟର ବିଭିନ୍ନ ଅଞ୍ଚଳର ଶତାଧିକ ଲୋକଙ୍କଠାରୁ ୨୬କୋଟି ଟଙ୍କା ଠକେଇ କରିଥିଲା। କମ୍ପାନୀର ୩ ନିର୍ଦ୍ଦେଶକ ମୟୂରଭଞ୍ଜ ଜିଲା ଝାରପୋଖରୀଆ ଅଞ୍ଚଳର ହିମାଂଶୁ ଭୂଷଣ ବେହେରା, କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଅନ୍ତର୍ଯ୍ୟାମୀ ବେହେରା ଓ ପାଟଣା ଅଞ୍ଚଳର ସୁବ୍ରତ ସେଠୀଙ୍କ ନାମରେ କେନ୍ଦୁଝର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ କେନ୍ଦୁଝର ଥାନାରେ ମାମଲା (ନଂ. ୭୧/୨୦୧୯) ରୁଜୁ କରାଯାଇ କୋର୍ଟରେ ବିଚାରାଧୀନ ଥିଲା। ସରକାରଙ୍କ ପକ୍ଷରୁ ଓପିଆଇଡିର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ଚିଟ୍‌ଫଣ୍ଡ ଠକେଇ ମାମଲା**

**ପ୍ରଥମ ପୃଷ୍ଠାରୁ...**

## ତେଜିଲା ସ୍କ୍ରିନିଂ ...

ବାଡିଆପିଟା କରିଛନ୍ତି। ଏପରି କି ଛାତ୍ରୀ ନିବେଦ୍ୟା ଘଟଣାର ରେକର୍ଡିଂ କରୁଥିବାବେଳେ ସେମାନେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ତେବେ କୌଣସି ଛାତ୍ରୀ କିମ୍ବା ଛାତ୍ରଙ୍କୁ ଗିରଫ କରିବା ନେଇ ଦିଲ୍ଲୀ ପୋଲିସର କେହି ଅଧିକାରୀ କିଛି ସୂଚନା ଦେଇନାହାନ୍ତି। ବିଶ୍ୱବିଦ୍ୟାଳୟ ପ୍ରଶାସନ ମଧ୍ୟ ଡକ୍ୟୁମେଣ୍ଟାରି ସ୍କ୍ରିନିଂ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛି। ରାଜନୈତିକ ସଙ୍ଗଠନ ଏସ୍‌ଏଫ୍‌ଆଇ ସହ ଜଡ଼ିତ କେତେଜଣ ଛାତ୍ରୀଛାତ୍ର ଏକ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ସମ୍ପର୍କରେ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ବୁଧବାର ସର୍କୁଲେଟ୍ କରିଥିଲେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କ୍ୟାମ୍ପସ୍‌ରେ ଏପରି କୌଣସି ଫିଲ୍ମର ସ୍କ୍ରିନିଂ ପାଇଁ ବୈଠକ କିମ୍ବା ଗହଳିକୁ ଅନୁମତି ଦିଆଯିବ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରାଯାଇଥିଲା। ଏବେ ପୁଣି ଥରେ ସେହି ମେମୋରାଣ୍ଡମ୍‌କୁ ଦୋହରାଯାଉଛି। ଯଦି କେହି ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରନ୍ତି ତେବେ ସମ୍ପୃକ୍ତ ଛାତ୍ରୀ/ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ୟୁନିଭର୍ସିଟି କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ନଷ୍ଟ କରିବାକୁ ନ ଦେବା ପାଇଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନଙ୍କୁ ଓ ସଙ୍ଗଠନଗୁଡ଼ିକୁ ଚେତାବନୀ ଦିଆଯାଇଥିବା ବିଷୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ୨୦୦୨ରେ ଗୁଜରାଟର ଗୋଧ୍ରାରେ ସଂଘଟିତ ଦଙ୍ଗା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦାୟୀ କରି ପ୍ରସ୍ତୁତ କରାଯାଇଥିବା ଏହି ବିବାଦୀୟ ଡକ୍ୟୁମେଣ୍ଟାରିକୁ ଜେଏନ୍‌ୟୁରେ ପ୍ରଦର୍ଶନ କରିବା ପାଇଁ ବାମପନ୍ଥୀଙ୍କ ଆଦର୍ଶରେ ଅନୁପ୍ରାଣିତ ଜବାହରଲାଲ ନେହେରୁ ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ) ପକ୍ଷରୁ ମଙ୍ଗଳବାର ଉଦ୍ୟମ ହୋଇଥିଲା। ତେବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଦିଲ୍ଲୀ ପୋଲିସର ହସ୍ତକ୍ଷେପ ଫଳରେ ଏହାର ସ୍କ୍ରିନିଂ କରାଯାଇପାରି ନ ଥିଲା। ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଆରମ୍ଭ ବେଳକୁ ଜେଏନ୍‌ୟୁ ପ୍ରଶାସନ ଇଣ୍ଟରନେଟ୍ ବନ୍ଦ କରିଦେବାରୁ ଟେକାମାଡ଼ ହୋଇଥିଲା। ପ୍ରକାଶ ଯେ, କେନ୍ଦ୍ର ସରକାର ଶନିବାର ଦେଶର ବିବାଦୀୟ ସୂଚନା ପ୍ରଯୁକ୍ତି ଆଇନ ବଳରେ ଜରୁରୀ କ୍ଷମତା ବ୍ୟବହାର କରି ସାମାଜିକ ଗଣମାଧ୍ୟମରେ ଏହି ଡକ୍ୟୁମେଣ୍ଟାରିର ପ୍ରସାରଣ ଉପରେ କଟକଣା ଜାରି କରିଥିଲେ। ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ ଉପନିବେଶବାଦୀ ମାନସିକତା ଏବଂ 'ମିଥ୍ୟା ପ୍ରଚାର ମୂଳକ ଅଭିଯାନ' ଭାବେ ଅଭିହିତ କରିଛି।

## ୪ ଓଡ଼ିଆଙ୍କୁ ...

କଣ୍ଢେଇ ନାଚ କରନ୍ତି। ପାରମ୍ପରିକ ମୂର୍ତ୍ତି ଶିଳ୍ପୀ ଭଗବାନ ଜେନାଙ୍କଠାରୁ ମାଟି, ପଥର ଏବଂ କାଠରେ ମୂର୍ତ୍ତି ଶିଖିଛନ୍ତି। ଜଣେ ପପେଟ୍ରି କଳାକାର ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସେ କେନ୍ଦୁଝରଠାରେ ଉତ୍କଳ ବିଶ୍ୱକର୍ମା କଳାକୁଞ୍ଜ କଣ୍ଢେଇ ନାଚଙ୍କ ଏକ ଟ୍ରୁପ ପ୍ରତିଷ୍ଠା କରିଛନ୍ତି। ତାଙ୍କ କଳାର ପ୍ରଚାର ପାଇଁ ସେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି। ସେହିପରି ଖ୍ୟାତନାମା ସ୍ତମ୍ଭକାର ତଥା ସାହିତ୍ୟିକ ଭାବେ ପରିଚିତ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଗତ ୫୦ ବର୍ଷ ଧରି ଓଡିଆ ଭାଷା, ବ୍ୟାକରଣ, ସଂସ୍କୃତି ଏବଂ ଇତିହାସରେ ଅଧ୍ୟୟନ ଏବଂ ଅନୁସନ୍ଧାନରେ ସହଯୋଗ କରିଆସୁଛନ୍ତି। ଢେଙ୍କାନାଳରେ ଜନ୍ମିତ ମିଶ୍ର ବିଭିନ୍ନ ଭାଷାରେ ପ୍ରବନ୍ଧ ଏବଂ ପୁସ୍ତକ ଲେଖିବାରେ ମଧ୍ୟ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଏ ପର୍ଯ୍ୟନ୍ତ ସାହିତ୍ୟ କ୍ଷେତ୍ରରେ ପ୍ରାୟ ୩୦ଟି ପୁସ୍ତକ ରଚନା କରିସାରିଛନ୍ତି। ୨୦୧୯ରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଏବଂ ପୁସ୍ତକ ଲେଖାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ଓଡିଶାର ପ୍ରଥମ ବ୍ୟକ୍ତି ଯିଏକି ଓଡିଆ ଭାଷାଭାଷୀ ଭାବରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ କଳାହାଣ୍ଡି ଜିଲାର ନନ୍ଦୋଲ ଗାଁରେ ପଦ୍ମଶ୍ରୀ ପଟ୍ଟାୟତ ସାହୁ ତାଙ୍କର ଦେଢ଼ ଏକର ଜମିରେ ପ୍ରାୟ ୩୦୦୦ରୁ ଅଧିକ ଔଷଧୀୟ ବୃକ୍ଷ ଲଗାଇଛନ୍ତି। ବିନା କୌଣସି ରାସାୟନିକ ସାରରେ ସେ ଜୈବିକ ଖତ ବ୍ୟବହାର କରି ଏହି ଚାଷ କରନ୍ତି। ସେ ଗ୍ରାମରେ ଲୋକମାନଙ୍କୁ ମାଗଣାରେ ଏହି ଔଷଧୀୟ ବୃକ୍ଷ ମାଧ୍ୟମରେ ସେବା ଯୋଗାଇ ଥାଆନ୍ତି। ରଙ୍ଗବତୀ ଗାଇ ଚର୍ଚ୍ଚାକୁ ଆସିଥିଲେ କଣ୍ଠଶିଳ୍ପୀ ତଥା ପଦ୍ମଶ୍ରୀ କ୍ରିଷ୍ଣା ପଟେଲ। ଏହି ଗୀତ ୧୯୭୯ରେ ମୁକ୍ତିଲାଭ କରିଥିଲା। ସେ ସମ୍ବଲପୁରୀରେ ଅନେକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ଆହାରେ ଲରି ମତର, ରସର କେଲି ବୋ... , ସେଲ୍‌ଫି ବେବି, ମଲ୍ଲୀ ଫୁଲ ଦନା ଦନା ଏବଂ ରଙ୍ଗ ରଙ୍ଗେଇ ଦେଲୁ... ଆଦି ଗୀତ ଗାଇ ସେ ବେଶ୍ ଲୋକପ୍ରୀୟ ହୋଇଥିଲେ।

# ଡି.ଏସ୍. କୁଟେଙ୍କୁ ରାଷ୍ଟ୍ରପତି ପୋଲିସ ପଦକ

## ଓଡ଼ିଶାରୁ ୧୧ ଜଣ ପୋଲିସ କର୍ମଚାରୀଙ୍କୁ ମିଳିବ ପୋଲିସ ପଦକ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଓଡ଼ିଶାରୁ ୨ ଜଣ ପୋଲିସ କର୍ମଚାରୀଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଡି.ଏସ୍. କୁଟେ ଏବଂ ଭିଜିଲାନ୍ସ କନ୍‌ଷ୍ଟେବଲ ପ୍ରହ୍ଲାଦ କୁମାର ରାଉତ ସମ୍ମାନିତ ହେବେ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଓଡ଼ିଶାର ୧୧ ଜଣ ପୋଲିସ କର୍ମଚାରୀଙ୍କୁ ପୋଲିସ ପଦକ ମିଳିବ। ଗୁରୁବାର ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଡି.ଏସ୍. କୁଟେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଅଛନ୍ତି। ଓଡ଼ିଶାରୁ କୁଟେଙ୍କୁ ଉଲ୍ଲେଖନୀୟ ସେବା ପୋଲିସ ପଦକ ମିଳିବ। ୧୯୯୭ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଯାଜପୁର, ରାଉରକେଲା ଓ ଗଜପତି ଏସ୍‌ପି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାଛଡ଼ା ସେ କେନ୍ଦ୍ରାଞ୍ଚଳ ଡିଆଇଜି ଓ ଗୋଇନ୍ଦା ଡିଆଇଜି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୫ରୁ ୨୦୧୬ ଗୋଇନ୍ଦା ବିଭାଗ ଆଇଜି ଭାବେ କାର୍ଯ୍ୟ କରିଛନ୍ତି। ସେ ୨୦୧୬ରୁ ୨୦୧୭ ରାଜ୍ୟ ପରିବହନ କମିଶନର ଥିଲେ। ଗୋଇନ୍ଦା ବିଭାଗ ଡିଆଇଜି ଥିବା ବେଳେ ୨୦୧୩ରେ ପ୍ରଶଂସନୀୟ ସେବା ପାଇଁ ସେ ପୋଲିସ ପଦକ ପାଇଥିଲେ। ୨୦୧୭ରୁ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି। ପୋଲିସ ପଦକ ବିଜେତାମାନେ ହେଲେ ଭଦ୍ରକର ଅତିରିକ୍ତ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଓ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସୁନ୍ଦରଗଡ଼ ଭିଜିଲାନ୍ସ ୟୁନିଟ୍‌ର ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଭୁବନେଶ୍ୱର ଏସିପି ହିମାଂଶୁ ଭୂଷଣ ସ୍ୱାଇଁ, ଭୁବନେଶ୍ୱରସ୍ଥିତ ବିପିଏସ୍‌ପିଏର ଡେପୁଟି କମାଣ୍ଡାଣ୍ଟ ଜ୍ଞାନେନ୍ଦ୍ର କୁମାର ଦାସ, ଭୁବନେଶ୍ୱରସ୍ଥିତ ସିକ୍ୟୁରିଟି ୱିଙ୍ଗ୍ ଇନ୍ସପେକ୍ଟର ଅରୁଣ ବଳିଆରସିଂ, ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ଏସ୍‌ଆଇ ଯୁଗଳ କିଶୋର ପ୍ରଧାନ, କଟକ ନୂଆପାଟଣାର କନ୍‌ଷ୍ଟେବଲ ସରୱରଦ୍ଦିନ୍ ଖାଁ, ଭୁବନେଶ୍ୱରସ୍ଥିତ ଏସ୍ସିଆରବି ପୋଲିସ ଏଏସ୍‌ଆଇ (କମ୍ପ୍ୟୁଟର୍) ବିଜ୍ଞାନ ଭୂଷଣ ମହାନ୍ତି, ଭୁବନେଶ୍ୱରର ପୋଲିସ ଡ୍ରିଲ୍ ଇନ୍ସପେକ୍ଟର୍ ଅନିଲ କୁମାର ମିଞ୍ଜ ଓ ରାଉରକେଲାସ୍ଥିତ ୪ର୍ଥ ବାଟାଲିୟନର ସିପାହି ପ୍ରଦୀପ କୁମାର ବେହେରା। ସାଧାରଣତନ୍ତ୍ର ଦିବସ ଅବସରରେ ସେମାନଙ୍କୁ ପୁରସ୍କୃତ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୩ ପାଇଁ ୯୦୧ ପୋଲିସ କର୍ମଚାରୀଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ମିଳିବ। ସେଥିରୁ ୧୪୦ଜଣଙ୍କୁ ସାହସିକତା ପୁରସ୍କାର ମିଳିବାକୁ ଥିବା ବେଳେ ୯୩ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ମିଳିବ। ସେହିପରି ୬୬୮ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପୁରସ୍କାର ମିଳିବ।


ଡି.ଏସ୍. କୁଟେ

## ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା, ଅଗ୍ନିଶମ ବିଭାଗରେ ୯ଜଣଙ୍କୁ ପଦକ

**ବେସାମରିକ ପ୍ରତିରକ୍ଷାର ଭୋଲ୍ୟୁଣ୍ଟିୟର ପ୍ରମୋଦଙ୍କୁ ରାଷ୍ଟ୍ରପତି ପଦକ**

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଜ୍ୟର ୯ଜଣଙ୍କୁ ପଦକ ପ୍ରଦାନ କରାଯିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଅଗ୍ନିଶମ ସେବା ବର୍ଗରୁ ୩ଜଣ ଅଗ୍ନିଶମ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଲିଡିଂ ଫାୟାର ମ୍ୟାନ୍ କାଳୀଚରଣ ଶବର, ଡ୍ରାଇଭର ହାବିଲଦାର ବିପଦଭଞ୍ଜନ ବେହେରା ଓ ନକୁଳ ନାୟକ। ଅନ୍ୟପକ୍ଷରେ ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୬ ଜଣଙ୍କୁ ପଦକ ମିଳିବ। ଉଲ୍ଲେଖନୀୟ ସେବା ପାଇଁ ବେସାମରିକ ପ୍ରତିରକ୍ଷା ବର୍ଗର ଭୋଲୁଣ୍ଟିୟର ପ୍ରମୋଦ କୁମାର ଦଳେଇଙ୍କୁ ରାଷ୍ଟ୍ରପତି ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ପଦକ ମିଳିବ। ସେହିପରି ପ୍ରଶଂସନୀୟ ସେବା ପାଇଁ ହୋମଗାର୍ଡ ପ୍ରତାପ ଚନ୍ଦ୍ର ଖଣ୍ଡୁଆଳ, ବାବୁଲି ହାତି, ଉମେଶ ନାୟକ, ପ୍ରମୋଦ କୁମାର ସାହୁ ଓ ବିପିନ ବିହାରୀ ବିଶ୍ୱାଳଙ୍କୁ ବେସାମରିକ ପ୍ରତିରକ୍ଷା ଓ ହୋମଗାର୍ଡ ପଦକ ମିଳିବ।

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନୟାଗଡ଼ ଅଫିସ,୨୫।୧**

ନୟାଗଡ଼ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟରେ ନୂଆଗାଁ ଥାନା ଅଞ୍ଚଳର ଏକ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଫାଷ୍ଟ ଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ସାକ୍ଷ୍ୟ ଓ ପୀଡ଼ିତାଙ୍କ ବୟାନ, ତଦନ୍ତ ରିପୋର୍ଟ, ଓକିଲଙ୍କ ଯୁକ୍ତି ଓ ପ୍ରମାଣକୁ ବିଚାର କରି ବଳାତ୍କାରୀ ବୁଢ଼ାବାରୀ ଗାଁର ପ୍ରମୋଦ କୁମାର ଜାନି(୩୮)ଙ୍କୁ ଦୋଷୀସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ସହାୟତା ଦେବାକୁ ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ କହିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁଲାଇ ୬ରେ ଘରେ କେହି ନ ଥିବା ସୁଯୋଗ ନେଇ ବୁଢ଼ାବାରୀ ଗାଁର ପ୍ରମୋଦ କୁମାର ଜାନି ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ । ପୀଡ଼ିତା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରି ଚୁପ ରହିବାକୁ ଚେତାବନୀ ଦେବା ସହ ନାନା ଭୟ ଦେଖା ଦେଖାଇଥିଲେ । ଏ ଘଟଣା ସମ୍ପର୍କରେ ଅନ୍ୟ କାହାକୁ କହିଲେ ହତ୍ୟା କରି ମୃତଦେହ ଫୋପାଡ଼ି ଦେବାକୁ ସେ ଚେତାବନୀ ଦେଇଥିଲେ। ଘଟଣା ସମ୍ପର୍କରେ ପୀଡ଼ିତା ବିଳମ୍ବରେ ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮/୨୧) ରୁଜୁ କରି ଘଟଣାର ତଦନ୍ତ କରିଥିଲା । ପରେ ଅଭିଯୁକ୍ତ ଗିରଫ ହୋଇ ହାଇକୋର୍ଟରୁ ଜାମିନ ପାଇଥିଲେ । ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରୋସିକ୍ୟୁଟର ଅମୀୟ ପଟ୍ଟନାୟକ ଏହି ମାମଲା ପରିଚାଳନା କରିଥିଲେ ।

# ଜଳବାୟୁ ସହନ କୃଷି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ରାଜ୍ୟରେ କୃଷିର ବିକାଶ ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସର୍ବଦା ରହିଆସିଛି । ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟରେ ଅଧିକ ପ୍ରଭାବିତ ହୋଇଥାଆନ୍ତି । ପରିବେଶର ସନ୍ତୁଳନ ରକ୍ଷା ନିମନ୍ତେ ଜଙ୍ଗଲ ଓ ଜଳ ଉତ୍ସଗୁଡ଼ିକର ଉପଯୁକ୍ତ ସଂରକ୍ଷଣର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କୃଷିନୀତି ସମୃଦ୍ଧି-୨୦୨୦ ପ୍ରଣୟନ କରାଯାଇଛି। ପରିବେଶକୁ ସୁସ୍ଥ ରଖିବା ନିମନ୍ତେ ଜଳ,ଜମି ଓ ମୃତ୍ତିକା ତଥା କୃଷି ନିମନ୍ତେ ଆବଶ୍ୟକ ସାମଗ୍ରୀଗୁଡ଼ିକର ଉପଯୁକ୍ତ ବ୍ୟବହାର, ଜଳବାୟୁ ଅନୁକୂଳ ଓ ସହନଶୀଳ କୃଷି କାର୍ଯ୍ୟ, କୃଷି କ୍ଷେତ୍ରରେ ମହିଳା ବର୍ଗଙ୍କ ଭୂମିକା ଓ ଯୋଗଦାନ ଏବଂ ଉନ୍ନତ ଜ୍ଞାନକୌଶଳର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି । ଏହିସବୁ ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ଅଂଶୀଦାରଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ବୁଧବାର ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

କର୍ମଶାଳାରେ ଯୋଗଦେଇ କୃଷି ଉତ୍ପାଦନ କମିଶନର ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଲେ, ପରିବେଶକୁ ସୁସ୍ଥ ରଖି କୃଷିରେ ଅନେକ ନୀତିଗତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ରାଜ୍ୟରେ କୃଷି କ୍ଷେତ୍ରରେ ରୂପାନ୍ତରୀକରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ ।

ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ଯୋଶୀ ରାଜ୍ୟରେ ଥିବା ସର୍ବସାଧାରଣ ସମ୍ପତ୍ତି ଯଥା ଜଳଉତ୍ସ, ଜଙ୍ଗଲ, ଗୋଚର ଇତ୍ୟାଦି ଜମିଗୁଡ଼ିକର ସଂରକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ଗ୍ରାମ ପଞ୍ଚାୟତ ସ୍ତରରେ ଥିବା ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ନିରନ୍ତର କୃଷି ପଦ୍ଧତିଗୁଡ଼ିକର ଅନୁସରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କୃଷି ଗବେଷଣା ଓ କୃଷି ସମ୍ପ୍ରସାରଣ ପାଇଁ ନୂତନ ପଦ୍ଧତିର ଆବଶ୍ୟକତା ଉପରେ ଆଲୋଚନା କରି ବିଭିନ୍ନ ଅଞ୍ଚଳରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର କୃଷି ସମ୍ପ୍ରସାରଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଜୀବିକା ମିଶନ ଓ ଓଡ଼ିଶା ମିଲେଟ ମିଶନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । କର୍ମଶାଳାରେ ଅନୁଷ୍ଠିତ ୪ଟି ଅଧିବେଶନରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞ, କୃଷକ ସଂଗଠନର ପ୍ରତିନିଧି, ମହିଳା କୃଷକ ତଥା ବେସରକାରୀ ଅନୁଷ୍ଠାନର ପ୍ରତିନିଧିମାନେ ପରିବେଶକୁ ସୁରକ୍ଷିତ ରଖୁଥିବା ତଥା କମ୍ ଖର୍ଚ୍ଚରେ ହୋଇପାରୁଥିବା ବିଭିନ୍ନ ପ୍ରକାର ନିରନ୍ତର କୃଷି ବ୍ୟବସ୍ଥା କିପରି କରାଯାଇପାରିବ ସେଥିନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କର୍ମଶାଳାରେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଚିତ୍ରା ଅରୁମୁଗମ୍, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କାଙ୍କ ସମେତ ବହୁ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପାରିବାରିକ ପରିସ୍ଥିତି ସୁଧାରିବାକୁ ଯାଇ ଅତ୍ୟଧିକ ଖର୍ଚ୍ଚକୁ ରୋକିବା ପାଇଁ ଚେଷ୍ଟିତ ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ଯୁକ୍ତିତର୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ ରହିଯାଇଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ।

**ବୃଷ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅଫିସ୍‌ରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ଚାପ ବୃଦ୍ଧି ପାଇବା ଯୋଗୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପରିସ୍ଥିତିବଶତଃ ଅନ୍ୟମାନଙ୍କୁ ବିଶ୍ୱାସକରି ପ୍ରତାରିତ ହୋଇପାରନ୍ତି।

**ମିଥୁନ** ବହୁଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବା ବଦଳରେ ଆଗାମୀ ସମୟ ସକାଶେ ଅପେକ୍ଷା କରିବାକୁ ପଡ଼ିବ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି ନିର୍ମାଣର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ଦୈହିକ ଦୁର୍ବଳତା ଯୋଗୁ କାମରେ ନିରୁତ୍ସାହିତ ହୋଇପାରନ୍ତି। ମାଙ୍ଗଳିକ କାମରେ ବନ୍ଧୁମିଳନ ଜନିତ ସମୟକୁ ଅତିବାହିତ କରାଇପାରନ୍ତି। ପରିବାରରେ ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳିନେବେ। ଆତ୍ମୀୟମାନେ ପରୋକ୍ଷ ଶତ୍ରୁଭାବ ପୋଷଣ କରୁଥିଲେ ମଧ୍ୟ ମୁହଁ ସାମ୍ନାରେ କିଛି କହିପାରନ୍ତିନାହିଁ।

**ସିଂହ** କର୍ମକ୍ଷେତ୍ରରେ ମାନସିକ ଚାପଗ୍ରସ୍ତପୂର୍ବକ ପାରିବାରିକ ସମସ୍ୟାକୁ ଠିକ୍‌ଭାବେ ବୁଝିପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ନିକଟସ୍ଥ ବନ୍ଧୁ କିମ୍ବା ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା** ଚକ୍ଷୁ କିମ୍ବା କର୍ଣ୍ଣରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଫେରିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ସଭାସମିତିରେ ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମ୍ପର୍କୀୟଙ୍କ ବ୍ୟବହାରରେ କ୍ଷୁବ୍ଧ ହେବେ।

**ତୁଳା** ଯୁକ୍ତିତର୍କ ଓ ବାଦବିବାଦରୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅର୍ଥ ଓ ସମ୍ମାନ ପାଇବେ ଏବଂ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ପରିସ୍ଥିତି ଏପରି ହେବ ଯେ ଘରକାମ ଛାଡ଼ି ବାହାର କାମରେ ବେଶି ସମୟ କାଟିବେ। ଅପରାହ୍ନରେ ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**ବିଛା** ଅନ୍ୟର ସହମତିପ୍ରାପ୍ତ ହୋଇ ଇଚ୍ଛିତ କାମ ସମ୍ପନ୍ନ କରିବେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇ ଯିବ। ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ, କିନ୍ତୁ ପିଲାଙ୍କ ସମସ୍ୟା ନେଇ ଚିନ୍ତିତ ରହିବେ।

**ଧନୁ** ଆଜି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଅତୀତ ଘଟଣାର ସ୍ମୃତି ରୋମନ୍ଥନ କରି ରାତିରେ ଶାନ୍ତିରେ ମଧ୍ୟ ଶୋଇପାରିବେ ନାହିଁ। ପୂର୍ବ ରାଗ ଶୁଝାଇବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବ ଏବଂ ନୂତନ ଯୋଜନାରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ, ପାରିବାରିକ ଓ ସାମାଜିକ କ୍ଷେତ୍ରକୁ କଳୁଷିତ କରିପାରେ। ତଥାପି ନିଜର ଦୂରଦର୍ଶିତା ହେତୁ ପୂର୍ବରୁ ନିଜକୁ ସଜାଡ଼ି ନେବାରେ ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ବ୍ୟବସାୟ ଓ ଜମିଜମା କାରବାରରେ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** ବାହାର ଦୁନିଆରେ ବାହାବା ମିଳିବ କିନ୍ତୁ ଘରେ ଓଲଟା ଫଳ ପାଇବେ। ସମସ୍ୟା ଆସିଲେ ମଧ୍ୟ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆତ୍ମୀୟଙ୍କ ବ୍ୟବହାର, ଚାଲିଚଳନ ଏପରି କି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମୀନ** ସମାଜର ପ୍ରତ୍ୟେକ କ୍ଷେତ୍ରରେ କଳା କୌଶଳକୁ ବାସ୍ତବତାର ରୂପ ପ୍ରଦାନ କରିବେ। ଫଳତଃ କଥାରେ ଚାତୁରି ପ୍ରକାଶ ପାଇବ ଓ ପ୍ରତିଷ୍ଠା ମଧ୍ୟ ମିଳିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଅଟକି ଥିବା କାମ ମଧ୍ୟ ହୋଇଯିବ। କେବଳ ନିଜ ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ନିଜର ଏକଜିଦିଆ ମନୋବୃତ୍ତିକୁ ନିୟନ୍ତ୍ରଣ କରିବା ଜରୁରୀ।

ଆଜି ମାଘ ଶୁକ୍ଳପକ୍ଷର ପଞ୍ଚମୀ ଯୁକ୍ତ ଷଷ୍ଠୀ ଗୁରୁବାର, ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ରଥକାଠ ଅନୁକୂଳ, ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ, ଅନ୍ତର୍ଜାତୀୟ ସୀମାଶୁଳ୍କ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଷଷ୍ଠକୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଆଜି ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା ଜଳାଶୟ ଖନନାଦି ପାଇଁ ଶୁଭଦିନ। ଦିବା ଘ.୦୬।୨୭ ଗତେ ଘ.୦୭।୫୫ ମଧ୍ୟେ, ଘ.୧୦।୫୨ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୨ ଗତେ ଘ.୦୨।୪୫ ମଧ୍ୟେ ରାହୁକାଳ।

# ଢେଙ୍କାନାଳରେ ବର୍ଷର ପ୍ରଥମ ହାତୀମୃତ୍ୟୁ

■ ଜଗି ରହିଛନ୍ତି ହାତୀପଲ, ପହଞ୍ଚି ପାରୁନି ବନ ବିଭାଗ

ଢେଙ୍କାନାଳ ଅଫିସ୍, ୨୫।୧

ଢେଙ୍କାନାଳ ଜିଲାରେ ଚଳିତ ବର୍ଷର ପ୍ରଥମ ହାତୀମୃତ୍ୟୁ। ସଦର ରେଞ୍ଜ୍ ମହୁଲପଡ଼ା ନିକଟ ଜଙ୍ଗଲରେ ମଙ୍ଗଳବାର ପୂର୍ବାହ୍ନରେ ଏକ ହାତୀ ଛୁଆର ମୃତ୍ୟୁ ଘଟିଛି। ତେବେ ମା' ସମେତ ହାତୀପଲ ଜଗି ରହିଥିବାରୁ ବୁଧବାର ସନ୍ଧ୍ୟାସୁଦ୍ଧା ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିପାରିନାହିଁ। ଫଳରେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ମଧ୍ୟ ସମ୍ଭବ ହୋଇପାରିନାହିଁ। ସୂଚନା ପାଇ ଜିଲା ଦାୟିତ୍ୱରେ ଥିବା କଞ୍ଜରଭେଟର ଅଫ୍ ଫରେଷ୍ଟ ଡ. ପ୍ରକାଶଚାନ୍ଦ ଗୋଗିନେନି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବନ କର୍ମଚାରୀ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ସଦସ୍ୟ ହାତୀପଲ ଉପରେ ନଜର ରଖିଛନ୍ତି। ଗୁରୁବାର ଯେମିତି ହେଲେ ହାତୀ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ହାତୀଙ୍କ ଗର୍ଜନରେ ଉକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ ଆଖପାଖ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।
















# କଲରାପତରିଆ ମୃତଦେହ ଠାବ

■ ତଣ୍ଟିରେ କ୍ଷତ, ଶିକାର ସନ୍ଦେହ
■ ଯୁଗ୍ମ ଟାସ୍କଫୋର୍ସ ଟିମର ତଦନ୍ତ
■ ଲାବରେଟୋରି ପଠାଗଲା ନମୁନା

ଢେଙ୍କାନାଳ ଅଫିସ୍/ସାତମାଇଲ (ଡି.ଏନ୍.ଏ.), ୨୫।୧

ଜୈବ ବିବିଧତାରେ ଭରପୂର ଢେଙ୍କାନାଳ ଜିଲାରୁ କେବେଠାରୁ ଲୋପ ପାଇଯାଇଛନ୍ତି ମହାବଳ ବାଘ। ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବଂଶବୃଦ୍ଧି ଏହି ଅଭାବବୋଧକୁ ସାମାନ୍ୟ ପୂରଣ କରିବ ବୋଲି ଆଶା କରାଯାଉଥିଲା। ହେଲେ ଏବେ ଏହି ପ୍ରଜାତି ମଧ୍ୟ ସୁରକ୍ଷିତ ନୁହନ୍ତି, ତାହା ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ହିନ୍ଦୋଳ ରେଞ୍ଜ୍ ଖଜୁରିଆକଟା ସେକ୍ସନ ବାରିହାରଗଡ଼ି ଗ୍ରାମ ନିକଟ ନାଳରୁ ବୁଧବାର ସକାଳେ ଏକ କଲରାପତରିଆ ବାଘ ମୃତଦେହକୁ ବନ ବିଭାଗ ଠାବ କରିଛି। ବ୍ୟବଚ୍ଛେଦ ସମୟରେ ଏହାର ତଣ୍ଟିରେ କ୍ଷତ ଚିହ୍ନ ରହିଥିବା ଜଣାପଡ଼ିଛି। ବାଘମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଶିକାରୀଙ୍କ ଫାଶରେ ପଡ଼ି ଏହାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

ସୂଚନା ପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ଏମ୍. ଯୋଗଜୟାନନ୍ଦ, ଢେଙ୍କାନାଳ ଜିଲା ଦାୟିତ୍ୱରେ ଥିବା କଞ୍ଜରଭେଟର ଅଫ୍ ଫରେଷ୍ଟ ଡ. ପ୍ରକାଶଚାନ୍ଦ ଗୋଗିନେନି, ଭୁବନେଶ୍ୱରରୁ ଆସିଥିବା ୩ ଜଣିଆ ଯୁଗ୍ମ ଟାସ୍କଫୋର୍ସ ଦଳ, ହିନ୍ଦୋଳ ରେଞ୍ଜର ଲୋହିତ ରଥ ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅଣ୍ଡିରା ପ୍ରଜାତିର ଉକ୍ତ ବାଘର ଆନୁମାନିକ ବୟସ ୪ରୁ ୫ ବର୍ଷ ମଧ୍ୟରେ ହେବ। ଏହା ହିନ୍ଦୋଳ ରେଞ୍ଜ କୋଇ ସଂରକ୍ଷିତ ଜଙ୍ଗଲରୁ ଚାଲିଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଯାଞ୍ଚ ବେଳେ ବାଘ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିଲା। ତେବେ ବ୍ୟବଚ୍ଛେଦ ସମୟରେ ତଣ୍ଟିରେ କ୍ଷତ ରହିଥିବା ଜଣାପଡ଼ିଛି। କେଉଁ କାରଣରୁ କଲରାପତରିଆର ମୃତ୍ୟୁ ଘଟିଲା, ତାହା ଜାଣିବା ପାଇଁ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯାଇଛି। ସେଠାରୁ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ ବୋଲି କଞ୍ଜରଭେଟର ଅଫ୍ ଫରେଷ୍ଟ ଗୋଗିନେନି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ହିନ୍ଦୋଳ ରେଞ୍ଜ ଅଧୀନ କନ୍ଧରା, କୋଇ ସଂରକ୍ଷିତ ଜଙ୍ଗଲରେ ଗତ କିଛି ବର୍ଷ ହେଲା କଲରାପତରିଆ ବାଘ ସଂଖ୍ୟା ବୃଦ୍ଧି ଘଟୁଛି। ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବାଘଙ୍କୁ ସୁରକ୍ଷା ଦେବାକୁ ବନ ବିଭାଗ ବହୁବିଧ ପଦକ୍ଷେପ ହାତକୁ ନେଇଛି। ହେଲେ ବିଭିନ୍ନ ସମୟରେ ବାଘମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ଗତବର୍ଷ କୋଇ ସଂରକ୍ଷିତ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ି ଏକ କଲରାପତରିଆର ମୃତ୍ୟୁ ଘଟିଥିଲା। ଅଦ୍ୟାବଧି ଏହି ଘଟଣାରେ କୌଣସି ଅଭିଯୁକ୍ତ ଧରାପଡ଼ିନାହାନ୍ତି। ଏବେ ଆଉ ଏକ ବାଘର ମୃତ୍ୟୁ ଘଟିବା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି।


ମୃତ କଲରାପତରିଆ ବାଘ।



ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ



# ପଶ୍ଚିମବଙ୍ଗରୁ ଶିକ୍ଷା



କୌଶିକ ବସୁ

ବିଶ୍ୱ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତିତ ସ୍ଥିତିରେ ପହଞ୍ଚିଛି। ପାରମ୍ପରିକ ଶ୍ରମର ସ୍ଥାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ନେଉଛି। ଏଥିପାଇଁ ଭବିଷ୍ୟତରେ ଦେଶଗୁଡ଼ିକ କାର୍ଯ୍ୟର ପରିବର୍ତ୍ତିତ ଧାରାକୁ ଗ୍ରହଣ କରିବା ସମ୍ଭାବନା ପ୍ରକାଶ ପାଇଛି। କିନ୍ତୁ ଏହାର ଗ୍ରହଣୀୟତା ଲାଗି ସୃଜନାତ୍ମକତାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ବ୍ୟବସ୍ଥା ଆବଶ୍ୟକ। ବିଶେଷକରି ଭାରତ ଭଳି ଦେଶ ପାଇଁ ଏହା ପ୍ରଯୁଜ୍ୟ। କାରଣ ଏଠାରେ ଡିଜିଟାଲ ବିଭେଦ ଅଧିକ ଏବଂ ଏହା ବୃଦ୍ଧି ପାଉଥିବା ଅସମାନତା ପ୍ରତି ବିପଦ। ମାସେ ହେଲା ମୁଁ ଭାରତର ବିଭିନ୍ନ ସ୍ଥାନ ଗସ୍ତ କରୁଛି। ରାସ୍ତାରେ ଯିବା ସମୟରେ ଶିକ୍ଷା ଓ ଗବେଷଣା ସହ ଜଡ଼ିତ ବହୁ ବ୍ୟକ୍ତିଙ୍କ ସହ ଆଲୋଚନା କରୁଛି। ଏହି କ୍ରମରେ ସଂଯୋଗବଶତଃ ମୁଁ ଦିଲ୍ଲୀରେ ପହଞ୍ଚିଲି। ସେତେବେଳେ ଆନୁଆଲ ଷ୍ଟାଟସ ଅଫ୍ ଏଡୁକେଶନ ରିପୋର୍ଟ(ଏଏସ୍ଇଆର୍) ପ୍ରକାଶ ପାଇଥିଲା। ଏଏସ୍ଇଆର୍ ଗ୍ରାମୀଣ ଭାରତର ସ୍କୁଲ ଓ ପ୍ରଚଳିତ ଶିକ୍ଷା ସମ୍ପର୍କିତ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଚଳିତ ବର୍ଷ ସ୍ୱେଚ୍ଛାସେବୀମାନେ ଦେଶ ସାରା ୧୭,୦୦୦ରୁ ଅଧିକ ସ୍କୁଲ ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। କୋଭିଡ୍-୧୯ ଦେଖାଦେବାର ୪ ବର୍ଷ ପରେ ଉକ୍ତ ରିପୋର୍ଟ ଭାରତର ପିଲାମାନଙ୍କ ଶିକ୍ଷା ଉପରେ ମହାମାରୀର ବିଧ୍ୱଂସକ ପରିଣାମର ମହତ୍ତ୍ୱପୂର୍ଣ୍ଣ ଝଲକ ପ୍ରଥମେ ସାମ୍ନାକୁ ଆଣିଛି। ଏହା ମଧ୍ୟ ଅନ୍ୟ ବିକାଶଶୀଳ ଏବଂ ବିକଶିତ ଦେଶଗୁଡ଼ିକରେ ଅନେକ ଲକ୍ଷ ଛାତ୍ରଙ୍କ ଜଟିଳ ଅନୁଭବକୁ ଉପସ୍ଥାପନ କରିଛି।

ଉକ୍ତ ରିପୋର୍ଟ ଦର୍ଶାଇଛି ଯେ,ଭାରତର ସବୁ ବୟସ ବର୍ଗର ପିଲାମାନଙ୍କ ପ୍ରାରମ୍ଭିକ ପଢ଼ା ଦକ୍ଷତା ହ୍ରାସ ପାଇ ୨୦୧୨ ପୂର୍ବ ସ୍ତରରେ ପହଞ୍ଚିଛି ଏବଂ କୋଭିଡ୍ ମହାମାରୀ ପୂର୍ବରୁ ପିଲାମାନଙ୍କ ଦକ୍ଷତାରେ ଯାହା କିଛି ବିକାଶ ହୋଇଥିଲା ତାହା ସବୁ ଓଲଟପାଲଟ ହୋଇଯାଇଛି। ଉଦାହରଣ ସ୍ୱରୂପ, ୨୦୧୮ରେ ୨୭.୩% ତୃତୀୟ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢିପାରୁଥିଲେ। କିନ୍ତୁ ତାହା ହ୍ରାସ ପାଇ ୨୦୨୨ରେ ଏହା ପହଞ୍ଚିଛି ୨୦.୫%ରେ। କେବଳ ସରକାରୀ ସ୍କୁଲରେ ନାମ ଲେଖାରେ ପ୍ରଗତି ହୋଇଛି। ସରକାରୀ ସ୍କୁଲଗୁଡ଼ିକରେ ୬-୧୪ ବର୍ଷ ବୟସର ପିଲାମାନଙ୍କ ସଂଖ୍ୟା ୨୦୦୬ରୁ ୨୦୧୪ ମଧ୍ୟରେ ହ୍ରାସ ପାଇବାରେ ଲାଗିଥିଲା। ହେଲେ ଏଥିରେ ପରିବର୍ତ୍ତନ ଆସିଛି। ୨୦୧୮ରେ ଏହି ବୟସ ବର୍ଗର ପିଲାଙ୍କ ମଧ୍ୟରୁ ୬୫.୬% ସରକାରୀ ସ୍କୁଲରେ ନାମ ଲେଖାଇଥିଲେ ଓ ୨୦୨୨ରେ ଏହି ସଂଖ୍ୟା ୭୨.୯%କୁ ବୃଦ୍ଧିପାଇଛି। ଯଦି ଭାରତରେ ଶିକ୍ଷାରେ ସୁଧାର ଆଣିବା ସକାଶେ ଏବେ ଅନୁସୃତ ଯୋଜନାଗୁଡ଼ିକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଏ ତେବେ ଆହୁରି ଉତ୍ତମ ସ୍ଥିତି ଆଶା କରାଯାଇପାରିବ।



ମୋ ଯାତ୍ରା ସମୟରେ ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ଆଦିବାସୀ ଅଧ୍ୟୁଷିତ ତଥା ଆର୍ଥିକ ଦୃଷ୍ଟିକୋଣରୁ ଏକ ପଛୁଆ ଅଞ୍ଚଳରେ ଶିକ୍ଷାର ପ୍ରଗତି ମୋତେ ଅଧିକ ଉତ୍ସାହିତ କରିଥିଲା। ଆଜକୁ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଦକ୍ଷିଣପୂର୍ବ ଏସିଆରୁ ଆସିଥିବା ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ବସବାସ କରୁଛନ୍ତି। ଉକ୍ତ ପଛୁଆ ଗ୍ରାମୀଣ ଅଞ୍ଚଳର ମଧ୍ୟଭାଗରେ ଥିବା ଫିଲିକ୍ସ ସ୍କୁଲର ଦଶମ ଶ୍ରେଣୀ ପିଲାଙ୍କୁ ଗାଣିତିକ ମଡେଲରେ ଗେମ୍ ଥିଓରି ବିଷୟରେ ପଢାଇବା ଲାଗି ସେଠାରେ ପହଞ୍ଚିଥିଲି। ଫିଲିକ୍ସ ସ୍କୁଲର ଲକ୍ଷ୍ୟ ଅତ୍ୟନ୍ତ ମହତ୍ତ୍ୱାକାଂକ୍ଷୀ। ଏହା ଆଧୁନିକ ଇଂରାଜୀ ମାଧ୍ୟମରେ ଗଣିତ, ବିଜ୍ଞାନ ଏବଂ ମାନବ ବିଜ୍ଞାନ ଆଦି ବିଷୟରେ ଶିକ୍ଷା ପ୍ରଦାନ କରୁଛି। ପିଲାମାନଙ୍କୁ ଏଭଳି ସ୍ତରରେ ଶିକ୍ଷା ଦିଆଯାଉଛି ଯେ, ସେମାନେ ନ୍ୟୁୟର୍କ କିମ୍ବା ଦିଲ୍ଲୀର ଏକ ଶ୍ରେଷ୍ଠ ସ୍କୁଲରେ ବି ପଢ଼ିପାରିବେ। ଏହି ସ୍କୁଲ ୨୦୧୪ରେ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ଏବେ ୫୦୦ ପିଲା ପଢୁଛନ୍ତି ଓ ଏମାନଙ୍କ ମଧ୍ୟରେ ପ୍ରାୟ ଅଧା ହେଉଛନ୍ତି ଛାତ୍ରୀ। ଅଧିକାଂଶ ଛାତ୍ର ଗରିବ ସୀମାରେଖା ତଳେ ଥିବା ପରିବାରରୁ ଆସିଛନ୍ତି ଓ ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ସାନ୍ତାଳୀ ଆଦିବାସୀ।

ପୁରୁଲିଆ ଏକ ଦୁର୍ଗମ ଅଞ୍ଚଳ ଭାବେ ଜଣାଶୁଣା। ସେଠାରେ ପହଞ୍ଚିବା ପାଇଁ ମୁଁ ବେଙ୍ଗାଲୁରୁରୁ ବିମାନ ଯୋଗେ ଦୁର୍ଗାପୁରସ୍ଥିତ କାଜି ନଜରୁଲ ଇସଲାମ ଏୟାରପୋର୍ଟରେ ପହଞ୍ଚିଥିଲି। ସେଠାରୁ ରାଜପଥରେ ଦାମୋଦର ନଦୀ ପାର ହୋଇ ଅବହେଳିତ ଗ୍ରାମ ଓ କ୍ଷେତ ଦେଇ ଯାଇଥିବା ଅଣଓସାରିଆ ଗ୍ରାମୀଣ ରାସ୍ତାରେ ଯାଇଥିଲି। ଏଭଳି ୨ ଘଣ୍ଟାର ଯାତ୍ରା ପରେ ଫିଲିକ୍ସ ସ୍କୁଲରେ ପହଞ୍ଚିଥିଲି। ସେଠାରେ ପଢ଼ାଇବା ସମୟରେ କିଛି ଆଶ୍ଚର୍ଯ୍ୟଜନକ ବିଷୟ ସାମ୍ନାକୁ ଆସିଥିଲା। ଓଜସ୍ୱୀ ଛାତ୍ରମାନଙ୍କ ଗେମ୍ ଥିଓରିର ପ୍ରିଜିନର୍ସ ଡାଇଲେମାକୁ ସହଜରେ ବୁଝି ଗ୍ରହଣ କରିଥିଲେ। କଳାପଟାରେ ହେକ୍ସର ଆନିମେଟେଡ ଗେମ୍ ଖେଳିବା ପୂର୍ବରୁ ଏହା ଉପରେ ମୋର କ'ଣ ବିଚାର ରହିଛି ତାହାକୁ ନେଇ ସେମାନେ ତର୍କ କରିଥିଲେ। ଅନ୍ୟ ସ୍କୁଲରେ ପଢୁଥିବା ଏମାନଙ୍କ ବୟସର ଛାତ୍ରମାନଙ୍କ ତୁଳନାରେ ଏମାନେ ବହୁ ଆଗରେ ଥିବା ମୁଁ ଅନୁଭବ କରିଥିଲି। କୋଲକାତାର ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ରିସର୍ଚ୍ଚ ସଷ୍ଟେନବିଲିଟି ଆଣ୍ଡ୍ ଟେକ୍ନିକାଲ ଆଡ୍‌ଭାନ୍ସମେଣ୍ଟ (ସି-ଡିଆର୍ଏସ୍‌ଟିଏ) ଦ୍ୱାରା କରାଯାଇଥିବା ଏକ ପରିସଂଖ୍ୟାନଭିତ୍ତିକ ଅନୁଧ୍ୟାନ ମୋ ଅନୁଭବକୁ ସିଦ୍ଧ କରିଥିବା ମନେହେଉଛି। ସି-ଡିଆର୍ଏସ୍‌ଟିଏ ଦର୍ଶାଇଛି ଯେ,ଫିଲିକ୍ସ ସ୍କୁଲର ସଫଳତାକୁ ସୁନ୍ଦରବନ ଜଙ୍ଗଲରେ ଏବଂ ହିମାଳୟ ପାଦଦେଶରେ ରହୁଥିବା ଗରିବ ପିଲାମାନଙ୍କ ପାଇଁ ସେଠାକାର ସ୍କୁଲଗୁଡ଼ିକରେ ଚାଲିଥିବା ସର୍ବଶିକ୍ଷା ଯୋଜନାରେ ଅନୁକରଣ କରାଯାଉଛି ।

ଏହା ସତ୍ୟ ଯେ, ଉକ୍ତ ସ୍କୁଲ ବିଶେଷ କରି ଫିନ୍‌ଲାଣ୍ଡର ଶିକ୍ଷାକେନ୍ଦ୍ରିକ ବିଚାରଗୁଡ଼ିକୁ ନିଜର ପୁଞ୍ଜି କରିଛି। କିନ୍ତୁ ଏବେ ଭାରତରେ ସରକାରୀ ସ୍କୁଲଗୁଡ଼ିକ ଶିକ୍ଷକଙ୍କ ଉଦାସୀନତା ଏବଂ ଅନୁପସ୍ଥିତିକୁ ନେଇ ସଂଗ୍ରାମ କରୁଥିବାବେଳେ ସେ କ୍ଷେତ୍ରରେ କ'ଣ କରାଯାଇପାରିବ ତାହା ଉପରେ ପୁନର୍ବାର ବିଚାର କରିବା ଦରକାର। ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଆର୍ଥିକ ଜରିମାନା କିମ୍ବା ପ୍ରୋତ୍ସାହନ ଭଳି ପଦକ୍ଷେପ ଉପରେ ଅର୍ଥନୀତିଜ୍ଞମାନେ ଗୁରୁତ୍ୱ ଦେଇଥାନ୍ତି। ଏହିସବୁ ପଦକ୍ଷେପ କିଛିଟା ସାହାଯ୍ୟ କରୁଥିବାବେଳେ ପୁରୁଲିଆରେ ମୋର ୪ ଦିନିଆ ରହଣିରୁ ମୁଁ ଅବଗତ ହେଲି ଯେ, ଶିକ୍ଷକମାନଙ୍କ ମଧ୍ୟରେ ଯଥାସମ୍ଭବ ବୃତ୍ତିଗତ ସ୍ୱାଭିମାନ ପ୍ରତିଷ୍ଠାର ମହତ୍ତ୍ୱ ରହିଛି। ଅର୍ଥନୀତିଜ୍ଞ ଭାବେ ଆମେ ଶିକ୍ଷକମାନଙ୍କ ସ୍ୱ-ସଞ୍ଚାଳନର ଶକ୍ତିକୁ କମ୍ ଗୁରୁତ୍ୱ ଦେଇଥାଉ। ହେଲେ ବାସ୍ତବତା ହେଉଛି, ଫିଲିକ୍ସ ସ୍କୁଲରେ ଶିକ୍ଷକମାନଙ୍କର କାର୍ଯ୍ୟ ପ୍ରତି ଆତ୍ମ ସ୍ୱାଭିମାନ ଓ ତ୍ୟାଗ ଅଧିକ ଶକ୍ତିଶାଳୀ ପ୍ରେରକ ହୋଇପାରିଛି।

ଫିଲିକ୍ସ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏକ ଉଦାହରଣ। ସ୍କୁଲର ସଫଳତାକୁ ଏକ ମଡେଲ ଭାବେ ଅନ୍ୟ ଅଞ୍ଚଳକୁ ପ୍ରସାରିତ କରିବାରେ ସ୍କୁଲ ଶିକ୍ଷକମାନଙ୍କ ସମ୍ମିଳିତ ଉଦ୍ୟମ ପ୍ରଶଂସନୀୟ। ଏଥିପାଇଁ ସେମାନେ ସ୍ଥାନୀୟ ସମୁଦାୟ ସହ ଯୋଗାଯୋଗ କରୁଛନ୍ତି ଓ ସ୍ଥାନୀୟ ପୋଲିସର ସାହାଯ୍ୟ ଲୋଡ଼ିଛନ୍ତି। ଏପରିକି ୨୦୧୨ରେ ଆରମ୍ଭ କରାଯାଇଥିବା ସିଭିକ୍ ପୋଲିସ ଭଲ୍ୟୁଣ୍ଟିୟର ଫୋର୍ସର ସହଯୋଗ ନେଉଛନ୍ତି। ପଶ୍ଚିମବଙ୍ଗର ଉତ୍ତର ଭାଗରେ ଦୁର୍ଗମ ଅଞ୍ଚଳରେ ଥିବା ଚା'ବଗିଚାଗୁଡ଼ିକରେ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପୋଲିସ ଅଧିକାରୀମାନେ ଶିକ୍ଷକମାନଙ୍କୁ ସାହାଯ୍ୟ କରୁଛନ୍ତି। ଏହା ସେବା ଲକ୍ଷ୍ୟ ପୂରଣ କରିବା ଭାବନା ଓ ଉତ୍ସାହ ଦୃଷ୍ଟିକୋଣରୁ ଅନୁକରଣୀୟ। ମୋ ନିଜସ୍ୱ ଅନୁଧ୍ୟାନ ଆଧାରିତ ଏହି ପ୍ରକାର ପ୍ରମାଣ ଦର୍ଶାଏ ଯେ, କାର୍ଯ୍ୟରେ କର୍ମଚାରୀଙ୍କ ଆତ୍ମ ସ୍ୱାଭିମାନ, ତ୍ୟାଗ ଏବଂ ଲକ୍ଷ୍ୟକୁ ନେଇ ରହିଥିବା ବ୍ୟକ୍ତିଗତ ସମ୍ପୃକ୍ତି ହିଁ ଗୁଣବତ୍ତା ନିର୍ଯାସର ଗୁରୁତ୍ୱପୂର୍ଣ୍ଣ ଉତ୍ସ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ**

# ବାଗ୍‌ଦେବୀ



ଡ. ଅରୁନ୍ଧତୀ ଦେବୀ

ସରସ୍ୱତୀ ପୂଜାକୁ ଶିକ୍ଷାର୍ଥୀମାନେ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି। ମା' ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ୍ ଶକ୍ତିଟି ଆମ ପାଖରେ ଯାହା ରହିଛି, ତା'ର ନିୟନ୍ତା ହେଉଛନ୍ତି ମା' ସରସ୍ୱତୀ। ସେ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇଉଠିଥାନ୍ତି 'ସରସ୍ୱତୀ ମା' କଣ୍ଠରେ ଥା, ବିଦ୍ୟା ନ ଆସିଲେ କହିଦେଉଥା।' ସବୁ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ପ୍ରତି ବାଗ୍‌ଦେବୀଙ୍କର ଅସୀମ କରୁଣା ରହିଛି । ତେବେ ଏହି କରୁଣାର ଉପଯୋଗ ଆମେ କିପରି କରୁଛେ ତାହା ଚିନ୍ତା କରିବା ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦ୍‌ମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟିହେଉଛି ଯାବତୀୟ କଳି ତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି, 'ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ।' ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରି ନ ଥାନ୍ତି, ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧିପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ, ଯାହାକୁ କୁହାଯାଏ ଆଶୀର୍ବଚନ। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି, ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା' ସରସ୍ୱତୀ। ଏଣୁ ମା' କଳାନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ଶାରଳା ପୀଠ କଳାକାରଙ୍କ ତୀର୍ଥକ୍ଷେତ୍ର ଭାବେ ପରିଚିତ।

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ -ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା' ସରସ୍ୱତୀଙ୍କର ବହୁ ନାମ ରହିଛି- ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା' ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ? ସରସ୍ୱତୀ ଶବ୍ଦର ଅର୍ଥ- ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା' ସରସ୍ୱତୀ ହେଲେ ଜଳବତୀ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା' ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍ ମାନେ ଶବ୍ଦ। ମା' ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ଶ୍ରୀମଦ୍ ଭାଗବତରେ ଅଛି- ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା' ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ମା' ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମ ପାଣିରେ ଫୁଟିଛି। ମନୁ ସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟିକଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଆପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତର ପ୍ରଥମ ଭୂତ ହିଁ ହେଲା ପାଣି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇଚାଲିଛି ପ୍ରାପ୍ତିର ଦିଗରେ। ମା' ସରସ୍ୱତୀ ହଂସାସୀନା, ହଂସ ଅର୍ଥ- ଅହଂ ସଃ ଅର୍ଥାତ୍ ମୁଁ ହିଁ ସିଏ, ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନକରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ- ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁ ପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ମା'ଙ୍କ କୋଳରେ ପୂଜା ପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ- ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭହୁଏ।

**ମୋ:୯୯୩୭୧୭୨୮୧୦**

## ଏଇ ଭାରତରେ

ଗରିବଙ୍କ ପାଇଁ ଘର କରିବାକୁ ଏକ ନୂଆ ଉପାୟ ଆପଣାଇଛନ୍ତି କେରଳର ଦୁଇବନ୍ଧୁ। ଏଥିପାଇଁ ୱାଏନାଡାର ନିଜିନ କେ.ଜି. ଏବଂ ଟି. ରେନିଶ୍ ସାଇକେଲରେ ଗାଁ ଗାଁ ବୁଲି ପ୍ରତ୍ୟେକ ଲୋକଙ୍କଠାରୁ ୧ ଟଙ୍କା ଦାନ ଆକାରରେ ସଂଗ୍ରହ କରୁଛନ୍ତି। ସେମାନେ ତାଙ୍କ ସ୍ଲୋଗାନ ରଖିଛନ୍ତି -ଟଙ୍କାଟିଏ ଦାନକରି ଜଣଙ୍କ ଜୀବନ ବଦଳାଇ ଦିଅ। ନିଜିନ ପେସାରେ ଜଣେ ମୋବାଇଲ ଟେକ୍‌ନିସିଆନ ଏବଂ ରିନେଶ ଜଣେ ଶିକ୍ଷକ। ଦୁହେଁ ସେମାନଙ୍କ ବୃତ୍ତିରୁ ସାମୟିକ ଛୁଟି ନେଇ ସାଇକେଲ ଯାତ୍ରା କରୁଛନ୍ତି ଓ ଗାଁଗୁଡ଼ିକରେ ଯିବା ସମୟରେ ୧ ଟଙ୍କା ଦାନ କରିବାକୁ ଲୋକଙ୍କୁ କହୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସେମାନେ ୫ଟି ଗରିବ ପରିବାର ପାଇଁ ଘର ନିର୍ମାଣ କରିବା ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟେକ ପରିବାରକୁ ଦୁଇଟି ବେଡ୍‌ରୁମ୍,ଏକ କିଚେନ ଥିବା ଘର ଦିଆଯିବ, ଯାହାର ମୂଲ୍ୟ ୬ ଲକ୍ଷ ଟଙ୍କା। ସବୁ ପରିବାର ଲାଗି ମୋଟ୍‌ରେ ଖର୍ଚ୍ଚ ହେବ ୪୨ ଲକ୍ଷ ଟଙ୍କା। ତେବେ ଏତେ ପରିମାଣର ଟଙ୍କା ସଂଗ୍ରହ ଲକ୍ଷ୍ୟରେ ବାହାରିଥିବା ଦୁଇ ବନ୍ଧୁ ଏବେ ସୁଦ୍ଧା ୧୦୦ କି.ମି. ଯାତ୍ରାକରି ୪୦୦ ଗାଁରୁ ୧ ଲକ୍ଷ ୬୮ ହଜାର ଟଙ୍କା ସଂଗ୍ରହ କରିସାରିଲେଣି। ଘର ତିଆରି କରିବା ଲାଗି ଜଣେ ଠିକାଦାରଙ୍କୁ ମଧ୍ୟ ଦାୟିତ୍ୱ ଦେଇଛନ୍ତି। ନିଜିନ ଓ ରେନିଶ୍‌ଙ୍କର ଏଭଳି ନିଃସ୍ୱାର୍ଥ ଅଭିଯାନକୁ ଲକ୍ଷ୍ୟକରି ଅନେକ ବ୍ୟକ୍ତି ସେମାନଙ୍କୁ ରହିବା ଲାଗି ଟେଣ୍ଟ, ସାଇକେଲ, ସ୍ଲିପିଂ ବ୍ୟାଗ୍ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୮

- ଶ୍ରୀଲଙ୍କାର କ୍ୟାଣ୍ଡି ସହରରେ ରହିଥିବା ପବିତ୍ର ବୁଦ୍ଧମନ୍ଦିର ନିକଟରେ ତାମିଲ ଗେରିଲା ଟ୍ରକ ବୋମା ବିସ୍ଫୋରଣ ଘଟଣା ଫଳରେ ୧୭ ଜଣଙ୍କ ପ୍ରାଣହାନି।
- ଲୋକସଭା ନିର୍ବାଚନ ପାଇଁ ଟିକେଟ ବଣ୍ଟନକୁ କେନ୍ଦ୍ରକରି କ୍ରୁଦ୍ଧ ଯୁବକଂଗ୍ରେସ କର୍ମୀ ଆନ୍ଧ୍ର ପିସିସି କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 9 | 2 | | 3 | 1 | | | | |
| 1 | | 7 | | | | 2 | | |
| | | 6 | 8 | | | | 7 | |
| | | 8 | 1 | 6 | | | 9 | |
| | 4 | | | 9 | | | | 3 |
| | | | | | | 7 | | 4 |
| | | | 2 | 5 | | | | |
| | 3 | | | | | 5 | 8 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 5 | 2 | 7 | 8 | 6 | 1 | 4 |
| 6 | 2 | 8 | 1 | 9 | 4 | 5 | 3 | 7 |
| 1 | 4 | 7 | 3 | 6 | 5 | 9 | 2 | 8 |
| 7 | 3 | 6 | 8 | 2 | 9 | 4 | 5 | 1 |
| 8 | 1 | 4 | 6 | 5 | 7 | 3 | 9 | 2 |
| 9 | 5 | 2 | 4 | 3 | 1 | 7 | 8 | 6 |
| 4 | 6 | 9 | 5 | 8 | 2 | 1 | 7 | 3 |
| 5 | 8 | 3 | 7 | 1 | 6 | 2 | 4 | 9 |
| 2 | 7 | 1 | 9 | 4 | 3 | 8 | 6 | 5 |

ଗତକାଲିର ଉତ୍ତର

# ଗଣତନ୍ତ୍ରର ମୂଲ୍ୟ



ସର୍ବେଶ୍ୱର ବେହେରା

ସର୍ବପ୍ରଥମେ ଗଣତନ୍ତ୍ର ଇଂଲଣ୍ଡରେ ଆସିଥିଲା। ଇଂଲଣ୍ଡରେ ରାଜତନ୍ତ୍ରର ନିରଙ୍କୁଶତା ବିରୁଦ୍ଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରିଥିଲେ। ଦ୍ୱାଦଶ ଶତାବ୍ଦୀର ଅନ୍ତିମ କାଳରେ ଏହି ଅସନ୍ତୋଷ ତୀବ୍ରତର ହୋଇଥିଲା। ଦେଶ ଶାସନରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କଲେ। ଏହାକୁ ଗଣତନ୍ତ୍ର କୁହାଗଲା। ବୁଦ୍ଧିଜୀବୀ ଓ ଜନସାଧାରଣ ୧୨୧୫ରେ ମାଗ୍ନାକାର୍ଟା ନାମକ ଏକ ପଦ୍ଧତି ପ୍ରଣୟନ କଲେ। ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିବା ପାଇଁ ପାର୍ଲାମେଣ୍ଟ ଗଠନ କରିବା ଲାଗି ଦାବି ହେଲା। ରାଜ ପରିଷଦ(କିଙ୍ଗ୍ କାଉନ୍‌ସିଲ)କୁ ପାର୍ଲାମେଣ୍ଟ କୁହାଗଲା। କିନ୍ତୁ ଏହି ପାର୍ଲାମେଣ୍ଟର ଅଧିକାର ସମ୍ବନ୍ଧରେ ଦେଶର ବୁଦ୍ଧିଜୀବୀମାନେ ଚର୍ଚ୍ଚା ଆଲୋଚନା, ସଭାସମିତି ନାମରେ ଜନଜାଗରଣ କଲେ। ରାଜା ଚାପର ବଶବର୍ତ୍ତୀ ହୋଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କଲେ। ପାର୍ଲାମେଣ୍ଟ ଗଠନ କରିବା ପାଇଁ ରାଜା ଘୋଷଣା କଲେ। କିନ୍ତୁ ପାର୍ଲାମେଣ୍ଟର କ୍ଷମତା ନ ଥିଲା। ୧୬୮୮ରେ ଇଂଲଣ୍ଡରେ ଗ୍ଲୋରିୟସ୍ ରିଭୋଲ୍ୟୁଶନ ଦେଖାଦେଲା। ତା'ପରେ ପାର୍ଲାମେଣ୍ଟର କ୍ଷମତା ନିର୍ଦ୍ଧାରଣ କରାଗଲା। ରାଜାଙ୍କ ସ୍ଥାନରେ ପାର୍ଲାମେଣ୍ଟ ସର୍ବୋପରି ହେଲା। ସପ୍ତଦଶ ଶତାବ୍ଦୀର ଶେଷଭାଗରେ ପାର୍ଲାମେଣ୍ଟର କ୍ଷମତା ସମସ୍ତେ ଅନୁଭବ କଲେ। ୧୬୮୮ରେ ଇଂଲଣ୍ଡରେ ସର୍ବପ୍ରଥମେ ସମଗ୍ର ଜନତାର ମାତ୍ର ଚାରି ପ୍ରତିଶତଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ୧୮୩୨ରେ ସେମାନେ ଗଣତନ୍ତ୍ରର ସୁଧାର ପାଇଁ ନୂତନ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ବଳରେ ଦେଶର ସମଗ୍ର ଜନତାଙ୍କ ଦଶ ପ୍ରତିଶତଙ୍କୁ ଭୋଟ ଦେବା ଅଧିକାର ମିଳିଲା।

ଏହାପରେ ୧୮୬୭ ଓ ୧୮୮୨ରେ ଏହାର ସୀମା ବୃଦ୍ଧିପାଇଲା। ୧୯୧୮ ରେ କେବଳ ପୁରୁଷଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ମହିଳାମାନେ ଏହି ପୁରୁଷ ପ୍ରାଧାନ୍ୟ ନିର୍ଣ୍ଣୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କଲେ। ପରେ ମହିଳାମାନଙ୍କୁ ୨୧ ବର୍ଷ ବୟସରେ ଭୋଟ ଦେବାର ଅଧିକାର ମିଳିଲା। ପୁରୁଷମାନଙ୍କ ୧୮ ଓ ମହିଳାମାନଙ୍କ ୨୧ ବର୍ଷରେ ଭୋଟଦାନ ଅଧିକାରର ତାରତମ୍ୟକୁ ସମସ୍ତେ ସମାଲୋଚନା କଲେ। ପାର୍ଲାମେଣ୍ଟରେ ଚର୍ଚ୍ଚା-ଆଲୋଚନା ହେଲା। ଏହି ପାର୍ଥକ୍ୟ କାହିଁକି? ବରିଷ୍ଠ ସାଂସଦମାନେ ମତଦେଲେ ଏହା ଏକ ପ୍ରୟୋଗ(ଏକ୍ସପେରିମେଣ୍ଟ) କରାଯାଉଛି। ଏହା କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ। ଏହି ଏକ୍ସପେରିମେଣ୍ଟ ଦୀର୍ଘଦିନ ଧରି ଚାଲିଲା। ଶେଷରେ ୧୯୨୮ରେ ସମସ୍ତ ପୁରୁଷ ଓ ମହିଳାଙ୍କୁ ୧୮ ବର୍ଷ ବୟସରେ ଭୋଟଦାନ କରିବାର ଅଧିକାର ମିଳିଲା। ୧୨୧୫ରୁ ଆରମ୍ଭ ହୋଇଥିବା ଜନଜାଗରଣର ସୁଫଳ ୧୯୨୮ରେ ମିଳିଲା। ଦୀର୍ଘ ସାତଶହ ବର୍ଷକାଳ ଗଣତନ୍ତ୍ର ପ୍ରତିଷ୍ଠାର ଏହା ଏକ ଐତିହାସିକ ପଦକ୍ଷେପ। ସମସ୍ତ ଜନସାଧାରଣ ଗଣତନ୍ତ୍ରର ମୂଲ୍ୟ ହୃଦୟଙ୍ଗମ କରିଥିଲେ। ଫଳରେ ସେଠାରେ ଗଣତନ୍ତ୍ର ସୁଚାରୁରୂପେ କାର୍ଯ୍ୟ କରୁଛି।

ଆମ ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏପରି କୌଣସି ଜନଜାଗରଣ ହୋଇନାହିଁ। ସର୍ବପ୍ରଥମେ ୧୯୨୦ରେ ଗଣତନ୍ତ୍ର ମଣ୍ଟେଗୁ ଚେମ୍ସଫୋର୍ଡ ପ୍ରଣୟନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ସେତେବେଳେ ଦେଶରେ ୨୪ କୋଟି ଜନସାଧାରଣ ଥିଲେ। ସଂଯୁକ୍ତ ରାଜ୍ୟ ଶାସନ ଥିଲା। କାଉନ୍‌ସିଲ ଅଫ୍ ଷ୍ଟେଟ୍‌ସ ପାଇଁ ୧୭୦୦୦ ଜନସାଧାରଣଙ୍କୁ ଭୋଟ ଦେବା ଅଧିକାର ମିଳିଲା। ନ୍ୟାଶନାଲ ଆସେମ୍ବ୍ଲିପାଇଁ ୯ ଲକ୍ଷ ୯ ହଜାର ବ୍ୟକ୍ତିଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ଗଣତନ୍ତ୍ର ପାଇଁ କୌଣସି ସଂଘର୍ଷ, ଜନଜାଗରଣ ବିନା ଆମ ଦେଶରେ ୯ ଲକ୍ଷ ଲୋକଙ୍କୁ ତୁରନ୍ତ ଭୋଟ ଦାନର ଅଧିକାର ମିଳିଲା। ସ୍ୱାଧୀନତା ପରେ ୧୯୫୦ରେ ତୁରନ୍ତ ସମସ୍ତ ଜନସାଧାରଣଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ଭାରତର ଜନସାଧାରଣ ଇଂଲଣ୍ଡ ଜନସାଧାରଣଙ୍କ ପରି ଗଣତନ୍ତ୍ର ସମ୍ବନ୍ଧରେ କୌଣସି ସଂଘର୍ଷ କିମ୍ବା ଜନଜାଗରଣ କରିନାହାନ୍ତି। ଭାରତର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ କୌଣସି ପ୍ରଶିକ୍ଷଣ ନେଇନାହାନ୍ତି। ଏଣୁ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରିନାହାନ୍ତି। ଇଂଲଣ୍ଡର ଜନତା ଏହି ପ୍ରଶିକ୍ଷଣ ୭୦୦ ବର୍ଷ ଧରି ଗ୍ରହଣ କରିଥିଲେ। କିନ୍ତୁ ଭାରତରେ ଏହା ହୋଇ ନ ଥିବା ଯୋଗୁ ଗଣତନ୍ତ୍ରର ସୁଫଳ ଆଜି ଦେଖାଯାଇନାହିଁ।



ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତର ତତ୍‌କାଳୀନ ନେତାମାନେ ସମାଲୋଚନା କରିଥିଲେ। ୧୯୦୮ ରେ 'ହିନ୍ଦ୍ ସ୍ୱରାଜ୍ୟ' ପୁସ୍ତକରେ ମହାତ୍ମା ଗାନ୍ଧୀ ଇଂଲଣ୍ଡର ସଂସଦୀୟ ପ୍ରଣାଳୀ ଭାରତରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଯଦି ଏହା ଭାରତରେ ଲାଗୁ କରାଯାଏ ତେବେ ଭୋଟରମାନେ କିଣାବିକା ହୋଇଯିବେ। ଗଣତନ୍ତ୍ରର ସୁଫଳ ମିଳିପାରିବ ନାହିଁ ବୋଲି ମହାତ୍ମା ଗାନ୍ଧୀ ବର୍ଣ୍ଣନା କରିଛନ୍ତି। ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ୧୯୨୬ରେ ନିଜ ଜୀବନୀ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଯଦି ଭାରତ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ସ୍ୱୀକାର କରେ ତେବେ ସର୍ବପ୍ରଥମେ ନିର୍ବାଚନ ସମୟରେ ଭ୍ରଷ୍ଟାଚାର ବୃଦ୍ଧିପାଇବ। ନିର୍ବାଚନ ପରେ ମଧ୍ୟ ଏହି ଭ୍ରଷ୍ଟାଚାରକୁ ନିୟନ୍ତ୍ରଣ କରିହେବନାହିଁ। ୧୯୪୩ରେ ବିଶିଷ୍ଟ ଲେଖକ ମାନବେନ୍ଦ୍ର ରାୟ 'ପାର୍ଟି ପାୱାର ଆଣ୍ଡ ପଲିଟିକ୍ସ' ନାମକ ଏକ ପୁସ୍ତକ ରଚନା କରିଥିଲେ। ସେ ବିଶ୍ୱର ବହୁ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ଏହି ପୁସ୍ତକ ରଚନା କରିଥିଲେ। ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ, ଭାରତ ଗଣତନ୍ତ୍ରର ସୁଫଳ ସେତେବେଳେ ମିଳିବ ଯେବେ ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହାର ମୂଲ୍ୟକୁ ହୃଦୟଙ୍ଗମ କରିବେ। ମାନବେନ୍ଦ୍ର ଏ ସମ୍ବନ୍ଧରେ ଆହୁରି ଉଲ୍ଲେଖ କରିଛନ୍ତି, ଭାରତରେ ଗଣତନ୍ତ୍ର ସମ୍ବନ୍ଧରେ ପବ୍ଲିକ୍ ଏଜୁକେଶନ ଆବଶ୍ୟକ। ଏକ ସଭାରେ ତାଙ୍କୁ ପ୍ରଶ୍ନ କରାଗଲା ଯେ ଭାରତରେ ଶତକଡ଼ା ପଚାଶ ଭାଗ ନିରକ୍ଷର। ସେମାନଙ୍କୁ ଏ ସମ୍ବନ୍ଧରେ ପ୍ରଶିକ୍ଷଣ କିପରି ପ୍ରଦାନ କରାଯାଇପାରିବ? ଏମ୍.ଏନ୍. ରାୟ ଏହାର ଏକ ସୁନ୍ଦର ଉତ୍ତର ପ୍ରଦାନ କରିଥିଲେ- ଏହି ରାସ୍ତା ସୁଦୀର୍ଘ ହୋଇପାରେ, ଯଦି ଏହା ଏକମାତ୍ର ରାସ୍ତା ତେବେ ଏହା କ୍ଷୁଦ୍ର ରାସ୍ତା।

ଆଜି ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ କାଳରେ ମଧ୍ୟ ଆମେ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରିପାରିଲୁନାହିଁ। ସେତେବେଳେ ମହାତ୍ମା ଗାନ୍ଧୀଙ୍କ ସହିତ ଯେଉଁ ବୁଦ୍ଧିଜୀବୀମାନେ ସଂସଦୀୟ ଗଣତନ୍ତ୍ର ସମ୍ବନ୍ଧରେ ସତର୍କ କରିଥିଲେ, ତାହାକୁ ଆମେ ଅବହେଳା କଲୁ। ଆମ ଜନସାଧାରଣଙ୍କୁ ଗଣତନ୍ତ୍ର ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଗଲାନାହିଁ। ତା'ର ଫଳ ଆଜି ଆମେ ଭୋଗକରୁଛୁ। ନିର୍ବାଚନରେ ସମସ୍ତେ ଅଂଶଗ୍ରହଣ କରୁନାହାନ୍ତି। ଶତକଡ଼ା ଶହେଭାଗ ଭୋଟ ପ୍ରଦାନ ହୋଇପାରୁନାହିଁ। ରାଜନୈତିକ ଦଳର ନେତୃବୃନ୍ଦମାନେ ନିର୍ବାଚନ ସମୟରେ ଭୋଟ କିଣାବିକା କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ଭ୍ରଷ୍ଟାଚାର ଚରମ ଶିଖରରେ। କେବଳ ସେତିକି ନୁହେଁ, ଦେଶରେ ଏବେ ମଧ୍ୟ ହିନ୍ଦୁ-ମୁସଲମାନ, ସବର୍ଣ୍ଣ-ଅସବର୍ଣ୍ଣ, ଭାଷା ପ୍ରାନ୍ତକୁ ନେଇ ବିଭେଦତା ବୃଦ୍ଧି ପାଇବାରେ ଲାଗିଛି। ଏଣୁ ସାଧାରଣ ଜନତାଙ୍କ ପ୍ରଶିକ୍ଷଣ ଓ ସଜ୍ଜନ ଶକ୍ତିର ଜାଗରଣ ହିଁ ଏକମାତ୍ର ମାର୍ଗ। ଫଳରେ ଗଣତନ୍ତ୍ରର ସୁଫଳ ମିଳିବ।

**ଆଡ୍‌ଭୋକେଟ, ଖଟ୍‌ବିନ ସାହି, କଟକ**
**ମୋ: ୯୪୩୭୦୧୬୩୮୪**

## ଚିରନ୍ତନୀ

କି ଅଭିସାରେ ଅନ୍ଧ ଆଜି
ଅଙ୍ଗେ ଭରେ ଗନ୍ଧ ରାଜି
ଅଧରେ ତବ ପଲାଶ-ରାଗ ରଞ୍ଜାଇ
ଦଶନ ମୂଳେ କୁନ୍ଦହାସ ଗଞ୍ଜାଇ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର-ରାଜ୍ୟ ସମନ୍ୱୟ ରହୁ

ମହାଶୟ,

କୃଷି ଶ୍ରମିକ, ଭୂମିହୀନ ତଥା କୃଷିଜୀବୀମାନଙ୍କ ପାଇଁ ପିଏମ୍ କିଷାନ ଯୋଜନାର ତଥ୍ୟ ନ ଦେବାରୁ ବହୁ ହିତାଧିକାରୀ ଏବେ ତାଲିକାରୁ ବାଦ୍ ପଡ଼ିଛନ୍ତି। ସେହିପରି ରାଜ୍ୟରେ କୃଷକ ତାଲିକା ଅଧିକ ଥିଲେ ମଧ୍ୟ ତାହା କେନ୍ଦ୍ରକୁ ଦିଆଯାଉନାହିଁ। ଫଳରେ ସେମାନେ କେନ୍ଦ୍ର ସହାୟତାରୁ ବଞ୍ଚିତ ହେଉଛନ୍ତି। ସରକାର ବିଳମ୍ବ ନ କରି ତୁରନ୍ତ ତଥ୍ୟ ତଥା ସମସ୍ତ ତାଲିକା ପ୍ରଦାନ କଲେ ଠିକ୍ ସମୟରେ ସହାୟତା ମିଳି ପାରିବ। ରାଜ୍ୟରେ ହିତାଧିକାରୀ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ କେନ୍ଦ୍ର ଯୋଜନାରେ ହ୍ରାସ ଘଟୁଛି। ଏଣୁ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାରଙ୍କ ଉତ୍ତମ ସମନ୍ୱୟ ରକ୍ଷାହେଉ ଓ ହିତାଧିକାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ।

**- ରାମଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଭିନେତା ମିହିର ଦାସଙ୍କ ସାନପୁଅ ଅକ୍ଳାନ୍ତଙ୍କ ପରଲୋକ

**କଟକ ଅଫିସ,୨୫ା୧**

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ସ୍ୱର୍ଗତ ମିହିର ଦାସଙ୍କ ସାନପୁଅ ଅକ୍ଳାନ୍ତ ଦାସଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୨୬ ବର୍ଷ ବୟସ ହୋଇଥିଲା। ସେ ଲିଭର ରୋଗରେ ପୀଡ଼ିତ ଥାଇ ପ୍ରାୟ ୧ ମାସ ହେବ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଥିଲେ। କଟକ ସତୀଚୌରା ଶ୍ମଶାନରେ ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ଭାଇ ଅମ୍ଳାନ ଦାସ ମୁଖାଗ୍ନି ଦେଇଥିଲେ।


ଅକ୍ଳାନ୍ତ ଦାସ

ସୂଚନା ଅନୁସାରେ, ଅକ୍ଳାନ୍ତ କିଛିମାସ ହେବ ଲିଭରଜନିତ ସମସ୍ୟା ଭୋଗୁଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଉଦ୍ୟମ କ୍ରମେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିଲା। ହେଲେ ମଙ୍ଗଳବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିଲା ନାହିଁ। ଅମ୍ଳାନ ଶୁଟିଂରେ ବ୍ୟସ୍ତ ଥିବାବେଳେ ସାନଭାଇର ମୃତ୍ୟୁ ଖବର ପାଇଥିଲେ। ସେ ଶୁଟିଂ ସେଟ୍ ଛାଡ଼ି ତୁରନ୍ତ ମେଡିକାଲରେ ପହଞ୍ଚିଥିଲେ। ଭୁବନେଶ୍ୱରରୁ ଅକ୍ଳାନ୍ତଙ୍କ ମୃତଦେହକୁ କଟକସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଅକ୍ଳାନ୍ତଙ୍କ ବାପା ମିହିର ଦାସଙ୍କର ୨୦୨୨ ଜାନୁୟାରୀ ୧୧ରେ ପରଲୋକ ହୋଇଥିଲା।

# ଅଟୋ ଓଲଟିଲା, ୫ ଛାତ୍ର ଆହତ

**ଜଳେଶ୍ୱର,୨୫ା୧(ଡି.ଏନ.ଏ.)**

**ସରସ୍ୱତୀଙ୍କ ମୂର୍ତ୍ତି ଧରି ଫେରୁଥିଲେ**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଓଲମାରା ସରକାରୀ ଉଚ୍ଚ ବିଦ୍ୟାଳୟର ୫ଜଣ ଛାତ୍ର ଓ ଜଣେ ଶିକ୍ଷକ ଅଟୋରେ ସରସ୍ୱତୀଙ୍କ ମୂର୍ତ୍ତି ଧରି ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। କଣ୍ଟାଣି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିବାରୁ ୫ ଛାତ୍ର, ଶିକ୍ଷକ ଏବଂ ଚାଳକ ଆହତ ହୋଇଛନ୍ତି। ଚାଳକ ଫେରାର ହୋଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ର ଶିବସୁନ୍ଦର ଦାସ ଓ ରଞ୍ଜନ ମହାପାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଫକୀରମୋହନ ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସରସ୍ୱତୀ ପୂଜା ଲାଗି ବିଦ୍ୟାଳୟ ଚଳଚଞ୍ଚଳ ଥିବା ବେଳେ ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଦୁଃଖର ବାତାବରଣ ସୃଷ୍ଟି କରିଛି।

# ହତ୍ୟାକରି ଜାଳିଦେଲେ

**ମାଲକାନଗିରି,୨୫ା୧(ଡି.ଏନ୍.ଏ.)**

**ଗୁଣି ସନ୍ଦେହ**

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ଏବେବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିନାହିଁ। କାଲିମେଲା ବ୍ଲକ ମୋଟୁ ଥାନା ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ତିନିରାଜପଲ୍ଲୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ପରେ ତାଙ୍କ ଶରୀରକୁ ଜାଳି ଦିଆଯାଇଛି। ସେ ହେଲେ ଗାଁର ଗଙ୍ଗା ପଡ଼ିଆମୀ(୪୦)। ଗୁଣି ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଗଙ୍ଗାଙ୍କୁ ଧନୁତୀରରେ ଆକ୍ରମଣ କରାଯିବା ପରେ ପିଟିପିଟି ହତ୍ୟା କରାଯାଇଛି। ପରେ ପ୍ରମାଣ ନଷ୍ଟ କରିବାକୁ ତାଙ୍କ ଶରୀରକୁ ନିକଟସ୍ଥ ଜଙ୍ଗଲକୁ ନେଇ ଜାଳି ଦିଆଯାଇଥିବା ପୋଲିସ ପ୍ରକାଶ କରିଛି। ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଅଭିଯୋଗକାରୀଙ୍କ ନାମ ପ୍ରକାଶ କରିନାହିଁ। ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଘଟଣାସ୍ଥଳରେ ଡିଭିଏଫ୍ ଯବାନ ମଧ୍ୟ ମୁତୟନ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରାଯିବ। ଏହାପରେ କିଏ ଏବଂ କେଉଁ କାରଣରୁ ଗଙ୍ଗାଙ୍କୁ ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହେବ ବୋଲି ମୋଟୁ ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏ ନେଇ ୮/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

# ନାବାଳିକା ଅପହରଣ ଅଭିଯୋଗ

ଗୋପାଳପୁର,୨୫ା୧(ଡି.ଏନ.ଏ.): ଜନୈକା ନାବାଳିକାଙ୍କୁ ଅପହରଣ ହୋଇଥିବା ବୁଧବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବେଲକୁଦି ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ସକାଳେ ଭୈରବୀ ମନ୍ଦିର ଯିବାକୁ କହି ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପାଇନଥିଲେ। ବୁଧବାର ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୪୬/୨୩ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି।













ଧରିତ୍ରୀ
DHARITRI
ଭୁବନେଶ୍ୱର,ଗୁରୁବାର, ୨୬ ଜାନୁୟାରୀ, ୨୦୨୩



ନ୍ୟୁଜିଲାଣ୍ଡର ବିଦାୟୀ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନ ବୁଧବାର ନିଜ ପଦରୁ ଅବ୍ୟାହତି ନେଇଛନ୍ତି। ତାଙ୍କ ସ୍ଥାନରେ ନୂଆ ପ୍ରଧାନମନ୍ତ୍ରୀ ଭାବେ କ୍ରିସ୍ ହିପ୍‌କିନ୍ସ ଶପଥ ନେଇଛନ୍ତି। ୪୪ ବର୍ଷୀୟ ହିପ୍‌କିନ୍ସଙ୍କୁ ରାଜଧାନୀ ୱେଲିଂଟନ୍‌ରେ ଗଭର୍ନର ଜେନେରାଲ ସିଣ୍ଡି କିରୋ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ଅବସରରେ ନୂଆ ପ୍ରଧାନମନ୍ତ୍ରୀ ହିପ୍‌କିନ୍ସ କହିଛନ୍ତି, ଏହା ହେଉଛି ତାଙ୍କ ଜୀବନରେ ସବୁଠୁ ବଡ଼ ଅଗ୍ରାଧିକାର ଓ ଉତ୍ତରଦାୟିତ୍ୱ। ଦେଶର ଅର୍ଥନୀତିକୁ ମଜଭୁତ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ।



## ସଂକ୍ଷେପରେ

### ଗୁଜରାଟ ଦଙ୍ଗା: ୨୨ ଅଭିଯୁକ୍ତ ଖଲାସ

**ଗୋଧ୍ରା,୨୫।୧:** ଗୁଜରାଟର ଗୋଧ୍ରାରେ ଘଟିଥିବା ଦଙ୍ଗା ମାମଲାରେ ହାଲୋଲସ୍ଥିତ ଏକ କୋର୍ଟ ବୁଧବାର ପ୍ରମାଣ ଅଭାବରୁ ୨୨ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ୨୦୦୨ ଫେବୃୟାରୀ ୨୮ରେ ଏକ ସଂଖ୍ୟାଲଘୁ ପରିବାରର ୧୭ ସଦସ୍ୟଙ୍କୁ ହତ୍ୟା କରାଯାଇଥିଲା। ପ୍ରମାଣ ଲିଭାଇବା ପାଇଁ ସେମାନଙ୍କ ମୃତଦେହଗୁଡ଼ିକୁ ଜାଳି ଦିଆଯାଇଥିଲା। ଅତିରିକ୍ତ ସେସନ୍ସ ଜଜ୍ ହର୍ଷ ତ୍ରିବେଦୀ ଏହି ମାମଲାରେ ୨୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ନିର୍ଦ୍ଦୋଷରେ ଖଲାସ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିସାରିଛି। ଅବଶିଷ୍ଟ ୧୭ ଜଣଙ୍କ ବିରୋଧରେ ଅଭିଯୋଜନ ପକ୍ଷ ପ୍ରମାଣ ସଂଗ୍ରହ କରିବାରେ ବିଫଳ ହୋଇଥିବାରୁ କୋର୍ଟ ଏହି ରାୟ ଦେଇଥିବା ପ୍ରତିବାଦୀ ପକ୍ଷଙ୍କ ଓକିଲ ଗୋପାଳସିଂ ସୋଲାଙ୍କି କହିଛନ୍ତି।

### ଋଷି ସୁନକଙ୍କୁ ନିଜ ଦଳରୁ ବିରୋଧ

**ପର୍ନ ଏଜ୍ ଭେରିଫିକେଶନ୍ ବିଲ୍**

**ଲଣ୍ଡନ,୨୫।୧:** ଏସୀୟ ବଂଶୋଦ୍ଭବ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଶାସକ କଞ୍ଜରଭେଟିଭ୍ ପାର୍ଟିରୁ ପୁଣି ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିତର୍କିତ ଅନ୍‌ଲାଇନ୍ ସେଫ୍‌ଟିବିଲ୍ ଜରିଆରେ ଦେଶରେ ଏକ ନୂଆ ଆଇନ ପ୍ରଣୟନ ପାଇଁ ଯୋଜନା ଚାଲିଛି, ଯାହାକି ୬ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ଶିଶୁମାନଙ୍କୁ



ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବାରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ ସବୁ ପର୍ନ ସାଇଟ୍‌ରେ ଏଜ୍ ଭେରିଫିକେଶନ୍ ସିଷ୍ଟମ୍‌କୁ ବାଧ୍ୟତାମୂଳକ କରିବା ପାଇଁ ଏଥିରେ ବ୍ୟବସ୍ଥା କରାଯାଉଛି। ପାର୍ଲାମେଣ୍ଟର ଉଚ୍ଚ ସଦନ ହାଉସ୍ ଅଫ୍ ଲର୍ଡ୍ସରେ ଏହି ବିଧେୟକକୁ ସୋମବାର ସମୀକ୍ଷା କରାଯିବ। ନୂଆ ସଂଶୋଧନକୁ ନେଇ ଫେବୃୟାରୀ ଶେଷ ଆଡ଼କୁ ବିତର୍କ ହେବ। ବୟସ୍କମାନେ ୧୮ ବର୍ଷର ହୋଇଥିବା ନେଇ ପ୍ରମାଣ ଦେବା ପରେ ପର୍ନ ସାଇଟ୍ ଭିଜିଟ୍ କରିପାରିବେ। ସରକାରଙ୍କ ପକ୍ଷରୁ ଏଥିଲାଗି ଜୋର୍‌ଦାର ଉଦ୍ୟମ ଚାଲିଥିବାବେଳେ ଋଷି ସୁନକଙ୍କ କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିମାନେ ଏହାକୁ ବିରୋଧ କରିଛନ୍ତି।

### ନଦୀପଠାରୁ ୭ ମୃତଦେହ ଠାବ : ୫ ଗିରଫ

**ପୁଣେ, ୨୫।୧:** ମହାରାଷ୍ଟ୍ର ପୁଣେର ଭୀମାନଦୀ ପଠାରୁ ଗୋଟିଏ ପରିବାରର ୭ ଜଣଙ୍କ ମୃତଦେହ ମିଳିବା ଘଟଣାରେ ବୁଧବାର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ସମ୍ପର୍କରେ ମୃତ ମୋହନ ପାୱାର (୪୫)ଙ୍କ ଭାଇ ହେବେ ବୋଲି ପୁଣେ ରୁରାଲ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଅଙ୍କିତ ଗୋଏଲ କହିଛନ୍ତି। ମୋହନ ଜଣେ ଦିନମଜୁରିଆ ହୋଇଥିବାବେଳେ ଓସମାନାବାଦ ଜିଲାରେ ତାଙ୍କ ଘର। କିଛିଦିନ ତଳେ ଦୁର୍ଘଟଣାରେ ଗିରଫ ଅଶୋକ ପାୱାରଙ୍କ ପୁଅ ଧନଞ୍ଜୟ ପାୱାରଙ୍କ ମୃତ୍ୟୁ ଘଟିଥିଲା। ଧନଞ୍ଜୟଙ୍କ ମୃତ୍ୟୁ ପାଇଁ ଅଶୋକ କିନ୍ତୁ ମୋହନଙ୍କ ପୁଅଙ୍କୁ ଦାୟୀ କରୁଥିଲେ, ଯାହାପରେ ପ୍ରତିଶୋଧ ପରାୟଣ ହୋଇ ଅଶୋକ ଏହି ହତ୍ୟା କରିଥିବା ଜଣାପଡିଛି।



ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆସିଥିବା ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତ୍ତହ ଏଲ୍-ସିସିଙ୍କ ସହ ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସରେ କରମର୍ଦ୍ଦନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ସୁଟ୍‌କେସ୍‌ରୁ ମିଳିଲା ଡିଜେଙ୍କ ମୃତଦେହ

**ବୋଗୋଟା, ୨୫।୧**



କଲମ୍ବିଆର ଜଣାଶୁଣା ଡିଜେ (ଡିସ୍କ ଜକି) ଭାଲେଣ୍ଟିନା ଟ୍ରେସ୍ପାଲାସିଓସ୍‌ଙ୍କ ମୃତଦେହ ପୋଲିସ ଜବତ କରିଛି । ୨୩ ବର୍ଷୀୟା ଭାଲେଣ୍ଟିନାଙ୍କ ମୃତଦେହ କଲମ୍ବିଆ ରାଜଧାନୀ ବୋଗୋଟାରୁ ଏକ ସୁଟ୍‌କେସ୍‌ରୁ ମିଳିଛି। ଅଭିଯୁକ୍ତ ସୁଟ୍‌କେସ୍ ଏକ ଡଷ୍ଟବିନ୍‌ରେ ଫୋପାଡ଼ି ଦେଇଥିବା ପୋଲିସ କହିଛି। ଜାନୁୟାରୀ ୨୨ରେ ଭାଲେଣ୍ଟିନାଙ୍କ ମୃତଦେହ ପୋଲିସର ହସ୍ତଗତ ହେବାପରଠାରୁ ତାଙ୍କ ବୟଫ୍ରେଣ୍ଡ ଫେରାର୍ ଥିବା ଜଣାପଡ଼ିଛି। ଆମେରିକା ଟେକ୍ସାସ୍‌ର ଜନ୍ ପେଲସ୍ ଭାବେ ତାଙ୍କୁ ପୋଲିସ ଚିହ୍ନଟ କରିଛି। ଅଭିଯୁକ୍ତ ଭାଲେଣ୍ଟିନାଙ୍କ ଗଳାଚିପି ହତ୍ୟା କରିଥିବା ପୋଷ୍ଟମର୍ଟମ୍ ରିପୋର୍ଟରୁ ଜଣାପଡ଼ିଛି। ୟୁନିନ୍‌ପାହୁ ୟୁନିଭର୍ସିଟିରେ ଭାଲେଣ୍ଟିନା ଟ୍ରେଡ୍ ଗ୍ଲୋବାଲ ବିଜ୍‌ନେସ ଟେକ୍ନୋଲୋଜି ପଢୁଥିବା ଘଟଣାସ୍ଥଳରୁ ଜବତ୍ ହୋଇଥିବା ଆଇକାର୍ଡରୁ ଜଣାପଡ଼ିଛି। ବୟଫ୍ରେଣ୍ଡ୍ ଜନ୍ ଭାଲେଣ୍ଟିନାଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଚେଷ୍ଟା ଚଳାଇଛି।

# ପ୍ରତ୍ୟେକ ଭାରତୀୟ ଗର୍ବିତ ହେବା ଉଚିତ

**ନୂଆଦିଲ୍ଲୀ,୨୫।୧**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ସମ୍ବୋଧନ
- ୭୪ତମ ସାଧାରଣତନ୍ତ୍ର ଦିବସ ପାଇଁ ଶୁଭେଚ୍ଛା ଜଣାଇଲେ

ସମ୍ବିଧାନ ପ୍ରଣେତାମାନଙ୍କ ଦୂରଦୃଷ୍ଟି ଆମ ସାଧାରଣତନ୍ତ୍ରକୁ ମାର୍ଗଦର୍ଶନ କରିଆସୁଛି। ଭାରତର ଯାତ୍ରା ଅନ୍ୟ ଦେଶଗୁଡ଼ିକୁ ପ୍ରେରଣା ଦେଇଛି। ତେଣୁ ପ୍ରତ୍ୟେକ ଭାରତୀୟ ନିଜ ଦେଶର ସଫଳତା ପାଇଁ ଗର୍ବିତ ଅନୁଭବ କରିବା ଉଚିତ ବୋଲି ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଟେଲିଭିଜନ୍ ବାର୍ତ୍ତାରେ କହିଛନ୍ତି। ସାଧାରଣତନ୍ତ୍ର ଦିବସରେ ଏହା ହେଉଛି ରାଷ୍ଟ୍ରପତି ମୁର୍ମୁଙ୍କ ପ୍ରଥମ ସମ୍ବୋଧନ।

୭୪ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ରାଷ୍ଟ୍ରପତି ଦେଶବାସୀ ତଥା ବିଦେଶରେ ରହୁଥିବା ଭାରତୀୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଏକ ରାଷ୍ଟ୍ର ଭାବେ ଦେଶବାସୀ ଯାହା ସବୁ ହାସଲ କରିଛନ୍ତି ରିପବ୍ଲିକ୍ ଡେ'ରେ ତାକୁ ପାଳନ କରାଯାଉଛି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ସଫଳ ହୋଇଛି। କାରଣ ଅନେକ ବର୍ଣ୍ଣ ଓ ଭାଷା ଥାଇ ସୁଦ୍ଧା ଆମେ ବିଭାଜିତ ନ ହୋଇ ଏକଠି ହୋଇଛେ। ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଅନେକ ବିସ୍ମୟକର ଯାତ୍ରା କରିଛି। ଏଥିରୁ ବହୁ ରାଷ୍ଟ୍ର ପ୍ରେରଣା ଲାଭ କରିଛନ୍ତି। ଭାରତର ସଫଳତାକୁ ନେଇ ପ୍ରତ୍ୟେକ ନାଗରିକ ଗର୍ବିତ ହେବା ଉଚିତ। ରାଷ୍ଟ୍ରପତି ଆହୁରି କହିଛନ୍ତି, ଭାରତ ହେଉଛି ସର୍ବପୁରାତନ ସଭ୍ୟତାଗୁଡ଼ିକ ମଧ୍ୟରୁ ଅନ୍ୟତମ। ତେବେ ଏକ ଆଧୁନିକ ସାଧାରଣତନ୍ତ୍ର ହିବାସରେ ଭାରତ ଯୌବନାବସ୍ଥାରେ ପଦର୍ପଣ କରିଛି। ସ୍ୱାଧୀନତା ପ୍ରାପ୍ତିର କିଛି ବର୍ଷ ମଧ୍ୟରେ ଆମେ ଅନେକ ଆହ୍ୱାନ ଓ ପ୍ରତିକୂଳପ ପରିସ୍ଥିତି ଦେଇ ଗତି କରିଛେ। ବିଦେଶୀ ଶାସନ ପରେ ଦାରିଦ୍ର୍ୟ ଓ ନିରକ୍ଷରତାର ଅତି ଉଚ୍ଚ ସ୍ତରକୁ ଆମେ ଦେଖିଛେ। କିନ୍ତୁ ଭାରତର ଗତି ଧିମେଇ ଯାଇନାହିଁ। ଆଶା ଓ ଆତ୍ମବିଶ୍ୱାସ ସହ ଆମେ ମାନବ ଇତିହାସର ଏକ ଅନନ୍ୟ ପ୍ରୟୋଗ ଆରମ୍ଭ କରିଛେ। ବହୁ ଭାଷାଭାଷୀ ତଥା ବିବିଧତାପୂର୍ଣ୍ଣ ଲୋକେ ଏକ ରାଷ୍ଟ୍ର ଭାବେ ଏକାଠି ହେବା ଅଭୂତପୂର୍ବ। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ମୂଳମନ୍ତ୍ର। ଏହା ହେଉଛି ଭାରତୀୟ ସମ୍ବିଧାନର ହୃଦୟ, ଯାହାକି କଷଟି ପଥରରେ ବହୁବାର ପରୀକ୍ଷିତ ହୋଇଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟ ଆନ୍ଦୋଳନ ଆମକୁ ସ୍ୱାଧୀନତା ଆଣିଦେଇଥିଲା। ସ୍ୱାଧୀନତା ପାଇଁ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନରେ ସଂଗ୍ରାମୀଙ୍କ ପ୍ରାଣବଳି ଆମକୁ ଉପନିବେଶବାଦୀ ଶାସନରୁ କେବଳରୁ ନୁହେଁ, ବରଂ ଆମ ଉପରେ ଲଦି ଦିଆଯାଇଥିବା ସଂକୀର୍ଣ୍ଣ ମୂଲ୍ୟବୋଧରୁ ମଧ୍ୟ ମୁକ୍ତ କରିଥିଲା। ସମ୍ବିଧାନ ଚିଠା କମିଟିର ନେତୃତ୍ୱ ନେଇଥିବା ଡକ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତି ରାଷ୍ଟ୍ର ଚିରଦିନ ଋଣୀ ହୋଇରହିବ।

## ଆଣ୍ଡ୍ରଏଡ୍ ଡେଭ୍‌ଲପର ଋଷିଙ୍କୁ ବାଲ୍ ପୁରସ୍କାର



**ମାତ୍ର ୮ ବର୍ଷ ବୟସରେ ୩ ଆଣ୍ଡ୍ରଏଡ୍ ଆପ୍ଲିକେଶନ୍ ଡେଭ୍‌ଲପ୍ କରିଛନ୍ତି**

**ନୂଆଦିଲ୍ଲୀ,୨୫।୧**

ଅଦମ୍ୟ ଇଚ୍ଛାଶକ୍ତି ଆଗରେ କୌଣସି ପ୍ରତିବନ୍ଧକ ବେଶି ସମୟ ପର୍ଯ୍ୟନ୍ତ ତିଷ୍ଠି ରହିପାରେ ନାହିଁ। ଆଧୁନିକ ଯୁଗରେ ବହୁଳ ବ୍ୟବହାର ହେଉଥିବା ଆଣ୍ଡ୍ରଏଡ୍ ଆପ୍ଲିକେଶନ୍‌କୁ ଡେଭ୍‌ଲପ୍ କରି ଏହାକୁ ପ୍ରମାଣ କରିଛନ୍ତି ବେଙ୍ଗାଲୁରୁର ଋଷି ଶିବ ପ୍ରସନ୍ନ। ୮ ବର୍ଷୀୟ ଋଷିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ସମ୍ମାନରେ ସମ୍ମାନିତ କରିଛନ୍ତି। ଏତେ କମ୍ ବୟସରେ ସେ ୩ଟି ଆଣ୍ଡ୍ରଏଡ୍ ଆପ୍ଲିକେଶନ୍ ଡେଭ୍‌ଲପ୍ କରିଛନ୍ତି। ଋଷିଙ୍କ ଆଇକ୍ୟୁ (ଇଣ୍ଟେଲିଜେନ କ୍ୱାଟିଏଣ୍ଟ) ୧୮୦ ଥିବାବେଳେ ଜଣେ ସାଧାରଣ ଲୋକର ଆଇକ୍ୟୁ ୮୫ରୁ ୧୧୫ ହୋଇଥାଏ। ଯେଉଁ ବ୍ୟକ୍ତିଙ୍କ ଆଇକ୍ୟୁ ୧୩୦ ରହିଥାଏ ସେମାନଙ୍କୁ ବହୁ ଜ୍ଞାନୀ ବୋଲି କୁହାଯାଏ। ଋଷି ଜଣେ ୟୁଟ୍ୟୁବର ମଧ୍ୟ। ବିଜ୍ଞାନ ସମ୍ବନ୍ଧୀୟ ସୂଚନା ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଜରିଆରେ ଦେଇଥାନ୍ତି। ପିଲାଟିବେଳୁ ବିଜ୍ଞାନ କ୍ଷେତ୍ରରେ ଋଷିଙ୍କ ଆଗ୍ରହ ଥିଲା। ବହି ପଢ଼ି ନୂଆ ଜିନିଷ ବିଷୟରେ ଜାଣିବା ତାଙ୍କୁ ଭଲ ଲାଗିଥାଏ। ଚଳିତବର୍ଷ ୫-୧୮ ବୟସ ବର୍ଗ ଭିତରେ ମୋଟ ୧୧ ଜଣ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭିନ୍ନ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯିବ।

## ଆଶିଷ ମିଶ୍ରା ଆଶ୍ୱସ୍ତ

**ନୂଆଦିଲ୍ଲୀ,୨୫।୧**

**ଲଖିମପୁର ଖେରି ମାମଲା**

- ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ଦେଲେ ସୁପ୍ରିମକୋର୍ଟ
- ବେଲ୍ ଅବଧି ମଧ୍ୟରେ ଆଶିଷଙ୍କୁ ୟୁପି ଓ ଦିଲ୍ଲୀରେ ରହିବା ମନା



ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆଶିଷଙ୍କୁ ସର୍ବୋଚ୍ଚ ଅଦାଲତ ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି।

୨୦୨୧ ଅକ୍ଟୋବର ୩ରେ ଲଖିମପୁର ଖେରି ଜିଲାର ତିକୁନିଆରେ କୃଷକମାନେ ବିକ୍ଷୋଭ କରୁଥିଲେ। ଆଶିଷ ବସିଥିବା ଏକ ଏସ୍‌ୟୁଭି ବିକ୍ଷୋଭକାରୀଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ୪ କୃଷକଙ୍କ ମୃତ୍ୟୁ ଘଟିବା ପରେ ସେଠାରେ ହିଂସା ଉପୁଜିଥିଲା। ଉତ୍ତ୍ୟକ୍ତ ଚାଷୀମାନେ ଜଣେ ଡ୍ରାଇଭର ଓ ୨ ଭାଜପା କର୍ମୀଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଥିଲା। ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କ ମଧ୍ୟ ହିଂସାରେ ମୃତ୍ୟୁ ଘଟିଥିବା ୟୁପି ପୋଲିସ ନିଜ ଏଫ୍‌ଆଇଆର୍‌ରେ ଦର୍ଶାଇଥିଲା। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୧୯ ତାରିଖରେ ଆଶିଷଙ୍କ ଜାମିନ ଆବେଦନର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଖଣ୍ଡପୀଠ ବୁଧବାର ଏହି ରାୟ ଶୁଣାଇବା ସହ ତାଙ୍କୁ ୮ ସପ୍ତାହ ପାଇଁ ଜାମିନ ଦେଇଛନ୍ତି। ଏହି ଜାମିନ ଅବଧି ମଧ୍ୟରେ ଅଭିଯୁକ୍ତ ଆଶିଷ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ସେ ୟୁପି କିମ୍ବା ଦିଲ୍ଲୀରେ ଅବସ୍ଥାନ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେ ଦଳ କୋର୍ଟରେ ନିଜ ପାସ୍‌ପୋର୍ଟ ଦାଖଲ କରିବେ। ଆଶିଷ, ତାଙ୍କ ପରିବାରର କୌଣସି ସଦସ୍ୟ କିମ୍ବା ସମର୍ଥକ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ସାକ୍ଷୀମାନଙ୍କୁ ପ୍ରଭାବିତ କଲେ ଅବା ଧମକ ଦେଲେ ତାଙ୍କ ଜାମିନ ଖାରଜ ହୋଇଯିବ।

## ବିଲାୱଲଙ୍କୁ ନିମନ୍ତ୍ରଣ କଲା ଭାରତ

**ନୂଆଦିଲ୍ଲୀ, ୨୫।୧**

**ଏସ୍‌ସିଓ ସମ୍ମିଳନୀ**

ସାଙ୍ଘାଇ କୋଅପରେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ)ରେ ସାମିଲ ହେବା ଲାଗି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦାରି ଏବଂ ଚିଫ୍ ଜଷ୍ଟିସ୍ ଅଫ୍ ପାକିସ୍ତାନ ଉମର ଅତା ବନ୍ଦିଆଲଙ୍କୁ ବୁଧବାର ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଇସଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ଜରିଆରେ ପାକିସ୍ତାନକୁ ଏସ୍‌ସିଓରେ ଯୋଗ ଦେବା ଲାଗି ଡକାଯାଇଛି। କିନ୍ତୁ ଏ ନେଇ ପ୍ରତିପକ୍ଷ ପାକିସ୍ତାନ ପଟରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଚଳିତବର୍ଷ ମେ' ପ୍ରଥମ ସପ୍ତାହରେ ଗୋଆଠାରେ ଏସ୍‌ସିଓ ସମିଟ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଭାରତ ଏହାର ଅଧ୍ୟକ୍ଷତା କରିବ। ଯଦି ବିଲାୱଲ ନିମନ୍ତ୍ରଣ ଗ୍ରହଣ କରି ଭାରତ ଆସନ୍ତି ତେବେ ୧୦ ବର୍ଷ ମଧ୍ୟରେ ଏହା ପାକ୍ ବହିର୍ବ୍ୟାପାର ମନ୍ତ୍ରୀଙ୍କ ପ୍ରଥମ ଭାରତଗସ୍ତ ହେବ। ପାକିସ୍ତାନ ପୂର୍ବତନ ବିଦେଶ ମନ୍ତ୍ରୀ ହିନା ରବ୍ବାନୀ ୨୦୧୧ରେ ଭାରତ ଆସିଥିଲେ। ଏସ୍‌ସିଓ ସମିଟ୍ ପାଇଁ ଭାରତ ଚାଇନା, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ କେନ୍ଦ୍ରୀୟ ଏସିଆ ରାଷ୍ଟ୍ରକୁ ମଧ୍ୟ ନିମନ୍ତ୍ରଣ କରିଛି।



ବିଲାୱଲ ଭୁଟ୍ଟୋ ଜର୍ଦାରି

## ଫୁରସତ୍



କଙ୍ଗନା ରାଣାୱତ୍

### 'ଫିଲ୍ମ ଇଣ୍ଡଷ୍ଟ୍ରି ନିମ୍ନସ୍ତରକୁ ଚାଲିଗଲାଣି'

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ୨୦ ମାସ ପରେ ପୁଣି ଟୁଇଟରକୁ ଫେରିଛନ୍ତି। ତାଙ୍କ ଆକାଉଣ୍ଟ ସକ୍ରିୟ ହେବା ପରେ ସେ ପ୍ରଥମ ଥର ପାଇଁ ନିଜ ଆଗାମୀ ଫିଲ୍ମ 'ଏମର୍ଜେନ୍ସି'ର ଶୁଟିଂ ଶେଷ ହେବା ନେଇ ଟୁଇଟ୍ କରିଥିଲେ ଏବଂ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଥିଲେ। ତେବେ ସେ ବୁଧବାର ଆଉ ଏକ ଟୁଇଟ୍ କରିଛନ୍ତି, ଯେଉଁଥିରେ ସେ ବଲିଉଡ୍ ଇଣ୍ଡଷ୍ଟ୍ରି ଉପରେ ବର୍ଷିଛନ୍ତି। ଟୁଇଟ୍‌ରେ ଲେଖିଛନ୍ତି, 'ଫିଲ୍ମ ଇଣ୍ଡଷ୍ଟ୍ରି ଏବେ ନିମ୍ନସ୍ତରକୁ ଏତେ ଚାଲିଗଲାଣି ଯେ, ଯେଉଁଠାରେ ଯେଉଁମାନେ କଳା ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ; ସେତେବେଳେ ସେମାନଙ୍କ ମୁହଁକୁ ଟଙ୍କା ଫିଙ୍ଗାଯାଉଛି। ଯେପରି କଳାର କୌଣସି ଅନ୍ୟ ଉଦ୍ଦେଶ୍ୟ ନାହିଁ। କଳାର ମର୍ଯ୍ୟାଦା ଟଙ୍କାରେ ମପା ଯାଇଥାଏ, ଯାହାକି ସେମାନଙ୍କ ନିମ୍ନସ୍ତରକୁ ଦର୍ଶାଉଛି।' ୨୦୨୧ ମେ'ରେ କଙ୍ଗନାଙ୍କ ଆକାଉଣ୍ଟ ଅଚଳ କରାଯାଇଥିଲା, ଯାହାକି ଚଳିତ ମାସ ୨୪ରେ ସକ୍ରିୟ ହୋଇଛି। କଙ୍ଗନା ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବାରୁ ଟୁଇଟର ପକ୍ଷରୁ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

### ମେନ୍‌ସାରେ ସବୁଠାରୁ ଛୋଟ ସଦସ୍ୟ




**ଲଣ୍ଡନ:** ଇଂଲଣ୍ଡର ଜଣେ ୪ ବର୍ଷର ପୁଅ ସବୁଠାରୁ ଛୋଟପିଲା ଭାବେ ନିଜକୁ ମେନ୍‌ସାର ଜଣେ ସଦସ୍ୟ କରିପାରିଛନ୍ତି। ୪ ବର୍ଷର ଟେଡିଙ୍କ ପରିବାରର କହିବା ମୁତାବକ, ସେ ୨୬ ମାସରୁ ହିଁ ପଢ଼ିବା ଆରମ୍ଭ କରିଦେଇଥିଲେ। ସେ ଟିଭି ଦେଖି ସେଥିରୁ ଭାଷାକୁ କପି କରି ନିଜେ କହିବା ଶିଖୁଥିଲେ। ଏବେ ସେ ୧୦୦ ପ୍ରକାରର ଭାଷା ଜାଣିବା ସହ କହିବାରେ ପାରଙ୍ଗମ ମଧ୍ୟ। ସେ ମେନ୍‌ସା ଆଇ କ୍ୟୁ ଟେଷ୍ଟରେ ପାସ କରି ବର୍ତ୍ତମାନ ମେନ୍‌ସାର ସଦସ୍ୟ ହୋଇ ପାରିଛନ୍ତି।

### ଏମ୍‌ପିରେ 'ପଠାନ୍'ର ମର୍ନିଂ ଶୋ' ବାତିଲ

**ଭୋପାଳ/ଇନ୍ଦୋର/ ଗ୍ୱାଲିଅର**

**ବହୁ ସ୍ଥାନରେ ବିକ୍ଷୋଭ**

ହିନ୍ଦୀ ସିନେମାଜଗତର ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ଫିଲ୍ମ 'ପଠାନ୍' ବୁଧବାର ଦେଶର ବିଭିନ୍ନ ପ୍ରାନ୍ତରେ ରିଲିଜ୍ ହୋଇଯାଇଛି। କିନ୍ତୁ ମଧ୍ୟପ୍ରଦେଶର କିଛି ହଲ୍‌ରେ ଫିଲ୍ମର ଫାଷ୍ଟ ଶୋ'କୁ ବାତିଲ କରିବାକୁ ପଡ଼ିଥିଲା। ଆରମ୍ଭରୁ ଫିଲ୍ମକୁ ବିରୋଧ କରିଆସୁଥିବା ଦକ୍ଷିଣପନ୍ଥୀ ସଂଗଠନ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ଇନ୍ଦୋର, ଭୋପାଳର ବିଭିନ୍ନ ସିନେମାଘରେ ମର୍ନିଂ ଶୋ' ବାତିଲ୍ କରିବା ଲାଗି ପ୍ରଦର୍ଶନକାରୀ ଦାବି କରିଥିବାର ଦେଖିବାକୁ ମିଳିଥିଲା। ଭୋପାଳରେ ଥିବା ରଙ୍ଗମହଲ ହଲ୍‌ରେ ବଜରଙ୍ଗ ଦଳ ସଦସ୍ୟମାନେ ପଠାନ୍ ବିରୋଧରେ ନାରାବାଜି କରିଥିବାବେଳେ ସିନେମାର ପୋଷ୍ଟର ଚିରି ଫୋପାଡ଼ିବା ପାଇଁ ପ୍ରେକ୍ଷାଳୟ ମାଲିକଙ୍କୁ କହିଥିଲେ। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହଲ୍ ନିକଟରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କରିଥିବା ଭୋପାଳ ଏସିପି ସଚିନ କୁମାର କହିଛନ୍ତି। ସେହିପରି ଇନ୍ଦୋରର ସପନା-ସଙ୍ଗୀତା ସିନେମା ହଲ୍ ସାମ୍ନାରେ ହିନ୍ଦୁ ଜାଗରଣ ମଞ୍ଚ ଗୈରିକ ପତାକା ଧରି ହନୁମାନ ଚାଳିଶା ଜପ କରିଥିଲେ। ଗ୍ୱାଲିଅରରେ ବଜରଙ୍ଗ ଦଳ ଦୀନଦୟାଲ ମଲ୍‌ରେ ଥିବା ମଲ୍ଟିପ୍ଲେକ୍ସ ପାଇଁ ବାଟ ଛକିଥିବାର ଦେଖିବାକୁ ମିଳିଥିଲା। ତେବେ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡିକର ବିକ୍ଷୋଭ ପ୍ରଦର୍ଶନରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ।



## ସଂକ୍ଷେପରେ

### ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡି ପୁନଃ ନିଯୁକ୍ତିକୁ ଅବୈଧ ଘୋଷଣା

**କଟକ ଅଫିସ,୨୫।୧:** ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପୁନଃ ନିଯୁକ୍ତିକୁ ଅବୈଧ ଘୋଷଣା କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ବୁଧବାର ଏହି ରାୟ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଏମ୍‌ଡି ପଦରେ ଗୋପବନ୍ଧୁ ଶତପଥୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯିବାକୁ ନେଇ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଆବେଦନକାରୀ ବେଣୁ ମାଧବ ତ୍ରିପାଠୀ ତାଙ୍କ ପିଟିଶନ୍‌ରେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ରାଜ୍ୟ ଜେନେରାଲ ଆଡ୍‌ମିନିଷ୍ଟ୍ରେଶନ ଓ ପବ୍ଲିକ ଗ୍ରିଭାନ୍ସ ଡିପାର୍ଟମେଣ୍ଟ ଦ୍ୱାରା ଏ ସଂକ୍ରାନ୍ତରେ ୨୦୦୨ ମାର୍ଚ୍ଚ ୨ରେ ପ୍ରକାଶିତ ବିଜ୍ଞପ୍ତିକୁ ଆବେଦନକାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପି. କେ. ରଥ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଏ. କେ. ପରିଜା, ଏଏସ୍‌ସି ଈଶ୍ୱର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୨ବର୍ଷ ଜେଲ

**ଆସିକା,୨୫।୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ଏକ ଗ୍ରାମରେ ୨୦୨୦ ଡିସେମ୍ବରରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ବୁଧବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ଚୌଧୁରୀ ପ୍ରବୀଣ କୁମାର ଅଭିଯୁକ୍ତଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ପ୍ରଭାକର ସ୍ୱାଇଁ ଓରଫ ଶୁଣ୍ଡୀ।

୨୦୨୦ ଡିସେମ୍ବର ୨୫ ତାରିଖରେ ଜଣେ ୨୨ ବର୍ଷୀୟା ମାନସିକ ଅନଗ୍ରସର ଯୁବତୀ ଘର ଛାତ ଉପରେ ଖେଳୁଥିବା ବେଳେ ଅଭିଯୁକ୍ତ ଶୁଣ୍ଡୀ ଜବରଦସ୍ତ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ମା' ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୬୦/୨୦ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହିଞ୍ଜିଳି ଥାନାରେ ସେ ସମୟରେ ଦାୟିତ୍ୱରେ ଥିବା ଆଇପିଏସ୍ ଅଧିକାରୀ ଜି.ଆର. ରାଘବେନ୍ଦ୍ର ଉକ୍ତ ମାମଲାର ତଦନ୍ତ କରି ଅଦାଲତକୁ ଚାର୍ଜଶିଟ ପଠାଇଥିଲେ। ଚାର୍ଜଶିଟ ଓ ମୋଟ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ମାମଲା ଲଢୁଥିଲେ।

# ୨୫% ସଂରକ୍ଷିତ ସିଟ୍ ଲାଗି କଡ଼ାକଡ଼ି ହେବ ନିୟମ

- କମନ୍ ଡାଟାବେସ୍‌ରେ ଆବେଦନ ହେବା ବାଧ୍ୟତାମୂଳକ
- ନିୟମ ଅବମାନନା କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁସାରେ ଗରିବ ତଥା ଆର୍ଥିକ ଅନଗ୍ରସର ପିଲାଙ୍କ ନାମଲେଖା ପାଇଁ ୨୫% ସଂରକ୍ଷଣ ରହିବା ଉଚିତ। ଏହାକୁ ରାଜ୍ୟରେ ଅଧିକାଂଶ ସ୍କୁଲ ପାଳନ କରୁ ନ ଥିବା ଦେଖାଯାଉଛି। ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ପ୍ରତ୍ୟେକ ଘରୋଇ ସ୍କୁଲର ୨୫ପ୍ରତିଶତ ସିଟ୍‌ରେ ନାମଲେଖା ଅଧିକାର ସରକାରଙ୍କ ପାଖରେ ରହିବ। ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ଏହି ୨୫ପ୍ରତିଶତ କୋଟା ସିଟ୍‌ରେ ପଢ଼ିବାର ସୁଯୋଗ ପାଇପାରିବେ। ତେବେ ଏହି ନିୟମକୁ ଅବମାନନା କଲେ କିମ୍ବା ନାମଲେଖାରେ ପ୍ରିୟାପ୍ରୀତି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓସେପା ପକ୍ଷରୁ ସୂଚନା ମିଳିଛି। ଏପରିକି ୨୫ପ୍ରତିଶତ ସିଟ୍‌ରେ ଗରିବ ପିଲାଙ୍କୁ ନାମ ଲେଖାଇବାର ସୁଯୋଗ ନ ଦେଲେ ସମ୍ପୃକ୍ତ ସ୍କୁଲକୁ ଏନ୍‌ଓସି ମିଳିବ ନାହିଁ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

ପୂର୍ବରୁ ଘରୋଇ ସ୍କୁଲରେ ଗରିବ ପିଲାଙ୍କ ଲାଗି ୨୫ପ୍ରତିଶତ ସିଟ୍ ସଂରକ୍ଷିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ସିଟ୍‌ରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ମ୍ୟାନେଜମେଣ୍ଟ ସିଟ୍ କହି ଅଧିକ ଟଙ୍କାରେ ନାମ ଲେଖାଉଥିବା ବେଳେ ଗରିବ ପିଲାମାନେ ଏହି କୋଟାରେ ପଢ଼ିବାରୁ ବଞ୍ଚିତ ହେଉଥିଲେ। ହେଲେ ଏଣିକି ଏହି ୨୫% କୋଟା ସିଟ୍ ସରକାରଙ୍କ ପାଖରେ ରହିବ। ଆବେଦନକାରୀମାନେ ଏହି ସିଟ୍ ଲାଗି ସରକାରଙ୍କ ପାଖରେ ଆବେଦନ କରିବେ। ତେବେ ୨୫% ସିଟ୍‌ରେ ନାମଲେଖା ଲାଗି ସରକାର ଯେଉଁ ନିୟମ କରିଛନ୍ତି, ସେହି ନିୟମ ମଧ୍ୟରେ ଯେଉଁ ଆବେଦନକାରୀମାନେ ରହିବେ ସେମାନଙ୍କୁ ଘରୋଇ ସ୍କୁଲରେ ପଢ଼ିବାର ସୁଯୋଗ ମିଳିବ। ଏନେଇ ଚଳିତ ବର୍ଷରୁ ଅନ୍‌ଲାଇନ୍‌ରେ କମନ୍ ଡାଟାବେସ୍ ଲାଗୁ କରାଯିବ। ଫଳରେ ଏହା ମାଧ୍ୟମରେ ଯୋଗ୍ୟ ଛାତ୍ରୀଛାତ୍ରମାନେ ସିଧାସଳଖ ସ୍କୁଲରେ ଆବେଦନ ନ କରି ଏହି କମନ୍ ଡାଟାବେସ୍‌ରେ ଆବେଦନ କରିପାରିବେ। ଆବେଦନ ସମୟରେ ଆବେଦନକାରୀମାନେ ସ୍କୁଲ ତାଲିକାରେ ୫ଟି ସ୍କୁଲର ନାମ ରଖିବେ। ପିଲା ରହୁଥିବା ଠିକଣାଠାରୁ ନିକଟତର ଘରୋଇ ସ୍କୁଲରେ ପଢ଼ିବାକୁ ସୁଯୋଗ ଦିଆଯିବ। ତେବେ ଆବେଦନ ସମୟରେ ବାର୍ଷିକ ଆୟ, ଉଭୟ ଅଭିଭାବକ ଏବଂ ପିଲାର ଆଧାର ନମ୍ବର, ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ତାଲିକା ଫର୍ମରେ ଉଲ୍ଲେଖ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ତେବେ ନାମଲେଖା ଲାଗି ଆବେଦନ ପ୍ରକ୍ରିୟା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଆରମ୍ଭ ହେବ।

ସୂଚନାଯୋଗ୍ୟ, ରାଜ୍ୟରେ ୩୫୦୦ରୁ ଅଧିକ ପ୍ରତିଷ୍ଠିତ ଘରୋଇ ସ୍କୁଲ ରହିଥିବା ବେଳେ ସମ୍ପୃକ୍ତ ସ୍କୁଲଗୁଡ଼ିକରେ ନାମଲେଖା ବାବଦରେ ଲକ୍ଷାଧିକ ଟଙ୍କା ଆଦାୟ ହେଉଛି। ଗରିବ ପିଲାଙ୍କ ଲାଗି ଉଦ୍ଦିଷ୍ଟ ୨୫% କୋଟା ସିଟ୍‌କୁ ଅନେକ ଘରୋଇ ସ୍କୁଲର କର୍ତ୍ତୃପକ୍ଷ ମ୍ୟାନେଜମେଣ୍ଟ ସିଟ୍ ନାଁରେ ବିକ୍ରି କରିଥିବା ଅଭିଯୋଗ ମଧ୍ୟ ହୋଇଥିଲା। ତେଣୁ ଏପରି ସମସ୍ୟାର ସମାଧାନ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରତିବର୍ଷ କେତେ ଗରିବ ପିଲା ଆବେଦନ କଲେ ଏବଂ କେଉଁ ସ୍କୁଲରେ ନାମଲେଖାଇବାର ସୁଯୋଗ ପାଇଲେ ତାହା ସ୍ପଷ୍ଟ ହୋଇପାରିବ। ଏପରିକି ରାଜ୍ୟରେ ଥିବା ଘରୋଇ ସ୍କୁଲଗୁଡ଼ିକରେ ଧାର୍ଯ୍ୟ ହୋଇଥିବା କୋଟା ସିଟ୍‌ରୁ କେତେ ପୂରଣ ହେଲା ଏବଂ କେତେ ସିଟ୍ ବଳକା ରହିଲା ତାହାର ରିପୋର୍ଟ ମଧ୍ୟ ବିଭାଗ ପାଖରେ ରହିବ ବୋଲି ଜଣାପଡ଼ିଛି।

# ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ ଅଫିସ, ୨୫।୧**

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି ନିଜକୁ ଧନ୍ୟ ମଣିଛନ୍ତି। ପରମ୍ପରା ଅନୁଯାୟୀ ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ଏହି ବେଶ କରାଯାଇଥାଏ। ଗୁରୁବାର ବସନ୍ତ ପଞ୍ଚମୀ ପଡୁଥିବାରୁ ବୁଧବାର ଶ୍ରୀବିଗ୍ରହଙ୍କୁ ପଦ୍ମବେଶରେ ସୁସଜ୍ଜିତ କରାଯାଇଛି। ବଡ଼ସିଂହାର ବେଶରେ ପଦ୍ମବେଶ ହୋଇଥିଲା। ଏହି ବେଶରେ ଠାକୁର ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଢ଼ି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ସୋଲ, ଜରି, କଦଳୀପଟ, କନା, କଇଥ ଅଠା, ରଙ୍ଗ ସାହାଯ୍ୟରେ ଏ ସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ନିର୍ମିତ କରାଯାଇଛି। ପରମ୍ପରା ଅନୁଯାୟୀ, ବଡ଼ଛତା ମଠ ଏହି ବେଶ ପ୍ରସ୍ତୁତ କରି ଯୋଗାଇଆସୁଛି। ବେଶ ପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ଶ୍ରୀବିଗ୍ରହମାନେ ପଦ୍ମବେଶରେ ରାତ୍ରପହୁଡ଼ ଯାଇଥିଲେ। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ପହୁଡ଼ ଯାଆନ୍ତି। ଏହି ବେଶ ଥାଇ ଠାକୁର ଗୁରୁବାର ମଙ୍ଗଳ ଆଳତି ହେବେ। ପରେ ଅବକାଶ ନୀତି ହୋଇ ବେଶ ଓଲାଗି କରାଯିବ। ସପ୍ତଦଶ ସପ୍ତାବ୍ଦୀରେ ବଡ଼ଛତା ମଠର ସନ୍ଥ ରଘୁବର ଦାସ ପଦ୍ମବେଶର ପ୍ରବର୍ତ୍ତକ ବୋଲି କୁହାଯାଏ।

# ଶ୍ରେଷ୍ଠ ୨୫ ମଧ୍ୟରେ ଓଡ଼ିଶାର ଦିବ୍ୟାଂଶୀ



ଦିବ୍ୟାଂଶୀ ଦାସଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୁରସ୍କୃତ କରୁଛନ୍ତି।

- ବିର ଗାଥା ୨.୦ ପ୍ରକଳ୍ପ
- ପୁରସ୍କୃତ କଲେ ପ୍ରତିରକ୍ଷା ମନ୍ତ୍ରୀ

**କଟକ ଅଫିସ,୨୫।୧**

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବୀର ଗାଥା ୨.୦ ପ୍ରକଳ୍ପ ନାମରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ୧୪, ୪୭୨ ସ୍କୁଲରୁ ୧୯.୫ ଲକ୍ଷ ପିଲା ଅଂଶଗ୍ରହଣ କରିଥିଲେ। ତେବେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ୨୫ ଜଣଙ୍କ ମଧ୍ୟରେ ଓଡ଼ିଶାର ଜଣେ ଛାତ୍ରୀ ରହିଛନ୍ତି। ସେ ହେଲେ କଟକ ଜିଲା ଗଣ୍ଡରପୁରଠାରେ ଥିବା ଲଜ୍‌ପତ ରାୟ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ ଦିବ୍ୟାଂଶୀ ଦାସ। କ୍ରମାଗତ ଭାବେ ସେ ଦ୍ୱିତୀୟ ବର୍ଷ ପାଇଁ ଉକ୍ତ ପ୍ରକଳ୍ପର ଶ୍ରେଷ୍ଠ ୨୫ ଜଣିଆ ତାଲିକାରେ ସ୍ଥାନ ପାଇଛନ୍ତି। ବୁଧବାର ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଦିବ୍ୟାଂଶୀଙ୍କୁ ପୁରସ୍କୃତ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ମେଡାଲ ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଛି।

ଚାଉଳିଆଗଞ୍ଜ ଅଞ୍ଚଳର ଯଶୋବନ୍ତ ଦାସ ଓ ଶ୍ରଦ୍ଧାଞ୍ଜଳି ଦାସଙ୍କ ଝିଅ ଦିବ୍ୟାଂଶୀ ୫ମ ଶ୍ରେଣୀର ଛାତ୍ରୀ। ସେ ଏହି ପ୍ରତିଯୋଗିତାରେ କଲୋନେଲ ବି. ସନ୍ତୋଷ ବାବୁଙ୍କ ଉପରେ ଚିତ୍ର ଆଙ୍କିଥିଲେ, ଯାହାର ନା ଦେଇଥିଲେ ଗଲୱାନ କି ବଲୱାନ। ଚିତ୍ରକଳାରେ ଦକ୍ଷତା ପାଇଁ ସେ ଦ୍ୱିତୀୟଥର ଏଥିରେ ସ୍ଥାନ ପାଇଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏ ସମ୍ପର୍କରେ ଯଶୋବନ୍ତ ଓ ଶ୍ରଦ୍ଧାଞ୍ଜଳି କହିଛନ୍ତି, ପିଲାବେଳୁ ଚିତ୍ରକଳା ପ୍ରତି ଦିବ୍ୟାଂଶୀଙ୍କ ଆଗ୍ରହ ରହିଥିଲା। ତେଣୁ ଚିତ୍ର ଆଙ୍କିବା ପାଇଁ ସବୁବେଳେ ଉତ୍ସାହିତ କରିଆସିଛୁ। ଏଥିପାଇଁ ସେ ପୁରସ୍କୃତ ହୋଇଥିବାରୁ ଆମକୁ ବହୁତ ଖୁସି ଲାଗୁଛି। ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ଏହି ୨୫ ଜଣ ବିଜେତାଙ୍କୁ ଦିଲ୍ଲୀର ରିପବ୍ଲିକ୍ ଡେ ସେଲିବ୍ରେସନକୁ ନିମନ୍ତ୍ରଣ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ୨୦୨୧ ବିଜେତା ତାଲିକାରେ ଦିବ୍ୟାଂଶୀଙ୍କ ନାଁ ଉଲ୍ଲେଖ ରହିଥିଲା।

### ହୃଦ୍‌ଘାତରେ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ

**ରାଇଘର, ୨୫।୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ଭାରସୁଣ୍ଡି (ଡିଏନକେ) ଗ୍ରାମର ଶେଖର ବାଲା (୪୫)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ସେ ରାଜସ୍ଥାନ ଅଧୀନ କୋଟାରେ ସିଆର୍‌ପିଏଫ୍ ଯବାନଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସକାଳୁ ଶେଖରଙ୍କ ଛାତିରେ ଯନ୍ତ୍ରଣା ହେବା ଦହ ସେ ଅଚେତ ହୋଇ ଯାଇଥିଲେ। ଶେଖରଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର କୋଟାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପରେ ତାଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ପରେ ଓଡ଼ିଶା ଅଣାଯାଇଥିଲା। ବୁଧବାର ସକାଳେ ଭାରସୁଣ୍ଡି ଡିଏନକେ ସ୍ଥିତ ନିଜ ବାସଭବନରେ ପହଞ୍ଚି ଥିଲା। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସେଠାରେ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ରାଇଘରର କେତେଜଣ ଅବସରପ୍ରାପ୍ତ ଯବାନ ମାନେ ମଧ୍ୟ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣେଇଥିଲେ। ଘଟଣା ସ୍ଥଳରେ ରାଇଘର ଥାନାଧିକାରୀ ପ୍ରମୋଦ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିଲେ। ଶ୍ମସାନରେ ଗାର୍ଡଅଫ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୫-ଟି ରୂପାନ୍ତରିତ ସ୍କୁଲର ଶୈକ୍ଷିକ ବାତାବରଣ ଉପରେ ନଜର ରଖ

**ଓସେପା କାର୍ଯ୍ୟକାରୀ କମିଟି ବୈଠକ**

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର କାର୍ଯ୍ୟକାରୀ କମିଟିର ତୃତୀୟ ବୈଠକ ବୁଧବାର ଓଡ଼ିଶା ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରି ଆଗାମୀ ଦିନରେ ରାଜ୍ୟର ପିଲାମାନଙ୍କ ଗୁଣାତ୍ମକ ଶିକ୍ଷା ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ଉପରେ ନଜର ରଖିବା ସହ ସ୍ମାର୍ଟ କ୍ଲାସ୍‌ରୁମ, ଇ-ଲାଇବ୍ରେରି ଏବଂ ପରୀକ୍ଷାଗାରରେ ଉପଲବ୍ଧ ଆଧୁନିକ ଉପକରଣ ମାଧ୍ୟମରେ ଶିକ୍ଷାଦାନ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଓସେପା ଓ ଷ୍ଟାର୍‌ସର ୨୦୨୧-୨୨ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ଓ ଆୟବ୍ୟୟର ହିସାବ ସମ୍ବନ୍ଧୀୟ ପୁସ୍ତିକାକୁ ଅନୁମୋଦନ କରାଯାଇଥିଲା। ଓସେପା ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହୋଇପାରିବ ସେ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥୀ.ଏସ୍. ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ବିଭିନ୍ନ ବିଭାଗର ଅଧିକାରୀ ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ମାଗୁଣି ଚରଣ କୁଅଁରଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର,୨୫।୧(ସ୍ୱ.ପ୍ର.)**

ବିଶିଷ୍ଟ କଣ୍ଢେଇ ନୃତ୍ୟଗୁରୁ ମାଗୁଣି ଚରଣ କୁଅଁରଙ୍କୁ ପଦ୍ମଶ୍ରୀ ପାଇଁ ଘୋଷଣା କରାଯାଇଛି। ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଧାୟକ ମୋହନ ମାଝି ତାଙ୍କ ପୁରୁଣା ବଜାର ବୈଦରାଜ ସାହିସ୍ଥିତ ବାସଭବନକୁ ଯାଇ ବୁଧବାର ରାତିରେ ସମ୍ବର୍ଦ୍ଧିତ କରିଛନ୍ତି। କୁଅଁର କାଠି କଣ୍ଢେଇକୁ ନିଜର କୌଶଳରେ ଜୀବନ୍ତ କରି ଲୋକଙ୍କୁ ମନୋରଞ୍ଜନ କରିଥାନ୍ତି। ସେ ଏହାକୁ ଏକାଧିକ ସହରରେ ନିଜେ ପରିବେଷଣ କରି ପ୍ରଶଂସା ସାଉଁଟିଛନ୍ତି। ସେ ପୂର୍ବରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛନ୍ତି। ରାବଣ ବଧ, ଦାନବୀର ହରିଶ୍ଚନ୍ଦ୍ର ପରି ବିଷୟକୁ ସେ କଣ୍ଢେଇ ମାଧ୍ୟମରେ ବେଶ୍ ସୁନ୍ଦର ଭାବେ ପ୍ରଦର୍ଶନ କରିଥାନ୍ତି।ଏହା ସହିତ ମହିଷାସୁର ବଧ, ସାପୁଆ କେଳା, ଭୋଗିଆ ରହସ୍ୟ ଆଦି ପରିବେଷଣ କରିଥାନ୍ତି। ତାଙ୍କୁ ପଦ୍ମଶ୍ରୀ ଘୋଷଣା ପରେ କେନ୍ଦୁଝର ଜିଲାରେ ଆନନ୍ଦ ଖେଳିଯାଇଛି।

### ପୁଅ ଖଣ୍ଡାଚୋଟରେ ବାପା ମୃତ

**ଛତ୍ରପୁର,୨୫।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ମଠସାହିରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି । ପାରିବାରିକ କଳହରୁ ପୁଅ ଖଣ୍ଡା ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଣ୍ଡବ ମହାଙ୍କୁଡ (୬୦)। ଅଭିଯୁକ୍ତ ପୁଅ ସଞ୍ଜୀୟ ମହାଙ୍କୁଡଙ୍କୁ ଗ୍ରାମବାସୀ କାବୁ କରି ଥାନା ଜିମା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଇଛି।

ପ୍ରକାଶ ଯେ, ପାଣ୍ଡବ ଏକ କୁକୁଡ଼ା ଫାର୍ମରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ପୁଅ ସଞ୍ଜୀୟଙ୍କ ସହ ତାଙ୍କର ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଉଭୟେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ ମଧ୍ୟ କଳହରୁ ସମସ୍ତେ ଘର ଛାଡ଼ି ଚାଲିଯାଇଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ପାଣ୍ଡବ ଘରେ ଶୋଇଥିଲେ। ଏହାର ସୁଯୋଗ ନେଇ ସଞ୍ଜୀୟ ଏକ ଖଣ୍ଡା ଆଣି ତାଙ୍କ ବେକରେ ଚୋଟ ପକାଇବାରୁ ଘଟଣାସ୍ଥଳରେ ପାଣ୍ଡବଙ୍କ ମୃତ୍ୟୁ ଘଟିଥିଲା। କୌଣସି ପ୍ରକାରେ ଗ୍ରାମବାସୀ ଏହା ଜାଣିପାରି ସଞ୍ଜୀୟଙ୍କୁ କାବୁ କରି ନେଇ ଥାନାକୁ ଜଣାଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

### ଶାବଳରେ ଖୁଡ଼ୀଶାଶୁଙ୍କୁ ହତ୍ୟା, ଜ୍ୱାଇଁ ଗିରଫ

**ସୁନ୍ଦରଗଡ଼/ନୂଆଗାଁ, ୨୫।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଚିତାପେଡ଼ି ପଞ୍ଚାୟତ କାତେପୁର କୁମ୍ଭାରବସ୍ତିରେ ମଙ୍ଗଳବାର ବିଳମ୍ବିତ ରାତିରେ ମୁନା କୁମ୍ଭାର (୪୦) ନାମକ ଜଣେ ଯୁବକ ନିଜ ଖୁଡ଼ୀଶାଶୁ ମୁନି କୁମ୍ଭାର (୬୫)ଙ୍କୁ ଶାବଳରେ ଆକ୍ରମଣ କରି ହତ୍ୟା କରିଛନ୍ତି। ମୁନିଙ୍କ ସ୍ୱାମୀ ଭଦରଙ୍କୁ ମଧ୍ୟ ଶାବଳରେ ଆକ୍ରମଣ କରିଥିବା କୁହାଯାଉଛି। ତେବେ ତାଙ୍କୁ ଗାଁ ଲୋକେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେ ବିପଦମୁକ୍ତ ଥିବା ପୋଲିସ କହିଛି। ଖବରପାଇ ବିଶ୍ରା ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତ ମୁନା କୁମ୍ଭାରଙ୍କୁ ଗିରଫ କରାଯାଇଛି। ମୁନି ଓ ଭଦର କୁଆଡେ ମୁନାଙ୍କୁ ଗୁଣିଗାରେଡି ଶିଖେଇବାକୁ ଚାହୁଁଥିଲେ। ଏହା ବଦଳରେ ମୁନାଙ୍କ ଗୋଟେ ପିଲାକୁ ଦାନ ସ୍ୱରୂପ ସେମାନେ ମାଗୁଥିବା ମୁନା କହିଛନ୍ତି। ତେବେ ଏହି ଘଟଣାର ସତ୍ୟତା କେତେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଦେଶକୁ ରପ୍ତାନି ହେଲା ଓଡ଼ିଶା ଉତ୍ପାଦିତ ମିଲେଟ୍‌ସ

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ପ୍ରଥମ ଥର ପାଇଁ ଓଡ଼ିଶାରେ ଉତ୍ପାଦିତ ମିଲେଟ୍‌ସକୁ ବିଦେଶକୁ ରପ୍ତାନି କରାଯାଇଛି। ଏହି କ୍ରମରେ ବୁଧବାର ରାଜ୍ୟ ଉନ୍ନୟନ କମିଶନର ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ କୁମାର ଜେନା ରପ୍ତାନି କରାଯାଉଥିବା କ୍ଷୁଦ୍ରଶସ୍ୟ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍‌ସ ମିଶନ ଦ୍ୱାରା ପ୍ରୋତ୍ସାହିତ ଶକ୍ତିମୟୀ ମହାସଂଘ ଦ୍ୱାରା ପ୍ରଥମ ଥର ପାଇଁ ଓଡ଼ିଶାରେ ଚାଷ ହେଉଥିବା ବିଭିନ୍ନ କ୍ଷୁଦ୍ରଶସ୍ୟକୁ ଭାରତ ବାହାରକୁ ରପ୍ତାନି କରାଯାଇଛି।




ଅପରପକ୍ଷେ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ(ଇମେଜ)ଠାରେ ବୁଧବାର ଏକ ଦିନିକିଆ କର୍ମଶାଳା ତଥା କ୍ଷୁଦ୍ରଶସ୍ୟ ରପ୍ତାନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଅଧୀନ ଏପିଡାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଷୁଦ୍ରଶସ୍ୟ ସହ ଓଡ଼ିଶାରେ ଉତ୍ପାଦିତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟକୁ ମଧ୍ୟ ରପ୍ତାନି କରିବାକୁ ଉପସ୍ଥିତ ଏପିଡା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଗ୍ରିକଲ୍‌ଚର ଆଣ୍ଡ ପ୍ରୋସେସ୍ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ ଡେଭ୍‌ଲପମେଣ୍ଟ ଅଥରିଟି(ଏପିଡା)ର ଆଞ୍ଚଳିକ ଶାଖା ମୁଖ୍ୟ ସନ୍ଦୀପ ଶାହା କହିଥିଲେ, ଭାରତରେ ପ୍ରସ୍ତୁତ ବିଭିନ୍ନ କୃଷିଜାତ ଦ୍ରବ୍ୟକୁ ଭାରତ ବାହାରେ ପହଞ୍ଚାଇବା ସହ ଚାଷୀ ଓ କୃଷି ସହ ଜଡ଼ିତ ଥିବା ଅନୁଷ୍ଠାନକୁ ଅଧିକ ଲାଭ ଦେବା ହେଉଛି ଏପିଡାର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ଏଥିରେ ଏକ ବୃହତ୍ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିବା ସହ ଅନ୍ତର୍ଜାତୀୟ ମିଲେଟ୍‌ସ ବର୍ଷ ୨୦୨୩ରେ ଓଡ଼ିଶାରୁ ଅଧିକରୁ ଅଧିକ କ୍ଷୁଦ୍ରଶସ୍ୟକୁ ବିଭିନ୍ନ ଦେଶକୁ ରପ୍ତାନି କରିବାର ଯୋଜନା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମିଲେଟ୍‌ସ ମିଶନ ତଥା କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ମହାନ୍ତି, ନାବାର୍ଡ ଓଡ଼ିଶା ଶାଖା ମୁଖ୍ୟ ବିଭୂତି ସାହୁ, ଓଡ଼ିଶା ମିଲେଟ୍‌ସ ମିଶନର ରାଜ୍ୟ ସଂଯୋଜକ ଦିନେଶ ବାଲମ୍‌ଙ୍କ ସହ ରାଜ୍ୟ ତଥା ବିଭିନ୍ନ ଜିଲାରୁ ଆସିଥିବା ବରିଷ୍ଠ ଅଧିକାରୀ, କ୍ରେତା, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଚାଷୀମାନେ ଏହି ରପ୍ତାନି ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଓମ୍‌କାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଜପା ଛାଡ଼ିଲେ ଗିରିଧର, ଶିଶିର

■ ଜଣେ ନେତାଙ୍କ ପ୍ରରୋଚନାରେ ଅଣଦେଖା କରାଯାଉଥିଲା: ଗିରିଧର

■ ଦଳ ଛାଡ଼ିବା ପାଇଁ ବାହାନା ଦରକାର: ଭାଜପା

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ରାଜନୈତିକ ମହଲରେ ଯାହା କଳ୍ପନାଜଳ୍ପନା ଚାଲିଥିଲା ତାହା ଏକ ପ୍ରକାର ସତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଗିରିଧର ଗମାଙ୍ଗ ଏବଂ ତାଙ୍କ ପୁଅ ଶିଶିର ଗମାଙ୍ଗ ବୁଧବାର ଭାଜପା ଛାଡ଼ିଛନ୍ତି। ଭାଜପାର ପ୍ରାଥମିକ ସଦସ୍ୟ ପଦ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦରୁ ମଧ୍ୟ ସେମାନେ ଇସ୍ତଫା ଦେଇଛନ୍ତି। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିକଟକୁ ଉଭୟେ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ୨୦୧୫ରେ କଂଗ୍ରେସ ଛାଡ଼ି ଉଭୟେ ଭାଜପାରେ ମିଶିଥିଲେ। ହେଲେ ଭାଜପାରେ ସେମାନଙ୍କୁ କୋଣଠେସା କରାଯାଉଥିବା ସେମାନେ ଅଭିଯୋଗ କରି ଆସୁଥିଲେ। ତେବେ କିଛିଦିନ ପୂର୍ବେ ସେମାନେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଭେଟିଥିଲେ। ତେଣୁ ବାପପୁଅ ଭାଜପା ଛାଡ଼ି ଖୁବ୍‌ଶୀଘ୍ର ବିଆର୍‌ଏସ୍‌ରେ ସାମିଲ ହେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା।

ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗିରିଧର କହିଛନ୍ତି, କଂଗ୍ରେସ ଛାଡ଼ିବାବେଳେ କାହା ବିରୋଧରେ କହି ନ ଥିଲି। ତେଣୁ ଭାଜପା ଛାଡ଼ିବା ବେଳେ ମଧ୍ୟ କାହା ବିରୋଧରେ କିଛି କହିବିନାହିଁ। ଦକ୍ଷିଣ ଓଡ଼ିଶାର ଜଣେ ନେତାଙ୍କ ପ୍ରରୋଚନାରେ ଆମକୁ ଅଣଦେଖା କରାଯାଉଥିଲା।


ଖବରଦାତା ସମ୍ମିଳନୀରେ ଗିରିଧର ଗମାଙ୍ଗ ଓ ଶିଶିର ଗମାଙ୍ଗ।

ଏପରିକି ଦଳୀୟ କାର୍ଯ୍ୟକ୍ରମକୁ ଡାକିଲେ ଯାଉଥିଲି, ନ ଡାକିଲେ ଯାଉ ନ ଥିଲି। ବହୁ ସମୟରେ କାର୍ଯ୍ୟକ୍ରମ ସରିଗଲା ପରେ ଆମ ପାଖକୁ ଖବର ଦିଆଯାଉଥିଲା। କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲି। ଏବେ ଭାଜପା ଛାଡ଼ି ଦେଇଥିବାରୁ ପୁନର୍ବାର ଆଉ ଏକ ଜାତୀୟ ଦଳରେ ନିଶ୍ଚିତ ଭାବେ ଯୋଗଦେବି। ଉକ୍ତ ଜାତୀୟ ପାର୍ଟି ଓଡ଼ିଶା ଆସି ନ ଥିବା ବେଳେ ତାହାକୁ ଗଢ଼ିବାର ଦାୟିତ୍ୱ ନେବି। ସେଠାରେ ଯେଉଁ କାମ ଦିଆଯିବ ତାହାକୁ ସମ୍ପାଦନ କରିବି। ରାଜନୀତିରେ ପରିବାରବାଦରେ ଭରସା କରେନି, କିନ୍ତୁ ଏହା ରହିଛି। ମୋର ବୟସ ହୋଇଗଲାଣି, ତେଣୁ ପୁଅ ଶିଶିର ହିଁ ଯାହା ନିଷ୍ପତ୍ତି ନେବ।

ଏନେଇ ଶିଶିର କହିଛନ୍ତି, ଯେତେବେଳେ ଭାଜପାରେ ଯୋଗଦେଇଥିଲୁ ତାଙ୍କୁ କୋରାପୁଟ ଏମ୍‌ପି ଟିକେଟ ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ତାହା ନ ଦେଇ ଗୁଣପୁର ଏମ୍‌ଏଲ୍‌ଏ ଟିକେଟ ଦେଲେ। ହେଲେ ନିର୍ବାଚନ ବୈତରଣୀ ପାରହେବା ନିମନ୍ତେ ତାଙ୍କୁ ଭାଜପାର କେହି ସାହାଯ୍ୟ କଲେନାହିଁ। ଦକ୍ଷିଣ ଓଡ଼ିଶାର ଜଣେ ନେତାଙ୍କ ଇଙ୍ଗିତରେ ମୋତେ କାମ କରାଇ ଦେଲେନାହିଁ। ଏନେଇ ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣିଲେ ନାହିଁ ବୋଲି ସେ କହିଛନ୍ତି। ତେବେ ଏନେଇ ଭାଜପା ନେତା ଦିଲୀପ ମହାନ୍ତି କହିଛନ୍ତି, ଦଳ ଛାଡ଼ିବା ପାଇଁ ବାହାନା ଦରକାର। ତେଣୁ ସେମାନେ ଅବହେଳିତ ହେବାର ଆଳ ଦେଖାଉଛନ୍ତି। ସେ ଯଦି ଅସନ୍ତୁଷ୍ଟ ଥିଲେ, ଆମକୁ ଜଣାଇଥିଲେ ତାହାର ସମାଧାନ ହୋଇପାରିଥାଆନ୍ତା।

# ମୋଦି ସରକାରଙ୍କୁ ଟାର୍ଗେଟ କଲେ ନୀତୀଶ

ପାଟନା,୨୫।୧: ମହାଗଠବନ୍ଧନରେ ଯୋଗଦେବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କେନ୍ଦ୍ରର ମୋଦିସରକାରକୁ ଟାର୍ଗେଟ କରୁଛନ୍ତି। ବୁଧବାର ସେ କହିଛନ୍ତି, କେନ୍ଦ୍ର ସରକାର ଗରିବ ରାଜ୍ୟ ପ୍ରତି ଧ୍ୟାନ ଦେଉନାହାଁନ୍ତି। ପଛୁଆ ରାଜ୍ୟଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସର୍ବପ୍ରଥମେ କାର୍ଯ୍ୟ କରିବା ଆବଶ୍ୟକ, କିନ୍ତୁ କେନ୍ଦ୍ର ସରକାର ଋଣ ଉପରେ ମଧ୍ୟ ରୋକ ଲଗାଇଛନ୍ତି। ଏହା ବିକାଶ କାର୍ଯ୍ୟକୁ ପ୍ରଭାବିତ କରୁଛି। ପୂର୍ବରୁ କୌଣସି କେନ୍ଦ୍ର ସରକାର ଏତେ ହସ୍ତକ୍ଷେପ କରି ନ ଥିଲେ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ଏବିନ ସିଂହ
ପଛିକୋଟଗଡ଼, ଯାଜପୁର
ଆବିର୍ଭାବ- ୧୯୫୭
ତିରୋଧାନ- ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ- ପୁତ୍ର ଅପୁ ଓ ପରିବାରବର୍ଗ
ଧ-୨୫୫୯

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଏନରହରି ମିଶ୍ର
ବିନାୟକପୁର, ପିପିଲି
ଆବିର୍ଭାବ: ୨୩.୦୫.୧୯୭୫
ତିରୋଧାନ: ୧୭.୦୧.୨୦୨୩
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ସ୍ତ୍ରୀ- ସଞ୍ଜୁ, ଝିଅ- କୁନି, କାମି ନାନୀ, ଭାଇନା, ଭାଉଜ, ତୋଫା, ନମା, ଝାମ୍ପୁ, ପିଙ୍କୁ ଏବଂ ମାମା ।
ଧ-୨୫୯୦

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଏସରସ୍ୱତୀ ମିଶ୍ର
ବୀରନରସିଂହପୁର, ଚନ୍ଦନପୁର, ଜିଲ୍ଲା-ପୁରୀ
ଆବିର୍ଭାବ- ୧୦।୬।୧୯୫୩
ତିରୋଧାନ- ୧୭।୦୧।୨୦୨୩
ଅମର ଆତ୍ମାର ସଦ୍‌ଗତି ଏବଂ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୨୫୬୫

# ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ବନ୍ଦ କରିବାକୁ ଯାଉଛି କେନ୍ଦ୍ର: ବିଜେଡି

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ଲୋକ ପ୍ରତିନିଧିମାନେ ସେମାନଙ୍କୁ ନିର୍ବାଚିତ କରିଥିବା ଲୋକଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବା କୌଣସିଠାରେ ଦେଖାଯାଏ ନାହିଁ । ହେଲେ ୨୦୧୯ରେ ଓଡ଼ିଶା ଲୋକଙ୍କ ଦ୍ୱାରା ନିର୍ବାଚିତ ଭାଜପା ଏମ୍‌ପିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)କୁ ଷଡ଼ଯନ୍ତ୍ରକରି ଅଟକାଇବା ପରେ ଏଭଳି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ବୋଲି ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର ଅଭିଯୋଗ କରିଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀରେ ସସ୍ମିତ୍ କହିଛନ୍ତି, ଗ୍ରାମୀଣ ଆବାସ ଘର ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରିଥିଲା। ଭାଜପା ଲୋକ ପ୍ରତିନିଧି ଭାବେ ଯେଉଁମାନଙ୍କୁ ଓଡ଼ିଶା ଲୋକ ଜିତାଇଥିଲେ ସେମାନେ ଦିଲ୍ଲୀ ଯାଇ ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧରେ ଷଡ଼ଯନ୍ତ୍ର କରି ପିଏମ୍‌ଏୱାଇ(ଗ୍ରାମୀଣ) ଯୋଜନାରେ ମିଳିବାକୁ ଥିବା ଲକ୍ଷାଧିକ ଘରକୁ ଅଟକାଇଥିଲେ। ଭାଜପାର ଏମ୍‌ପିମାନେ ନିଜ ନିର୍ବାଚନମଣ୍ଡଳୀରେ ଭୋଟ ଦେଇଥିବା ଲୋକଙ୍କ ଭରସାକୁ ଅସମ୍ମାନ କରିଥିଲେ । ସେମାନଙ୍କର ଷଡ଼ଯନ୍ତ୍ର ସଫଳ ହୋଇଥିଲା ଏବଂ ଗ୍ରାମୀଣ ଆବାସ ଯୋଜନାରେ ମିଳିବାକୁ ଥିବା ଘରଗୁଡ଼ିକୁ କେନ୍ଦ୍ର ବନ୍ଦ କରିଦେଇଥିଲା। ଓଡ଼ିଶା ସରକାର ଏବଂ ବିଜେଡି ଏମ୍‌ପିଙ୍କ ଜୋର୍‌ଦାର ଚାପ ସହିତ ଯେତେବେଳେ ଏହାକୁ କାର୍ଯ୍ୟକାରୀ କରିବାକୁ କଠିନ ଚେଷ୍ଟା କଲେ ପୁଣିଥରେ ଭାଜପା ଏହାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛି । ଓଡ଼ିଶାରେ ୧୫ ଲକ୍ଷରୁ ଅଧିକ ଘର ଆବଶ୍ୟକ ଥିବାବେଳେ କେନ୍ଦ୍ର ମାତ୍ର ୮ ଲକ୍ଷ ଘରକୁ ମଞ୍ଜୁର କରିଛି। ଚଳିତ ବର୍ଷଠାରୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାକୁ ବନ୍ଦ କରିବାକୁ ଯାଉଛି। ପିଏମ୍‌ଏୱାଇ ତାଲିକାରେ ଥିବା କିମ୍ବା ନ ଥିବା ହିତାଧିକାରୀଙ୍କ ବିଷୟରେ ଭାଜପା କାନ୍ଦୁଛି । ପିଏମ୍‌ଏୱାଇ ପାଇଁ ନିର୍ଦ୍ଦେଶାବଳୀ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର। ସେହି ଅନୁଯାୟୀ ହିତାଧିକାରୀ ଚୟନ କରାଯାଇଥାଏ। ଯଦି ସେମାନେ ଏଥିରେ ଅସନ୍ତୁଷ୍ଟ, ତେବେ ଓଡ଼ିଶାରେ କୁମ୍ଭୀର କାନ୍ଦଣା କାନ୍ଦିବା ବଦଳରେ କେନ୍ଦ୍ରରେ ଥିବା ତାଙ୍କ ଦଳର ସରକାରଙ୍କୁ ପିଏମ୍‌ଏୱାଇ ନିର୍ଦ୍ଦେଶାବଳୀ ବଦଳାଇବାକୁ କୁହନ୍ତୁ। ଓଡ଼ିଶା ଲୋକ ବୁଦ୍ଧିମାନ୍ ଅଟନ୍ତି । ସେମାନେ ଜାଣିଥିଲେ ଭାଜପା ଷଡ଼ଯନ୍ତ୍ର କରି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାକୁ ବନ୍ଦ କରିଦେଇଛି। ତେଣୁ ଲୋକମାନେ ଭାଜପାକୁ ଜିଲ୍ଲା ପରିଷଦ ନିର୍ବାଚନରେ ତାହାର ଫଳାଫଳ ଦେଖାଇଲେ। ଯେଉଁଠାରେ ଭାଜପା ସମସ୍ତ ଜିଲ୍ଲାରେ ହାରିଲା ଏବଂ ବିଜେଡି ୩୦ରୁ ୩୦ ଜିଲ୍ଲା ପରିଷଦରେ ରେକର୍ଡ ବିଜୟଲାଭ କଲା ବୋଲି ସସ୍ମିତ କହିଛନ୍ତି। ଏହି ଅବସରରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

# ଗରିବଙ୍କୁ ଘର କରାଇ ନ ଦେବାକୁ ବିଜେଡି ଷଡ଼ଯନ୍ତ୍ର କରୁଛି: ଭାଜପା

■ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କଳି

■ ସବୁ ବ୍ଲକରେ ପ୍ରତିବାଦ କଲା ଦଳ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

'ମାଗିଲେ ୨୭, ପାଇଲେ ୨୮' । ତଥାପି ଗରିବଙ୍କୁ ଘର କରାଇ ନ ଦେବାକୁ ବିଜେଡି ଷଡ଼ଯନ୍ତ୍ର କରୁଛି। କେନ୍ଦ୍ର ସରକାର ଉପରେ ମିଥ୍ୟା ଆରୋପ ଲଗାଇ ଗରିବ ଲୋକଙ୍କ ପାଇଁ ନିଜେ ଶାସକ ଦଳ ନେତାମାନେ କୁମ୍ଭୀର ସାଜିଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବିଜେଡି ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଉଥିବା ନେଇ ଭାଜପା ଅଭିଯୋଗ କରିଆସୁଛି। ଯେପରି ଯୋଗ୍ୟଙ୍କୁ ତାଲିକାରେ ସାମିଲ କରି ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ସେନେଇ ସବୁ ବ୍ଲକରେ ଭାଜପା ବୁଧବାର ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ଅନ୍ୟପଟେ ବିଜେଡି କିନ୍ତୁ ସିଧାସଳଖ ଭାଜପା ନେତାମାନେ ଜାଣିଶୁଣି ଓଡ଼ିଶାକୁ ଆବାସ ଯୋଜନାରେ ଘର ନ ଦେବା ଲାଗି ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରିବା ପରେ ଭାଜପା ତା'ର ଉତ୍ତର ରଖିଛି।

ପୃଥ୍ୱୀରାଜ କହିଛନ୍ତି, ରାଜ୍ୟ ସରକାର ଷଡ଼ଯନ୍ତ୍ର କରି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେଇଛନ୍ତି । ତାଲିକାରେ ଚଞ୍ଚକତା କରି ପକ୍କାଘର ଆବଣ୍ଟନରେ ଦଳୀୟ କର୍ମୀ ଓ ନେତାଙ୍କ ନାମ ଯୋଡ଼ାଯାଇଛି । ରାଜନୈତିକ ଅସହିଷ୍ଣୁତା ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ଘରେ ରହୁଥିବା ସତ୍ତ୍ୱେ ତାଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି । ଠିକ୍ ତାଲିକା ପ୍ରସ୍ତୁତ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ଥିବାବେଳେ ତାହା କରୁନାହାନ୍ତି। ଓଲଟା ଲୋକଙ୍କ ଉପରେ ଅଭିଯୋଗ ଲଦି ଦେଇ ଗାଁ ଗଣ୍ଡାରେ ହିଂସା ଓ ଗଣ୍ଡଗୋଳର ଚକ୍ରାନ୍ତ କରିଛନ୍ତି । କେନ୍ଦ୍ର ଗାଇଡ୍‌ଲାଇନକୁ ନ ମାନି ଦଳୀୟ ଭିତ୍ତିରେ ଅଯୋଗ୍ୟ ଲୋକଙ୍କୁ ପକ୍କାଘର ଯୋଗାଇଦେବାର ଷଡ଼ଯନ୍ତ୍ର ରାଜ୍ୟ ସରକାର କରିଛନ୍ତି। ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ଆକ୍ରୋଶରୁ ମୁକୁଳିବା ପାଇଁ ବିଜେଡି ନେତା ଗପ ଶୁଣାଉଛନ୍ତି ବୋଲି ସେ କହିଛନ୍ତି ।

# ସ୍ଥାନୀୟ ସମସ୍ୟା ନେଇ ପଞ୍ଚାୟତସ୍ତରରେ ପହଞ୍ଚିବ କଂଗ୍ରେସ: ସହାୟ

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିଷ୍ପତ୍ତି ଅନୁଯାୟୀ ସାରା ଦେଶରେ ଜାନୁୟାରୀ ୨୬ ତାରିଖରୁ ୨ ମାସ ବ୍ୟାପି ''ହାଥ୍ ସେ ହାଥ୍ ଯୋଡ଼ୋ'' କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଏ ସମ୍ପର୍କରେ ବୁଧବାର କଂଗ୍ରେସ ଭବନ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ସହାୟ କହିଛନ୍ତି, ମୋଦୀ ସରକାରଙ୍କ ବହୁ ଘୋଷିତ ସ୍ଲୋଗାନ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ' ଧୂଆଁବାଣରେ ପରିଣତ ହୋଇଛି। ବାସ୍ତବରେ କୁଛ୍ କା ସାଥ୍, ଖୁଦକା ବିକାଶ ଏବଂ 'ସବକା ସାଥ୍-ବିଶ୍ୱାସଘାତ' ଅନୁଭୂତ ହେଉଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଦେଶବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଛି। ଫଳରେ, ଗାନ୍ଧୀଙ୍କ ସମସ୍ତ ୧୨ଟି ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଭାରତ ଯୋଡ଼ୋ ଯାତ୍ରାରେ ଲକ୍ଷ ଲକ୍ଷ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାରର ବିବିଧ ବିଫଳତା ପ୍ରସଙ୍ଗରେ ଭାରତବର୍ଷର ସମସ୍ତ ବ୍ଲକ ଓ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ବିସ୍ତୃତ ଭାବେ ଅବଗତ କରିବା ଉଦ୍ଦେଶ୍ୟରେ 'ହାଥ୍ ସେ ହାଥ୍ ଯୋଡ଼ୋ' କାର୍ଯ୍ୟକ୍ରମ କଂଗ୍ରେସ ହାତକୁ ନେଇଛି। ଏଥିସହ ରାଜ୍ୟ ସରକାରଙ୍କ କୁଶାସନ ଓ ସ୍ଥାନୀୟ ଅଞ୍ଚଳର ଜନସମସ୍ୟାକୁ ଯୋଡ଼ି କଂଗ୍ରେସ ପ୍ରତି ବ୍ଲକ ଓ ପଞ୍ଚାୟତରେ ପହଞ୍ଚିବାକୁ ଯୋଜନା କରିଛି ବୋଲି ସହାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିଶ୍ୱ କ୍ଷୁଧା ବିଶେଷାଙ୍କରେ ଭାରତ ୧୧ଟି ରାଷ୍ଟ୍ର ମଧ୍ୟରୁ ୧୦୭ ତମ ସ୍ଥାନରେ ରହିଛି। ସଦ୍ୟତମ ଅକ୍ସଫାମ୍ ରିପୋର୍ଟ ଅନୁସାରେ ଅର୍ଥନୈତିକ ଅସମତା ବୃଦ୍ଧିପାଇ ମାତ୍ର ୧ ଭାଗ ଲୋକଙ୍କ ଉପରେ ଦେଶର ୪୧ ଭାଗ ସମ୍ପତ୍ତି ରହିଛି। ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଭଳି ଅମଲାଶାସନ ଚାଲିଛି। ଯେଉଁଠି ମନ୍ତ୍ରୀ, ତଥା ନିର୍ବାଚିତ ପ୍ରତିନିଧିମାନେ ଅମଲାର ଅଧିନସ୍ଥ ହୋଇ ଗୁଣଗାନ କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ଉପହାସ ବୋଲି ସହାୟ କହିଛନ୍ତି।

## Classified Everyday
0674-2580101, 2549949


AUTOMOBILE
SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200


REAL ESTATE
SALE

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି -9348767829. D-74173

ରେତଙ୍ଗ ମଉଜାରେ ୩୦ ଫୁଟ ପିଚୁରୋଡକୁ ଲାଗି ୪୮୦୦ ବର୍ଗଫୁଟ ଘରବାରି ପ୍ଲଟ୍ ବିକ୍ରି ହେବ। Contact: 9778928492. D-73678

Cuttack, Trisulia, Patapur near Subash Engineering College, Plot 2178 sqft. for sale. 9338202233. D-2592

Cuttack, Nuapatana Ring Road side near Mahanadi Madhusudan Bridge (CDA Sector-10) gharabari Plot 5095 sqft. for sale, 9338202233. D-2593

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ଼କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980. D-74187

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣ୍ଟପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511. D-2509


FOR RENT

Tolet at GGP Colony, 2 bed room, 1 bed room. Call- 9238321015, 7008124203. D-2587

See Career Appointment on every Wednesday & Saturday


Healthcare

Newly open SPA positively health benefits with expert therapist. 7849011931. D-73677

Newly open health benefits SPA special offer @ 999 Nayapalli. 7846814019. D-73676

Relax, Refresh your body, Mind at Saikrupa Spa with best therapies. 8984068077. D-2586


BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

AFFIDAVIT

ଜଟଣୀ ମାଜିଷ୍ଟ୍ରେଟଙ୍କ ସତ୍ୟପାଠ ଅନୁସାରେ ଚନ୍ଦ୍ରମଣି ସାହୁ, ପିତା ଅଲେଖ ସାହୁ, ଗ୍ରାମ- କନ୍ତିଆ, ଜଟଣୀ, ଖୋର୍ଦ୍ଧାଙ୍କ ନାମ ଚନ୍ଦ୍ରମଣି କର୍ଣ୍ଣ ନାମରେ ରୂପାନ୍ତରିତ କଲି। ଧ-୨୫୩୭

### ବ୍ରତୋପନୟନ



ଶ୍ରେୟାସ ପଣ୍ଡା
ସଂସାରଫଳ, ପଟ୍ଟାମୁଣ୍ଡାଇ
କେରେଡ଼ାଗଡ, ରାଜନଗର
ଆମ ଗେହ୍ଲା ଆୟୁଷ୍ମାନ ଶ୍ରେୟାସ (ଗୁଗୁଲ)ର ଶୁଭ ବ୍ରତଘର ପବିତ୍ର ସରସ୍ୱତୀ ପୂଜା ଦିନ। ବ୍ରହ୍ମଚାରୀଙ୍କୁ ଶୁଭ କଲ୍ୟାଣ ବାଢ଼ିଦେବେ ।
ଅଜା- ଗୋପୀନାଥ ଦାଶ, ଆଈ- ବାସନ୍ତୀ ଦାଶ, ମାମୁ- ଶିବ ନାରାୟଣ ଦାଶ, ମାଇଁ- ଶୁଭ୍ରାସ୍ମିତା ପାଢ଼ୀ।
ଧ-୨୫୮୯

### ଜନ୍ମଦିନ ଶୁଭେଚ୍ଛା



ପ୍ରୟାସ କୁମାର ବନ୍ଛୁର(ଓମ୍‌କାର)
ବାପା-କୃଷ୍ଣଚନ୍ଦ୍ର ବନ୍ଛୁର, ମା'-ଦୀପିକା ସୁନାନୀ
ତୋର ଏଇ ଜନ୍ମଦିନ ଅବସରରେ ବାପା, ମା', ଦାଦା, ଦାଦୀ, ବଡ଼ବାପା, ବଡ଼ମା', ଅଜା, ଆଈ, କାକା, କାକୀ, ବଡ଼ମାମା, ବଡ଼ମାମୀ, ଛୋଟମାମା, ଛୋଟମାମୀ, ସମୀର, ଅମୀର, ଲେଖିକା, ନୀହାରିକା, ଉମାକାନ୍ତ, ପ୍ରଭାସ, ପୁନମ୍, ପାୟଲ ଓ ବନ୍ଛୁର ପରିବାରବର୍ଗ ଭଗବାନଙ୍କଠାରେ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା କରୁଛୁ।
ଧ-୨୫୯୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କନ୍ୟାଦାନ



(ବାମରୁ) ମହାଶ୍ୱେତା-ଜସ୍ମିନ



**ଶା**ଶୁ-ବୋହୂ ସମ୍ପର୍କର ଅଦ୍ଭୁତ କାହାଣୀକୁ ଆଧାର କରି ଜୀ-ସାର୍ଥକ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'କନ୍ୟାଦାନ'। ଏହି ଚିତ୍ରଟି ଚଳିତ ମାସ ୨୯ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ରେ ଜୀ-ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେବ। ଜୀ-ସାର୍ଥକ ଫିଲ୍ମସ୍ ସବୁବେଳେ ନୂଆ ଓ ଭିନ୍ନ ଭିନ୍ନ କାହାଣୀରେ ନିର୍ମିତ ଚଳଚ୍ଚିତ୍ର ତାହାର ଦର୍ଶକଙ୍କୁ ଭେଟି ଦେଇଆସିଛି। ଏଥର ସେହି ଚିରାଚରିତ ଶାଶୁ-ବୋହୂ ଝଗଡ଼ା ନୁହେଁ ବରଂ ଜଣେ ଶାଶୁ କିପରି ନିଜ ବୋହୂର କନ୍ୟାଦାନ କରୁଛନ୍ତି ତାକୁ ନେଇ ଏହି ଫିଲ୍ମର କାହାଣୀ ଗତି କରିଛି। କବିର ଦାସ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ଓ ସ୍ୱୟମ୍ ପାଢ଼ୀ। 'କନ୍ୟାଦାନ'ର ମୁଖ୍ୟ ଭୂମିକାରେ ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିବ। ଏଥିରେ ଯସ୍ମିନ୍ ଏବଂ ବିକ୍ରମ ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମର କାହାଣୀ ଏକ ଭିନ୍ନ ସ୍ୱାଦର ଓ ସମାଜରେ ବର୍ତ୍ତମାନ ସ୍ଥିତି ଉପରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ପ୍ରଯୋଜନା ସଂସ୍ଥା ଜୀ-ସାର୍ଥକ ଚ୍ୟାନେଲ୍ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି।

# ଓଜନ ପାଇଁ ଟେନ୍‌ସନ

**ଯେ**ତେବେଳେ ଭୂମି ପେଡେନ୍‌କର ଆକ୍ଟିଂ ଲାଇନ୍‌ରେ ପାଦଦେଲେ ସେତେବେଳେ ତାଙ୍କର ଗୋଟିଏ ଜିନିଷ ପାଇଁ ଟେନ୍‌ସନ ଥିଲା। ତାହା ଥିଲା ତାଙ୍କ ଓଜନ। 'ଦମ୍ ଲଗାକେ ହୈସା'ରେ ସାଇନ୍ କରିବା ପରେ ତାଙ୍କୁ ତୁରନ୍ତ ଓଜନ କମାଇବାକୁ ପରାମର୍ଶ ଦିଆଯାଇଥିଲା। ସେତେବେଳେ ତାଙ୍କ ଓଜନ ଥିଲା ୯୦ କିଗ୍ରା। ମାତ୍ର ପାଞ୍ଚ ମାସ ଭିତରେ ସେ ନିଜ ଓଜନ ୨୦ କିଗ୍ରା କମାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ଭୂମି କୁହନ୍ତି, 'ଯେତେବେଳେ ମୋତେ ମୋ ଓଜନ କମାଇବାକୁ କୁହାଗଲା, ସେତେବେଳେ ତାହାକୁ ନେଇ ଟେନ୍‌ସନ ବଢ଼ିଯାଇଥିଲା। କାରଣ ସୀମିତ ସମୟ ଭିତରେ ମୋତେ ଏହି କାମ ଶେଷ କରିବାକୁ କୁହାଯାଇଥିଲା। ଆଉ ତା'ପରେ ମୁଁ କାଳ ବିଳମ୍ବ ନ କରି ଓଜନ କମାଇବାରେ ଲାଗିପଡ଼ିଥିଲି। ମାତ୍ର ପାଞ୍ଚ ମାସ ଭିତରେ ମୁଁ ମୋ ଓଜନକୁ ୯୦ରୁ ୭୦ କିଗ୍ରାକୁ କମାଇବାରେ ସଫଳ ହୋଇଥିଲି। ଏବେ ମୋ କ୍ୟାରିୟରକୁ ନେଇ ମୁଁ ବେଶ୍ ସଚେତନ।' ବର୍ତ୍ତମାନ ଭୂମିଙ୍କ ହାତରେ ଛଅଟି ଫିଲ୍ମ- 'ଗୋବିନ୍ଦା ନାମ୍ ମେରା', 'ଭେଡ୍', 'ବୈଶାଖି', 'ଦ ଲେଡି କିଲର', 'ଆଫ୍‌ୱାହ' ଏବଂ 'ମେରି ପତ୍ନୀ କି ରିମେକ୍' ରହିଛି।



ଭୂମି

# ଆରମ୍ଭ ହେଲା ନୂଆ ଧାରା

**ନୂ**ଆବର୍ଷରେ ନୂଆ କାହାଣୀ ଅବଲମ୍ବନରେ ସିନେମା ନିର୍ମାଣ ପାଇଁ ନିର୍ମାତାମାନେ ମନ ସ୍ଥିର କଲେଣି। ୨୦୨୨ ଶେଷଭାଗରେ 'ଦମନ' ସିନେମାର ପ୍ରଭାବ ସାଙ୍ଗକୁ 'ପ୍ରତୀକ୍ଷା' ପରି ସିନେମା ଦେଖିବା ପରେ ନିର୍ଦ୍ଦେଶକମାନେ ନିଜକୁ ପରିମାର୍ଜିତ କରିବା ଲକ୍ଷ୍ୟ କରାଯାଉଛି। ଏହା ଏକ ଭଲ ସୂଚନା। କପି ସିନେମାର ଯୁଗ ଲାଗୁଛି ଶେଷ ହେବ।

ଓଡ଼ିଆ ସିନେମାରେ ବର୍ତ୍ତମାନ ନୂତନ ଯୁବପିଢ଼ିର ଟେକ୍ନିକାଲ ଦକ୍ଷତା ଥିବା ବ୍ୟକ୍ତିମାନେ ଭଲ ସିନେମା ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଆ ସିନେମାରେ ଦର୍ଶକଙ୍କ ରୁଚିରେ ପରିବର୍ତ୍ତନ ଆସୁଛି। ଭଲ ସିନେମା ନ କଲେ ଦର୍ଶକମାନେ ବିମୁଖ ହେବେ। ସିନେମା ପରି ବୃହତ୍ ଗଣମାଧ୍ୟମକୁ ଖାମଖିଆଲ କରିବା ଆଦୌ ଉଚିତ୍ ହେବନାହିଁ। ଅତୀତକୁ ଭୁଲି ଏକ ଭବିଷ୍ୟତ ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କଲେ ଭଲ ସିନେମାଟିଏ ନିର୍ମାଣ ହୋଇପାରିବ।

ବର୍ଷକୁ ସଂଖ୍ୟାଧିକ ଓଡ଼ିଆ ସିନେମା ମୁକ୍ତିଲାଭ ବଡ଼କଥା ନୁହେଁ। ପ୍ରତିଟି ସିନେମାରେ ଗୁଣାତ୍ମକ ଓ ସଚେତନତାର ବାର୍ତ୍ତା ରହିବା ଉଚିତ୍। କଳାତ୍ମକ ଅଥବା ବାସ୍ତବଧର୍ମୀ ଆଳରେ ଏହି ସିନେମା କରୁଥିବା ବ୍ୟକ୍ତିତ୍ୱମାନଙ୍କ ଜ୍ଞାନ ଥିବା ନିହାତି ଜରୁରୀ। ରାଜ୍ୟ ଶିଳ୍ପ ବିଭାଗ ଅନ୍ୟାନ୍ୟ ଶିଳ୍ପଗୁଡ଼ିକୁ ଯେପରି ପ୍ରୋତ୍ସାହନ ପାଇଁ ସୁଯୋଗ ସୃଷ୍ଟି କରୁଛି, ସିନେମା ଶିଳ୍ପ ପ୍ରତି ସେତିକି ଗୁରୁତ୍ୱ ଦେବା ଉଚିତ୍। ପି.ପି. ମୋଡ୍‌ରେ ଅନେକ ଉଦ୍ୟୋଗୀ ପ୍ରେକ୍ଷାଳୟ କରିବା ପାଇଁ ଇଚ୍ଛାପ୍ରକାଶ କରୁଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଦରକାର। ଚଳିତବର୍ଷ ଓସ୍କାର ସିନେମା ପ୍ରତିଯୋଗିତାରେ ପାଞ୍ଚଟି ଭାରତୀୟ ସିନେମା ମନୋନୀତ ହେବା ଗର୍ବର କଥା। ଅତୀତରେ କେବେ ଏତେଗୋଟି ଭାରତୀୟ ସିନେମା ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରି ନ ଥିଲା।



ଓଡ଼ିଆ ସିନେମା ପୁରସ୍କାର ପ୍ରଦାନ ଦିଗରେ ହାଇକୋର୍ଟ ଠିକ୍ ସମୟରେ 'ଛବିରାଣୀ'ର ପ୍ରଯୋଜକ ତଥା ନିର୍ଦ୍ଦେଶକ ବବି ଇସ୍‌ଲାମଙ୍କ ମକଦ୍ଦମାକୁ ନେଇ ଏକ ରାୟ ଦେଇଛନ୍ତି। ବିଚାରପତି ସଞ୍ଜୟ ପାଣିଗ୍ରାହୀ ତାଙ୍କ ଫଇସଲାରେ ଶୁଣାଇଛନ୍ତି ଯେ, ୩୧ତମ ପୁରସ୍କାର ମନୋନୟନ ପୁନରାୟ କରାଯିବ। ଏକମାସ ସମୟସୀମା ଦେଇଛନ୍ତି। ତନ୍ମଧ୍ୟରୁ 'ଖୁସୀ' ଓ 'ଗୋଲମାଲ ଲଭ୍' ଓଡ଼ିଆ ସିନେମାକୁ ବାଦ୍ ଦିଆଯିବ। ଏହି ରାୟ ସିନେମା ସମାଜକୁ ଅନେକ ପ୍ରଭାବିତ କରିଛି। ଏଣିକି ଓଡ଼ିଆ ସିନେମା ଓ ମୌଳିକତା ପ୍ରତି ଧ୍ୟାନ ଅଧିକ ଦେଇ ପ୍ରଯୋଜକମାନେ କାର୍ଯ୍ୟଧାରା ଆରମ୍ଭ କଲେ ସଫଳତା ପାଇବେ। ଆମ ସିନେମା ସମାଜ ନୂଆଧାରାରେ ପରିଚାଳିତ ହେବ।

**-ଦିଲୀପ ହାଲି**
ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ: ୯୮୬୧୦୦୯୨୫୨

ଅପେରା ହାଲ୍‌ଚାଲ୍

# ଆଶାରେ ରୋଜି

**କ**ଳାକାର ପରିବାରରେ ତାଙ୍କର ଜନ୍ମ। କେବଳ ମା' ରୀନା ନାୟକ ନୁହନ୍ତି, ବାପା ରାଜେଶ ନାୟକ ମଧ୍ୟ ଅପେରା ଜଗତ ସହ ଜଡ଼ିତ। ଏଭଳି ପରିବେଶରେ ଜନ୍ମନେବା ପରେ ଅଭିନେତ୍ରୀ ହେବାର ଆଶା ତାଙ୍କ ମନରେ ଜନ୍ମ ନେଇଥିଲା। ଆଉ ଏବେ ନିଜ ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହୋଇଛନ୍ତି ସେ। ଏହି ଅଭିନେତ୍ରୀ ଜଣକ ହେଲେ ରୋଜି। ୨୦୧୭ରେ ସେ ଜଲିଉଡ୍‌ରେ ଏଣ୍ଟ୍ରି କରନ୍ତି। ତାଙ୍କ ଅଭିନୀତ ପ୍ରଥମ ନାଟକ ହେଲା ଇଷ୍ଟର୍ନ ରେଡ୍‌ର 'ପାଞ୍ଚ ପଇସାର ସ୍ୱାମୀ'। ଡେବ୍ୟୁ ନାଟକରୁ ସଫଳତା ମିଳିବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ବର୍ତ୍ତମାନ ସେ ଯାତ୍ରା ମାୟାନଗରୀରେ ନିଜ କ୍ୟାରିୟର ଜାରି ରଖିଛନ୍ତି। 'ଭୂମିକାଟି ଯେମିତି ହେଉନା କାହିଁକି ତାହାକୁ ମୁଁ ଶତପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟାକରେ। ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ପଜିଟିଭ୍ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିଛି। ହେଲେ ଭିନ୍ନ ଭିନ୍ନ ଚରିତ୍ରରେ ନିଜ ଦକ୍ଷତା ଦେଖାଇବାକୁ ଆଶା ରଖିଛି ବୋଲି କହନ୍ତି ରୋଜି। ତାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ହେଲା, 'ବିନା ଦୋଷରେ ମୁଁ ପାଉଛି ଫାଶୀ', 'ବାପାଙ୍କ ଭୁଲ୍ ମୋ ପାଇଁ ଗଙ୍ଗା ତୁଳସୀ', 'ବାହା ସତ୍ୟବାନ୍ ବାଡୁଅ ସାବି' (ମାୟା ନଗରୀ), 'କହିଦେଲେ ତୁ ମରିଯିବି ମୁଁ' ଏବଂ 'କେମିତି ଅଛ ନୀହାରିକା' (ରାଜଧାନୀ ଅପେରା) ଇତ୍ୟାଦି।



ରୋଜି




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୬/୨୦୨୩ Bhubaneswar, Thursday, January 26/ 2023

# ସେମିରେ ଜୋକୋଭିଚ୍, ଟମି

**ମେଲବୋର୍ନ,୨୫ା୧(ପି.ଟି.)**

ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ବିଭାଗ ସେମିରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓ ଆମେରିକୀୟ ଟମି ପଲ୍। ସେହିପରି ମହିଳା ସିଙ୍ଗଲ୍ସରେ ବେଲାରୁଷର ଆରିନା ସାବାଲେଙ୍କା ଓ ପୋଲାଣ୍ଡର ମାଗଦା ଲିନେଟ୍ ସେମିରେ ପ୍ରବେଶ କରିଛନ୍ତି। ଗୋଟିଏ ବର୍ଷର ଅନ୍ତରାଳରେ ଅଷ୍ଟ୍ରେଲିଆନ ଓପନକୁ

**ଅଷ୍ଟ୍ରେଲିଆନ ଓପନ**

ପ୍ରତ୍ୟାବର୍ତ୍ତନ କରିଥିବା ନୋଭାକ ଜୋକୋଭିଚ୍ ସେମିରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପଞ୍ଚମ ସିଡ୍ ଆଣ୍ଡି ରୁବଲେଭଙ୍କୁ ପରାସ୍ତ କରିବା ସହିତ ସେମିରେ ସ୍ଥାନ ସୁରକ୍ଷିତ କରିଛନ୍ତି ଜୋକୋଭିଚ୍। ରଡ୍ ଲାଭେର ଆରେନାରେ ଖେଳା ଯାଇଥିବା ମୁକାବିଲାକୁ ଜୋକୋଭିଚ୍ ୬-୧, ୬-୨ ଓ ୬-୪ ସେଟ୍‌ରେ ଜିତି ନେଇଛନ୍ତି। ୧୦ମ ଅଷ୍ଟ୍ରେଲିଆନ୍ ଓପନ ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ ନିଜ କ୍ୟାରିୟରର ୪୪ ତମ ଗ୍ରାଣ୍ଡସ୍ଲାମ ସେମିରେ ପ୍ରବେଶ କରିଛନ୍ତି। ଏହି ବିଜୟ ସହିତ ସେ ଆନ୍ଦ୍ରେ ଆଗାସୀଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଗାସୀ ଅଷ୍ଟ୍ରେଲିଆନ ଓପନରେ କ୍ରମାଗତ ୨୬ ମ୍ୟାଚ ଧରି ଅପରାଜେୟ ରହିଥିଲେ। ଫାଇନାଲରେ ପହଞ୍ଚିଲେ ଜୋକୋଭିଚ୍ ଏହି ରେକର୍ଡ ଭାଙ୍ଗିପାରିବେ। ରଡ୍ ଲାଭେର ଆରେନାକୁ ନିଜର ଲକି ଚାର୍ମ ବୋଲି ବର୍ଣ୍ଣନା କରିବା ସହିତ ଦର୍ଶକଙ୍କ ଉପସ୍ଥିତିକୁ ମଧ୍ୟ ପ୍ରଶଂସା କରିଥିଲେ।



ଟମି ପଲ୍



ଆରିନା ସାବାଲେଙ୍କା

ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଅଣସିଡେଡ୍ ଟମି ପଲ୍ ନିଜ ଦେଶର ବେନ୍ ଶେଲ୍‌ଟନଙ୍କୁ ପରାସ୍ତ କରିଛନ୍ତି। ୪ ସେଟ ବିଶିଷ୍ଟ ମୁକାବିଲାକୁ ଟମି ୭-୬(୮-୬), ୬-୩, ୫-୭ ଓ ୪-୬ରେ ଜିତି ନେଇଥିଲେ। ପ୍ରଥମ ସେଟ ମୁକାବିଲା କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଟାଇବ୍ରେକରରେ ଏହାର ଫଳାଫଳ ମିଳିଥିଲା। ପ୍ରଥମ ସେଟ ଜିତିବା ପରେ ଟମି ଦ୍ୱିତୀୟ ସେଟକୁ ମଧ୍ୟ ସହଜରେ ଜିତି ନେଇଥିଲେ। ତେବେ ତୃତୀୟ ସେଟରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଶେଲଟନ୍। ୫-୭ରେ ତୃତୀୟ ସେଟକୁ ଜିତିବା ସହିତ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ତେବେ ଚତୁର୍ଥ ସେଟକୁ ଜିତିବା ସହିତ ସେମିରେ ସ୍ଥାନ ସୁରକ୍ଷିତ କରିଥିଲେ ଟମି ପଲ୍।

### ସେମିରେ ସାବାଲେଙ୍କା, ଲିନେଟ୍

ବୁଧବାର ମହିଳା ସିଙ୍ଗଲ୍ସ ସେମିରେ ପ୍ରବେଶ କରିଛନ୍ତି ଆରିନା ସାବାଲେଙ୍କା ଓ ଅଣସିଡେଡ ମାଗଦା ଲିନେଟ। ୫ ନମ୍ବର ସିଡ୍ ରହିଥିବା ସାବାଲେଙ୍କା ଅଣସିଡେଡ କ୍ରୋଏସିଆର ଡୋନ୍ନା ଭିକିକଙ୍କୁ ୬-୩, ୬-୨ରେ ପରାସ୍ତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଅଣସିଡେଡ ଲିନେଟ୍ କିନ୍ତୁ ବିପର୍ଯ୍ୟୟ ଘଟାଇଛନ୍ତି। ୩୦ନମ୍ବର ସ୍ଥାନରେ ରହିଥିବା କାରୋଲିନା ପ୍ଲିସକୋଭାଙ୍କୁ ୬-୩, ୭-୫ ସେଟରେ ପରାସ୍ତ କରିଥିଲେ। ଦ୍ୱିତୀୟ ମହିଳା ସିଙ୍ଗଲ୍ସ ସେମି ଫାଇନାଲରେ ଉଭୟ ଖେଳାଳି ପରସ୍ପରକୁ ଭେଟିବେ।

## ଫାଇନାଲରେ ସାନିଆ-ବୋପାନ୍ନା

ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜା ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ନାମେଣ୍ଟ ମିକ୍ସଡ ଡବଲ୍ସ ବିଭାଗ ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାରିୟରର ସପ୍ତମ ମେଜର ଟାଇଟଲ ଲକ୍ଷ୍ୟରେ ରହିଥିବା ସାନିଆ ଅନ୍ୟତମ ଭାରତୀୟ ରୋହନ ବୋପାନ୍ନଙ୍କ ସହିତ ଖେଳୁଛନ୍ତି। ସେମିରେ ଏହି ଭାରତୀୟ ଯୋଡି ବିଶ୍ୱ ମାନ୍ୟତାରେ ୩ ନମ୍ବର ସ୍ଥାନରେ ଥିବା ନିଲ୍ ସ୍କୁପସ୍କି ଓ ଡିଜେୟାର କ୍ରାଓ୍ବଜିକଙ୍କ ଯୋଡିକୁ ୭-୬(୫), ୬-୭(୫) ଓ ୧୦-୬ ସେଟରେ ପରାସ୍ତ କରିଥିଲେ। ବୁଧବାର ୩ଟି ଯାକ ସେଟ ଟାଇବ୍ରେକରକୁ ଯାଇଥିଲା। ପ୍ରଥମ ସେଟ ସାନିଆ-ବୋପାନ୍ନା ଜିତିଥିବା ବେଳେ ସ୍କୁପସ୍କି-ଡିଜେୟାର ଦ୍ୱିତୀୟ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ। ନିର୍ଣ୍ଣାୟକ ସେଟ୍ ସୁପର ଟାଇବ୍ରେକରକୁ ଯାଇଥିବା ବେଳେ ସାନିଆଙ୍କ ବ୍ୟାକହ୍ୟାଣ୍ଡ ଶଟରେ ବିଜୟୀ ହୋଇଥିଲେ ଭାରତୀୟ ଯୋଡି। ନିଜ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିବା ମୋ ପାଇଁ ସ୍ୱତନ୍ତ୍ର। ମାତ୍ର ୧୪ ବର୍ଷ ବୟସରେ ରୋହନଙ୍କ ସହିତ ପ୍ରଥମ ଥର ପାର୍ଟନର ହୋଇ ଖେଳିଥିଲି। କ୍ୟାରିୟରର ଶେଷ ଗ୍ରାଣ୍ଡସ୍ଲାମ ତାଙ୍କ ସହିତ ଖେଳିବା ମୋତେ ବେଶ୍ ଖୁସି ଦେଉଛି ବୋଲି ପ୍ରକାଶ କରିଥିଲେ ସାନିଆ।



ସାନିଆ ମିର୍ଜା ଓ ରୋହନ ବୋପାନ୍ନା।

**ରଣଜୀ ଟ୍ରଫି**

## ଓଡ଼ିଶା ୨୬୫ରେ ଅଲ୍‌ଆଉଟ୍

**ଭୁବନେଶ୍ୱର,୨୫ା୧(ସ୍ପୋର୍ଟ୍ସ ବ୍ୟୁରୋ):** କୋଲକାତାର ଇଡେନ ଗାର୍ଡେନରେ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରଥମ ଇନିଂସ ୨୬୫ ରନରେ ସୀମିତ ରହିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୯୮ ଓଭରରେ ୨୬୫ ରନରେ ଅଲଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବେଙ୍ଗଲ ୨ ଉଇକେଟ ହରାଇ ୩୯ ରନ୍ ସଂଗ୍ରହ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ୯୬/୨ରୁ ଖେଳ ଆରମ୍ଭ କରି ଓଡ଼ିଶା ମାତ୍ର ୩ ରନ୍ ଯୋଡି ଶାନ୍ତନୁ ମିଶ୍ର(୪୩)ଙ୍କ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ଗୋଟିଏ ପାର୍ଶ୍ୱରୁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିବା ବେଳେ ଅନ୍ୟ ପଟରୁ ନିୟମିତ ଉଇକେଟ ପତନ ଘଟିଥିଲା। ଟପ୍ ସ୍କୋରର ରହିଥିବା ଶୁଭ୍ରାଂଶୁ ୧୨୭ ବଲ୍ ଖେଳି ୬୭ ରନ୍ କରି ଅଷ୍ଟମ ବ୍ୟାଟର ଭାବେ ପ୍ୟାଭିଲିୟନ୍ ଫେରିଥିଲେ। ତାଙ୍କ ଇନିଂସରେ ୯ ଚୌକା ସାମିଲ ଥିଲା। ମଧ୍ୟକ୍ରମରେ ଗୋବିନ୍ଦ ପୋଦ୍ଦାର ୧୭ ଓ ରାଜେଶ ଧୂପର ୧୫ ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଅନ୍ତିମ ୩ ବ୍ୟାଟର ସୂର୍ଯ୍ୟକାନ୍ତ ପ୍ରଧାନ ୨୨, ସୁନୀଲ ରାଉଳ ୨୪ ଓ ବସନ୍ତ ମହାନ୍ତି ୧୫* ରନ୍ କରିବାରୁ ଓଡ଼ିଶା ୨୬୫ ରନରେ ପହଞ୍ଚିଥିଲା। ବେଙ୍ଗଲ ପକ୍ଷରୁ ଇଶାନ ପୋରେଲ ଓ ପ୍ରୀତମ ଚକ୍ରବର୍ତ୍ତୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବେଙ୍ଗଲ ୨ ଉଇକେଟ ହରାଇ ୪୨ ରନ୍ କରିଛି। କରନ ଲାଲ(୮) ଓ ସୁଦୀପ ଘରାମୀ(୯) ପ୍ୟାଭିଲିୟନ ଫେରିଥିବା ବେଳେ ଅଭିମନ୍ୟୁ ଇଶ୍ୱରନ(୧୪) ଓ ନାଇଟ ୱାଚମ୍ୟାନ ପ୍ରୀତମ ଚକ୍ରବର୍ତ୍ତୀ(୭) କ୍ରିଜରେ ଅଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ଓ ସୁନୀଲ ରାଉଳ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

## ଟାଇସନଙ୍କ ବିରୋଧରେ ବଳାତ୍କାର ମାମଲା



**ନ୍ୟୁୟର୍କ,୨୫ା୧(ଏପି)**

ଜଣେ ମହିଳା ପୂର୍ବତନ ହେଭିୱେଟ ବକ୍ସିଂ ଚାମ୍ପିୟନ ମାଇକ୍ ଟାଇସନଙ୍କ ବିରୋଧରେ ଏକ ବଳାତ୍କାର ମାମଲା ରୁଜୁ କରିଛନ୍ତି। ମହିଳା ଜଣକ କହିଛନ୍ତି, ୧୯୯୦ ଦଶକ ପ୍ରାରମ୍ଭରେ ନ୍ୟୁୟର୍କର ଆଲବାନୀଠାରେ ଏକ ନାଇଟ୍ କ୍ଲବରେ ଟାଇସନଙ୍କ ସହ ତାଙ୍କର ଦେଖାହୋଇଥିଲା। ହେଭିୱେଟ ବକ୍ସର ଜଣଙ୍କ ଏକ ଲିମୋସିନ୍ କାର୍ ଭିତରେ ତାଙ୍କୁ ବଳାତ୍କାର କରିଥିଲେ। ଏହାକୁ ନେଇ ସେ ବର୍ଷ ବର୍ଷ ଧରି ଶାରୀରିକ, ମାନସିକ ଓ ଭାବନାତ୍ମକ ଆଘାତ ପାଇଛନ୍ତି। ଏଥିପାଇଁ ସେ ୫ ନିୟୁତ ଡଲାର କ୍ଷତିପୂରଣ ଦାବି କରିଛନ୍ତି। ମହିଳା ଜଣକ ତାଙ୍କ ସତ୍ୟପାଠରେ ତାଙ୍କୁ କେଉଁ ତାରିଖରେ ଆକ୍ରମଣ ହୋଇଥିଲା ତାହା ଉଲ୍ଲେଖ କରିନାହାନ୍ତି। ଏହା ୧୯୯୦ ଦଶକ ପ୍ରାରମ୍ଭରେ ହୋଇଥିଲା ବୋଲି କେବଳ ଦର୍ଶାଇଛନ୍ତି। ସେହିପରି ସୁନ୍ଦରୀ ପ୍ରତିଯୋଗିତାର ଜଣେ ପ୍ରତିଯୋଗୀ ଡେସିରି ୱାଶିଂଟନ ଅଭିଯୋଗ କରିଥିଲେ ଯେ ଟାଇସନ ତାଙ୍କୁ ଇଣ୍ଡିଆନାପଲିସ୍‌ରେ ବଳାତ୍କାର କରିଥିଲେ। ୱାଶିଂଟନଙ୍କୁ ୧୯୯୨ ଫେବୃୟାରୀ ୧୦ରେ ବଳାତ୍କାର କରିଥିବା ଅଭିଯୋଗରେ ଟାଇସନଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ବ୍ରୁକ୍‌ଲିନ୍‌ରେ ଜନ୍ମଗ୍ରହଣ କରିଥିବା ୫୬ ବର୍ଷୀୟ ଟାଇସନ ୧୯୮୭ରୁ ୧୯୯୦ ପର୍ଯ୍ୟନ୍ତ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ହେଭିୱେଟ୍ ଚାମ୍ପିୟନ ଥିଲେ। କିନ୍ତୁ ରିଙ୍ଗ୍ ବାହାରେ ତାଙ୍କ ଜୀବନ ଅଶାନ୍ତ ରହିଥିଲା। ଅଭିନେତ୍ରୀ ସ୍ତ୍ରୀ ରବିନ ଗିଭେନ୍ସ ଟାଇସନଙ୍କ କାର୍ଯ୍ୟକଳାପରେ ବ୍ୟତିବ୍ୟସ୍ତ ହୋଇ ଶେଷରେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ।




## ସିରାଜ ନମ୍ବର ୱାନ

**ଦୁବାଇ, ୨୫ା୧ (ପି.ଟି.):** ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ଆଇସିସି ଦିନିକିଆ ବୋଲର୍ସ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଓ ଅଷ୍ଟ୍ରେଲିଆର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ପଛରେ ପକାଇଛନ୍ତି ସିରାଜ। ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ସିରାଜ ୯ ଉଇକେଟ ଓ ନିକଟରେ ଶେଷ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ସେ ୪ ଉଇକେଟ ଅକ୍ତିଆର କରିଥିଲେ। ସିରାଜ ୭୨୯ ରେଟିଂ ପଏଣ୍ଟ ସହ ଅନ୍ତର୍ଜାତୀୟ ବୋଲର ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭାରତୀୟ ପେସ୍ ବୋଲର ମହମ୍ମଦ ଶାମି ୧୧ ସ୍ଥାନ ଉପରକୁ ଉଠି ଓଭର ଅଲ୍ ୩୨ତମ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ପାକିସ୍ତାନ ଅଧିନାୟକ ବାବର ଆଜମ ଶୀର୍ଷରେ ରହିଥିବା ବେଳେ ଭାରତର ୩ ଜଣ ଖେଳାଳି ଟପ୍-୧୦ରେ ରହିଛନ୍ତି। ଫର୍ମରେ ଥିବା ଓପନର ଶୁବମନ ଗିଲ୍‌ଙ୍କ ୨୦ ସ୍ଥାନ ପଦୋନ୍ନତି ପାଇ ଓଭର ଅଲ୍ ୬ଷ୍ଠ ସ୍ଥାନରେ ଅଛନ୍ତି।

## ୫ ଫ୍ରାଞ୍ଚାଇଜିରୁ ଆୟ ୪,୬୬୯ କୋଟି

**ମୁମ୍ବାଇ,୨୫ା୧(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ନିଲାମୀ କରାଯାଇଛି। ୫ଟି ମହିଳା ଦଳର ନିଲାମୀ କରାଯାଇଥିବା ବେଳେ ବିସିସିଆଇ ଏଥିରୁ ୪୬୬୯.୯୯ କୋଟି ଟଙ୍କା ଆୟ କରିଛି। ଆଦାନୀ ସ୍ପୋର୍ଟ୍ସ ଲାଇନ୍ ସେଲିଙ୍ଗ ୧୨୮୯ କୋଟି ଟଙ୍କାର ବିଡିଂ ସହିତ ହାଇଏଷ୍ଟ ବିଡର ରହିଛି। ସେହିପରି ଆଇପିଏଲର ୩ ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ୩ଟି ଦଳ କିଣିବାରେ ସଫଳ ହୋଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ୯୧୨.୯୯ କୋଟି ଟଙ୍କାର ବିଡିଂ ଦାଖଲ କରିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୯୦୧ କୋଟି ଏବଂ କ୍ୟାପିଟାଲ୍ସ ୮୧୦ କୋଟି ଟଙ୍କାର ବିଡ୍ ଦାଖଲ କରିଛି। ପଞ୍ଚମ ଫ୍ରାଞ୍ଚାଇଜି ଭାବରେ କାପ୍ରି ଗ୍ଲୋବାଲ ହୋଲ୍ଡିଙ୍ଗ୍ସ ୭୫୭ କୋଟି ଟଙ୍କାରେ ଲକ୍ଷ୍ନୌ ଫ୍ରାଞ୍ଚାଇଜିକୁ କିଣିଛି। ବିସିସିଆଇ ସମ୍ପାଦକ ଜୟ ଶାହା ୫ଟି ଯାକ ଫ୍ରାଞ୍ଚାଇଜିର ନାମ ଘୋଷଣା କରିଛନ୍ତି। ଓମେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ରେକର୍ଡ ଆୟ ହୋଇଛି। ୨୦୦୮ରେ ଆଇପିଏଲର ପ୍ରଥମ ସଂସ୍କରଣ ଅପେକ୍ଷା ଏହା ଅଧିକ ଅର୍ଥ ଆୟ କରିଥିବା ନେଇ ଜୟ ଶାହା ସୂଚନା

**ଓମେନ୍ସ ପ୍ରିମିୟର ଲିଗ୍**

ଦେଇଛନ୍ତି। ଉକ୍ତ ସଂସ୍କରଣ ଆଇପିଏଲରେ ବିସିସିଆଇ ୭୨୩ ମିଲିୟନ୍ ଡଲାର ଆୟ କରିଥିଲା। ପୂର୍ବରୁ ଏହାକୁ ମହିଳା ଆଇପିଏଲ କୁହାଯାଉଥିବା ବେଳେ ବୁଧବାର ଶାହା ଏହାକୁ ଓମେନ୍ସ ପ୍ରିମିୟର ଲିଗ୍ ବୋଲି ନାମିତ କରିଛନ୍ତି। ଟି୨୦ର ଏହି ନୂତନ ଫର୍ମାଟ ମହିଳା କ୍ରିକେଟରେ ବିପ୍ଳବ ଆଣିବ ବୋଲି ଶାହା କହିଛନ୍ତି। ଆସନ୍ତା ମାର୍ଚ୍ଚ ମାସରେ ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ଖେଳାଳିଙ୍କ ନିଲାମୀ ଆରମ୍ଭ ହେବ ବୋଲି ଶାହା ସୂଚନା ଦେଇଛନ୍ତି। ପ୍ରତି ଟିମ୍‌ର ପର୍ସରେ ୧୨ କୋଟି ଟଙ୍କା ରହିବ। ୫ଟି ଯାକ ଫ୍ରାଞ୍ଚାଇଜି ସର୍ବନିମ୍ନ ୧୫ ଓ ସର୍ବାଧିକ ୧୮ ଖେଳାଳିଙ୍କୁ ଦଳରେ ସାମିଲ ହୋଇପାରିବେ। ୫ ଜଣ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଏବଂ ଏହା ମଧ୍ୟରୁ ଜଣେ ସହଯୋଗୀ ରାଷ୍ଟ୍ରର ଖେଳାଳି ରହିବେ। ସୋମବାର ବିସିସିଆଇ ପକ୍ଷରୁ ୧୭ଟି ଟେକ୍ନିକାଲ ବିଡକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସମୁଦାୟ ୭ଟି ଆଇପିଏଲ ଫ୍ରାଞ୍ଚାଇଜି ଟିମ୍ କ୍ରୟ ପାଇଁ ପ୍ରୟାସ କରିଥିଲେ। ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜି ଏହି ଦୌଡରେ ପଛରେ ପଡି ଯାଇଥିଲେ। ଏପରିକି ହଲଦୀରାମ୍ ମଧ୍ୟ ଏହି ଦୌଡରେ ପଛରେ ପଡି ଯାଇଥିଲା। ପ୍ରଥମ ସଂସ୍କରଣରେ ସମୁଦାୟ ୨୨ଟି ମ୍ୟାଚ ଖେଳାଯିବ।

## ସୂର୍ଯ୍ୟକୁମାର ଆଇସିସି କ୍ରିକେଟର ଅଫ୍ ଦି ଇୟର



ସୂର୍ଯ୍ୟକୁମାର ଯାଦବ

**ଦୁବାଇ, ୨୫ା୧(ପି.ଟି.)**

ଭାରତର ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆଇସିସି କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଖେଳର କ୍ଷୁଦ୍ରତମ ଫର୍ମାଟରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ଏହି ସମ୍ମାନ ଦୌଡ଼ରେ ସେ ସାମ୍ କୁରାନ୍, ପାକିସ୍ତାନ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନ ଓ ଜିମ୍ବାୱେ ବ୍ୟାଟିଂ ଅଲରାଉଣ୍ଡର ସିକନ୍ଦର ରାଜାଙ୍କୁ ପଛରେ ପକାଇ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ବର୍ଷର କ୍ରିକେଟର ଅଫ୍ ଦି ଇୟର ସ୍ମୃତି ମନ୍ଧାନାଙ୍କୁ ପଛରେ ପକାଇ ଅଷ୍ଟ୍ରେଲିଆର ଟାଲିଆ ମ୍ୟାକ୍‌ଗ୍ରା ମହିଳା ବିଭାଗରେ ଏହି ସମ୍ମାନ ଲାଭ କରିଛନ୍ତି। 'ସ୍କାଏ' ନାମରେ ପରିଚିତ ୩୨ ବର୍ଷୀୟ ସୂର୍ଯ୍ୟକୁମାର ଅନ୍ତର୍ଜାତୀୟ ଟି୨୦ରେ ଗୋଟିଏ ବର୍ଷରେ ୧୦୦୦ରୁ ଅଧିକ ରନ ସଂଗ୍ରହ କରିବାରେ ପ୍ରଥମ ଖେଳାଳି। ସେ ୧୮୭.୪୩ ଷ୍ଟ୍ରାଇକ୍‌ରେଟ୍‌ରେ ୧୧୬୪ ରନ ସଂଗ୍ରହ କରିଛନ୍ତି। ଗତବର୍ଷ ସୂର୍ଯ୍ୟକୁମାର ଅନ୍ୟ ଖେଳାଳିମାନଙ୍କ ତୁଳନାରେ ସର୍ବାଧିକ ୬୮ଟି ଛକା ମାରିଛନ୍ତି। ଗତ ବର୍ଷ ଭାରତୀୟ ଦଳର ସେ ଥିଲେ ପ୍ରମୁଖ ବ୍ୟାଟର। ଏହି ସମୟରେ ସେ ଦୁଇ ଶତକ ସହ ୯ ଅର୍ଦ୍ଧଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୨ରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ପ୍ରଭାବଶାଳୀ ରହିଥିଲା। ୬ଟି ଇନିଂସରେ ସେ ତିନୋଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ତାଙ୍କ ଆଭରେଜ ପାଖାପାଖି ୬୦ ରହିଥିଲା। ତାଙ୍କ ଷ୍ଟ୍ରାଇକ୍‌ରେଟ ୧୮୯.୬୮ ରହିଥିଲା। ଚଳିତ ବର୍ଷ ମଧ୍ୟ ସୂର୍ଯ୍ୟକୁମାର ତାଙ୍କ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ଟି୨୦ ସିରିଜରେ ସେ ତାଙ୍କର ଦ୍ୱିତୀୟ ଶତକ ହାସଲ କରିଛନ୍ତି। ସୂର୍ଯ୍ୟକୁମାର ଆହୁରି ମଧ୍ୟ କ୍ୟାରିୟର ଶ୍ରେଷ୍ଠ ୮୯୦ ର୍‍ୟାଙ୍କିଙ୍ଗ ପଏଣ୍ଟ ସହ ଟି୨୦ରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହୋଇପାରିଛନ୍ତି।

## ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର,୨୫ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

**ଇଣ୍ଡିଆନ୍ ସୁପର୍ ଲିଗ୍**

ଇଣ୍ଡିଆନ୍ ସୁପର ଲିଗ୍‌ରେ ବିଜୟ ଧାରାକୁ ଫେରିବା ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଦଳ ନିଜ ଅନ୍ତିମ ୬ ମୁକାବିଲାରୁ ୫ଟିରେ ପରାଜିତ ହୋଇଥିବା ବେଳେ ବିଜୟଧାରାକୁ ଫେରିବାକୁ ପ୍ରୟାସ କରିବ। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡାଙ୍ଗନରେ ଏଟିକେ ମୋହନବାଗାନ ବିପକ୍ଷରେ ଦଳ ଏହି ମ୍ୟାଚଟି ଖେଳିବ। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଶେଷ ମ୍ୟାଚଟି ଗୋଲ ଶୂନ୍ୟ ଭାବରେ ଶେଷ ହୋଇଥିଲା। ୨୮ ତାରିଖ ମ୍ୟାଚ ପୂର୍ବରୁ ଓଏଫ୍‌ସି ମୁଖ୍ୟ କୋଚ ଯୋଶେପ୍ ଗୋମ୍ବାଉ ଓ ଜୁଆନ୍ ଫେରାଣ୍ଡୋ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ୧୪ ଦିନ ପରେ ଦଳ ମ୍ୟାଚ ଖେଳିବାକୁ ଯାଉଛି। ଏକ ସତେଜ ମାନସିକତା ସହ ଦଳ ବିଜୟୀ ହେବାକୁ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍।



ଖବରଦାତା ସମ୍ମିଳନୀରେ ଯୋଶେପ୍ ଗୋମ୍ବାଉ ଓ ଜୁଆନ୍ ଫେରାଣ୍ଡୋ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୬/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Thursday, January 26/2023 Page 20 ₹ 7.00




## ଗ୍ରାମବୁଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ

ଇଂଲଣ୍ଡ ବିପକ୍ଷ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଅଧିନାୟକ ମ୍ୟାଟ୍ସ ଗ୍ରାମବୁଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୦୬

୦୨

## ସୁଷମା ସ୍ୱରାଜ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନ ଥିଲେ

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ତାଙ୍କ ଭାରତୀୟ ପ୍ରତିପକ୍ଷ ସୁଷମା ସ୍ୱରାଜଙ୍କୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟକ୍ତିତ୍ୱ ଭାବେ କେବେ ଦେଖି ନ ଥିଲେ।





କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହକି ବିଶ୍ୱକପ୍‌ର ଏକ କ୍ୱାର୍ଟରଫାଇନାଲ ମ୍ୟାଚର ପେନାଲ୍ଟି ଶୁଟ୍‌ଆଉଟ ବେଳେ ଜର୍ମାନୀ ଖେଳାଳିଙ୍କ ଶଟ୍‌କୁ ଅଟକାଇବା ଲାଗି ଇଂଲଣ୍ଡ ଗୋଲ୍‌କିପରଙ୍କ ପ୍ରୟାସ। ଶୁଟ୍‌ଆଉଟରେ ଜର୍ମାନୀ ଦଳ ୪-୩ ଗୋଲରେ ବିଜୟ ଲାଭ କରିଛି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫।୧ (କ୍ରୀଡ଼ା ପ୍ରତିନିଧି)**

## ବେଲ୍‌ଜିୟମ-ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ-ଜର୍ମାନୀ ଭେଟ

ତିନିଥର ଚାମ୍ପିୟନ ନେଦରଲାଣ୍ଡ୍ସ ଚଳିତ ହକି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ ଦକ୍ଷିଣ କୋରିଆକୁ ୫-୧ ଗୋଲରେ ପରାସ୍ତ କରିଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ୨୭ ତାରିଖ ପ୍ରଥମ ସେମିଫାଇନାଲରେ ଜର୍ମାନୀକୁ ଅଷ୍ଟ୍ରେଲିଆ ଏବଂ ଦ୍ୱିତୀୟ ସେମିରେ ଗତଥରର ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ ନେଦରଲାଣ୍ଡ୍ସ। ଏହା ଗତ ସଂସ୍କରଣ ଫାଇନାଲର ରିମ୍ୟାଚ ସଦୃଶ ହେବ। ୨୦୧୮ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନେଦରଲାଣ୍ଡ୍ସକୁ ହରାଇ ବେଲ୍‌ଜିୟମ ପ୍ରଥମଥର ପାଇଁ ଟାଇଟଲ ଜିତିଥିଲା। ତେଣୁ ପରାଜୟର ମଧୁର ପ୍ରତିଶୋଧ ନେବା ପାଇଁ ନେଦରଲାଣ୍ଡ୍ସ ନିକଟରେ ସୁଯୋଗ ରହିବ। ବୁଧବାର ତୃତୀୟ ☞ପୃଷ୍ଠା-୨

# ଗୋଡ଼ାଇ କାମୁଡ଼ିଲା ଭାଲୁ, ୨୦ ଆହତ

## ୪ ଗାଁରେ ଆତଙ୍କ

**ଝୁମ୍ପୁରା, ୨୫।୧ (ଡି.ଏନ୍.ଏ)**

ଜଙ୍ଗଲ ସଂଲଗ୍ନ ୪ଟି ଗାଁରେ ବୁଧବାର ଆତଙ୍କ ଖେଳାଇଛି ଭାଲୁ। ଭାଲୁଟି ଗାଁକୁ ଗାଁ ଘୁରି ବୁଲୁଥିବାବେଳେ ହାବୁଡ଼ରେ ପଡୁଥିବା ଲୋକଙ୍କୁ କାମୁଡ଼ି ଲହୁଲୁହାଣ କରିଦେଉଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୪ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ଓ ପଳାଶପଙ୍ଗା ବନାଞ୍ଚଳରେ। ଆହତମାନଙ୍କୁ ଝୁମ୍ପୁରା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଭାଲୁଟିକୁ ଧରାଯାଇ ନ ଥିବାରୁ ବାଲିବନ୍ଧ ଓ ପଳାଶପଙ୍ଗା ବନାଞ୍ଚଳର ଗାଁଗୁଡ଼ିକରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୪ଟାରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ତୁଳସୀପୁର, ବାଘିଆନସା, ପଦ୍ମକେଶରପୁର, ଫକିରପୁରରେ ଏକ ଅଣ୍ଡିରା ଭାଲୁ ପଶି ଆସି ଉପଦ୍ରବ କରିଛି। ହଠାତ୍ ଭାଲୁଟି ପଳାଇ ଆସୁଥିବାରୁ ଲୋକେ ତା'ର ଆକ୍ରମଣରୁ ବର୍ତ୍ତିବା ପାଇଁ ସୁଯୋଗ ନ ପାଇ ଲହୁଲୁହାଣ ହୋଇଛନ୍ତି। ଆହତ ୨୦ଜଣଙ୍କ ମଧ୍ୟରୁ ତୁଳସୀପୁରର ଦିଲ୍ଲୀପ ସୋରେନ (୨୯), ଫକୀରପୁରର ଶୁକଲାଲା ମୁଣ୍ଡା (୪୫)ଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ☞ପୃଷ୍ଠା-୨





ଭାଲୁ ଆକ୍ରମଣରେ ଆହତ ଲୋକେ ଚିକିତ୍ସିତ ହେଉଛନ୍ତି।

# କଲେଜ ଛାତ୍ରଙ୍କୁ ଅପହରଣ ପରେ ହତ୍ୟା

**ଗମ୍ଭାରୀମୁଣ୍ଡା/ବାଣପୁର/ବାଲୁଗାଁ, ୨୫।୧ (ଡି.ଏନ୍.ଏ.)**

## କୂଅରୁ ଉଦ୍ଧାର ହେଲା ମୃତଦେହ

- ଅପହରଣ ପରେ ୫ଲକ୍ଷ ଟଙ୍କା ଦାବି କରିଥିଲେ
- ଅଭିଯୁକ୍ତ ଗିରଫ

ଗତ ୩ଦିନ ତଳେ ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ରଖି ଫୋପାଡ଼ି ଦେବା ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭି ନ ଥିବାବେଳେ ବୁଧବାର ବାଣପୁର ଥାନା ଅଞ୍ଚଳରେ ପୁଣି ଏକ ହତ୍ୟାକାଣ୍ଡ ଦେଖିବାକୁ ମିଳିଛି। ଜଣେ କଲେଜ ପଢୁଆ ଛାତ୍ରଙ୍କ ମୃତଦେହକୁ ଏକ ପରିତ୍ୟକ୍ତ କୂଅରୁ ପୋଲିସ ଉଦ୍ଧାର କରିଛି। ଛାତ୍ର ଜଣକ ହେଉଛନ୍ତି ବାଣପୁର ଥାନା ବଡ଼ହନ୍ତୁଆଡ଼ ଗ୍ରାମ ଖମାର ସାହିର ପ୍ରଶାନ୍ତ ମହାପାତ୍ରଙ୍କ ପୁତ୍ର ଆଶୁତୋଷ ମହାପାତ୍ର (୧୭)।

ଆଶୁତୋଷ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ☞ପୃଷ୍ଠା-୨

# ସବୁଜ ରଙ୍ଗର ଜର୍ସିରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୧ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁଜ ରଙ୍ଗର ନୂଆ ଜର୍ସି ପିନ୍ଧି ସାମ୍ନାକୁ ଆସିଛନ୍ତି। ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଧଳା ରଙ୍ଗର ଟ୍ରାଉଜର ସାଙ୍ଗକୁ ସବୁଜ ଜର୍ସି ପିନ୍ଧିଛନ୍ତି।

## ଓଡ଼ିଶା କ୍ରୀଡ଼ା ପାଇଁ ସବୁଜ ରଙ୍ଗ

ଏହି ଜର୍ସିକୁ ରାଜ୍ୟ ସରକାର ସୋଭେନିୟର ଭାବେ ବ୍ୟବହାର କରିବେ। ଜର୍ସି ପଛରେ ବନ୍ଦେ ଉତ୍କଳ ଜନନୀ ଲେଖାଯାଇଛି। ଓଡ଼ିଶା କ୍ରୀଡ଼ା ପାଇଁ ରାଜ୍ୟବାସୀ ଏହି ସବୁଜ ରଙ୍ଗର ଜର୍ସି ବାଛିଛନ୍ତି। ସୋସିଆଲ ମିଡିଆରେ ରାଜ୍ୟ କ୍ରୀଡ଼ା ପାଇଁ ଜର୍ସି ବାଛିବାକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି)ଭି.କେ. ପାଣ୍ଡିଆନ ଆହ୍ୱାନ କରିଥିଲେ। ଏଥିରେ ବିଭିନ୍ନ ଚଏସ ଦିଆଯାଇଥିଲା। ଅପଶନ୍ 'ବି'କୁ ଲୋକଙ୍କ ସର୍ବାଧିକ ଭୋଟ୍ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଅପଶନ୍ ସି। ସେହିପରି ରାଜ୍ୟ କ୍ରୀଡ଼ା ପାଇଁ ସୃଜନଶୀଳ ଟ୍ୟାଗ୍ ଲାଇନ ବାଛିବାକୁ ଇନ୍‌ଷ୍ଟାଗ୍ରାମ୍‌ରେ ୫-ଟି ସଚିବ ଆହ୍ୱାନ କରିଥିଲେ। ୧୦ ହଜାରରୁ ଅଧିକ ଟ୍ୟାଗ୍‌ଲାଇନ୍ ଆସିଥିଲା। ଏହାମଧ୍ୟରୁ ୨୦ ଜଣଙ୍କୁ ବଛାଯାଇଛି। ସମସ୍ତ ବିଜେତାଙ୍କୁ ଯୋଗାଯୋଗ କରି ସୋଭେନିୟର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



# ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ: ପୋପ୍

**ଭାଟିକାନ୍ ସିଟି, ୨୫।୧**

ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ପୋପ୍ ଫ୍ରାନ୍ସିସ କହିଛନ୍ତି। ଈଶ୍ୱର ତାଙ୍କ ପ୍ରତ୍ୟେକ ପିଲାଙ୍କୁ ସ୍ନେହ କରନ୍ତି। ବିଶ୍ୱର ଅନେକ ସ୍ଥାନରେ କ୍ୟାଥୋଲିକ୍ ବିଶପ ସମଲିଙ୍ଗୀଙ୍କୁ ଚର୍ଚ୍ଚରେ ପ୍ରବେଶ ଲାଗି ଅନୁମତି ଦେଉଥିବାବେଳେ ଆଉ କିଛି ସ୍ଥାନରେ ଏହାର ଘୋର ବିରୋଧ କରୁଛନ୍ତି। ସମଲିଙ୍ଗୀ ସମ୍ପର୍କକୁ ଗ୍ରହଣ କରିବା ଲାଗି ବିଶପ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ପୋପ୍ କହିଛନ୍ତି।



ପୋପ୍ ଫ୍ରାନ୍ସିସ

ବିଶ୍ୱରେ ପାଖାପାଖି ୬୭ ଦେଶରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଭାବେ ବିବେଚନା କରାଯାଇଛି। ଏଥିମଧ୍ୟରୁ ୧୧ ଦେଶରେ ସମଲିଙ୍ଗୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଉଛି। ଆଉ କିଛି ଦେଶରେ ସମଲିଙ୍ଗୀ ସମ୍ପର୍କକୁ ଅତି ନିମ୍ନ ନଜରରେ ଦେଖାଯାଉଛି। ଏ ପ୍ରକାର ପ୍ରଥାକୁ ବନ୍ଦ କରିବା ଦିଗରେ କ୍ୟାଥୋଲିକ୍ ଚର୍ଚ୍ଚ କାର୍ଯ୍ୟ କରିବା ଜରୁରୀ ଏବଂ ଏଥି ପାଇଁ ସେ ପଦକ୍ଷେପ ନେଇପାରିବ ବୋଲି ପୋପ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସମଲିଙ୍ଗୀଙ୍କୁ ସାଦରେ ଗ୍ରହଣ କରିବା ସାଙ୍ଗକୁ ସେମାନଙ୍କ ପ୍ରତି କରାଯାଉଥିବା ଅତ୍ୟାଚାର ରୋକାଯିବା ଆବଶ୍ୟକ।




**ପ୍ରଥମ ପୃଷ୍ଠାରୁ**

## ସେମିଫାଇନାଲ...

କ୍ୱାର୍ଟର ଫାଇନାଲରେ ଜର୍ମାନୀ ଶୁଟ୍‌ଆଉଟ ୪-୩ (ନିର୍ଦ୍ଧାରିତ ସମୟରେ ୨-୨) ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ୨ କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ସ୍ପେନ୍‌କୁ ୪-୩ରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ ୨-୦ ଗୋଲରେ ବେଲ୍‌ଜିୟମ ପରାସ୍ତ କରିଥିଲା। ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ ଅତିଥିଭାବେ ଯୋଗଦେଇ ନେଦରଲାଣ୍ଡସର କୋଏନ ବିଜେନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରଥମ କ୍ୱାର୍ଟରରେ ନେଦରଲାଣ୍ଡସ୍‌କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା କୋରିଆ। ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୨୯ତମ ମିନିଟରେ କୋଏନ ବିଜେନ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡସ୍‌କୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ନେଦରଲାଣ୍ଡସ୍‌କୁ ମିଳିଥିବା ପେନାଲ୍ଟି କର୍ନରକୁ ବିଜେନ ଗୋଲରେ ପରିଣତ କରିଥିଲେ। ଏହା ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ତାଙ୍କର ଥିଲା ଦ୍ୱିତୀୟ ଗୋଲ। ୩୬ତମ ମିନିଟରେ ଜଷ୍ଟିନ ବ୍ଲକ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଚତୁର୍ଥ କ୍ୱାର୍ଟରରେ ମଧ୍ୟ ନେଦରଲାଣ୍ଡସର ପ୍ରଭାବ ଜାରି ରହିଥିଲା। ୫୦ତମ ମିନିଟରେ ଷ୍ଟେଜନ ଭାନ ହେଜନିନ୍‌ଗେନନ୍ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ୫୧ତମ ମିନିଟରେ କୋରିଆର ଇନ୍‌ଉ ସ୍ୟୁ ଗୋଟିଏ ଗୋଲ ପରିଶୋଧ କରିଥିଲେ ହେଁ ୫୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଟିଉନ ବେନ୍ସ ଦଳର ବିଜୟ ପକ୍କା କରି ଦେଇଥିଲେ।

## ଗୋଡ଼ାଇ କାମୁଡ଼ିଲା...

କରାଯାଇଛି। ବାଲିବନ୍ଧ ଓ ପଳାଶପଙ୍ଗା ଫରେଷ୍ଟରଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଭାଲୁ ଆକ୍ରମଣରେ ଆହତ ଓ ଗୁରୁତରଙ୍କୁ ବନ ବିଭାଗ ପକ୍ଷରୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଚମ୍ପୁଆ ରେଞ୍ଜର ସଞ୍ଜୀବ ରାଉତ କହିଛନ୍ତି।

## କଲେଜ ଛାତ୍ରଙ୍କୁ...

ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ। ସୋମବାର ପୂର୍ବାହ୍ନରେ ଆଶୁତୋଷଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ସମ୍ପର୍କୀୟ ଏବଂ ସାଙ୍ଗସାଥୀଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ମା' ଅନୁପମା ମହାପାତ୍ର ପୁଅ ନିଖୋଜ ସମ୍ପର୍କରେ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଆଶୁତୋଷଙ୍କ ଫୋନରୁ ତାଙ୍କ ବାପା ପ୍ରଶାନ୍ତ ମହାପାତ୍ରଙ୍କ ଫୋନକୁ ଏକାଧିକ ମେସେଜ ପଠାଇଥିଲେ, ଯେଉଁଥିରେ ତାଙ୍କ ପୁଅ ସୁରକ୍ଷିତ ଅଛି ଏବଂ ପାଞ୍ଚ ଲକ୍ଷ ଟଙ୍କା ଦେଲେ ପୁଅକୁ ଛାଡ଼ି ଦିଆଯିବ, ନଚେତ ମୃତଦେହ ପାଇବ ବୋଲି ଲେଖିଥିଲେ। ଏଭଳି ଅଭିଯୋଗ ପାଇବା ପରେ ପୋଲିସ ଏକାଧିକ ସ୍ଥାନରେ ଚଢ଼ାଉ କରିବା ସହ ବାଣପୁର ଥାନା ଦୀକ୍ଷିତପଡ଼ା ଗ୍ରାମର ଆଶୀର୍ବାଦ ପ୍ରଧାନ ଓରଫ କାହ୍ନା(୨୨)ଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଟଙ୍କା ପାଇଁ ଆଶୁତୋଷଙ୍କୁ ହତ୍ୟା କରି କୂଅରେ ପକେଇଦେଇଥିବା କାହ୍ନା ସ୍ୱୀକାର କରିଥିଲେ। ଅଭିଯୁକ୍ତ କାହ୍ନା ଦୀକ୍ଷିତପଡ଼ା ଓ ଖଣତ ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଆଶୁତୋଷଙ୍କୁ ଅପହରଣ କରି ରଖିଥିଲେ। ଆଶୁତୋଷଙ୍କ ପରିବାର ଲୋକ ଟଙ୍କା ଦେବା ପରିବର୍ତ୍ତେ ଥାନାରେ ଅଭିଯୋଗ କରିବାରୁ ରାଗିଯାଇ ଏକ ଦଉଡିରେ ଆଶୁତୋଷଙ୍କ ବେକକୁ ଚିପି ହତ୍ୟା କରି ଉକ୍ତ କୂଅ ମଧ୍ୟକୁ ଫୋପାଡ଼ି ଦେଇଥିବା ସ୍ୱୀକାର କରିଥିଲେ। ବୁଧବାର ଅପରାହ୍ନରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନେତୃତ୍ୱରେ ଏକ ଟିମ ସମ୍ପୃକ୍ତ ଅଞ୍ଚଳକୁ ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏଶନ କରିବା ସହ କୂଅରୁ ଆଶୁତୋଷଙ୍କ ମୃତ ଶରୀରକୁ ଉଦ୍ଧାର କରିଥିଲା। ଏହି ହତ୍ୟାକାଣ୍ଡରେ ଏକାଧିକ ସହଯୋଗୀଙ୍କ ସଂପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଥିବାବେଳେ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା( ନଂ.୫୪/୨୩) ରୁଜୁ କରାଯିବା ସହ ଗୁରୁବାର ଅଭିଯୁକ୍ତ କାହ୍ନାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବାଣପୁର ଥାନାଧିକାରୀ ଜୟପ୍ରକାଶ ପରିଡ଼ା ପ୍ରକାଶ କରିଛନ୍ତି।

# ସୁଷମା ସ୍ୱରାଜ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନ ଥିଲେ: ପମ୍ପିଓ

**ୱାଶିଂଟନ,୨୫।୧**

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ତାଙ୍କ ଭାରତୀୟ ପ୍ରତିପକ୍ଷ ସ୍ୱର୍ଗତ ସୁଷମା ସ୍ୱରାଜଙ୍କୁ ଜଣେ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟକ୍ତିତ୍ୱ ଭାବେ କେବେ ଦେଖି ନ ଥିଲେ। କିନ୍ତୁ ବର୍ତ୍ତମାନର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ପ୍ରଥମ ଦେଖାରୁ ହିଁ ଭଲ ବନ୍ଧୁତା ହୋଇଯାଇଥିଲା। ଆମେରିକୀୟ କୂଟନୀତିଜ୍ଞ ପମ୍ପିଓ ନିଜ ସଦ୍ୟ ଉନ୍ମୋଚିତ ପୁସ୍ତକ 'ନେଭର ଗିଭ୍ ଆନ୍ ଇଞ୍ଚ: ଫାଇଟିଂ ଫର୍ ଦି ଆମେରିକା ଆଇ ଲଭ୍'ରେ ଏପରି ଦାବି କରିଛନ୍ତି। ପମ୍ପିଓ ଆହୁରି କହିଛନ୍ତି, ସୁଷମାଙ୍କ ଗୁରୁତ୍ୱ ନ ଥିବାରୁ ସେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସହ ମିଶି କାର୍ଯ୍ୟ କରିଥିଲେ, ଯିଏକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ଥିଲେ। ପ୍ରକାଶ ଯେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅମଳରେ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ପମ୍ପିଓ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ନିର୍ଦ୍ଦେଶକ ଥିଲେ। ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ସେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଭାଜପା ନେତ୍ରୀ ସୁଷମା ସ୍ୱରାଜ ୨୦୧୪ ମେ'ରୁ ୨୦୧୯ ମେ' ପର୍ଯ୍ୟନ୍ତ ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ୨୦୧୯ ଅଗଷ୍ଟରେ ତାଙ୍କ ପରଲୋକ ହୋଇଥିଲା। ୫୯ ବର୍ଷୀୟ ପମ୍ପିଓ ଏହି ବହିରେ ସୁଷମାଙ୍କୁ ଅନୁଚିତ ଭାବେ ବର୍ଣ୍ଣନା କରି ଅପମାନଜନକ ଭାଷା ବ୍ୟବହାର କରିଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଜୟଶଙ୍କର ମଧ୍ୟ ପମ୍ପିଓଙ୍କ ଏହି ଆଲେଖ୍ୟକୁ ନିନ୍ଦା କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୯ ଫେବୃୟାରୀ ୨୭ରେ ବାଲାକୋଟରେ ଭାରତୀୟ ସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ପାକିସ୍ତାନ ଭାରତ ଉପରେ ଆଣବିକ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିଲା ବୋଲି ପମ୍ପିଓ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି।



ମୋଦି ସରକାରଙ୍କ ପ୍ରଥମ ପାଳିରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ସ୍ୱର୍ଗତ ସୁଷମା ସ୍ୱରାଜଙ୍କ ସହ ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ।



୭୪ତମ ସାଧାରଣତନ୍ତ୍ର ଦିବସରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ଜମ୍ମୁର ଏମ୍‌ଏ ଷ୍ଟାଡିୟମ୍‌ରେ ପରେଡ୍ ପୂର୍ବରୁ ମୁତୟନ ହୋଇଥିବା ଯବାନ।

# ଭୋଟର ଭାରତର ସମ୍ମାନ: ରାଜ୍ୟପାଳ

**ଭୁବନେଶ୍ୱର୨୫।୧(ବ୍ୟୁରୋ):** ଭୋଟରମାନେ ହେଉଛନ୍ତି ଭାରତର ସମ୍ମାନ। ସେମାନେ ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟ। ସେମାନଙ୍କ ମତଦାନର ମୂଲ୍ୟରେ ଗଣତାନ୍ତ୍ରିକ ଶାସନ ଠିକ୍ ଭାବେ ପରିଚାଳିତ ହୋଇଥାଏ। ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଭୋଟରମାନଙ୍କର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ବୁଧବାର ପୂର୍ବାହ୍ନରେ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ତ୍ରୟୋଦଶ ଜାତୀୟ ମତଦାତା ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ଭାରତର ନାଗରିକବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା, ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିବା ଉଚିତ। ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ,ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ରାଜ୍ୟପାଳ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ନାଗରିକମାନଙ୍କୁ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହନୀ ଜାତୀୟ ମତଦାତା ଦିବସ ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ୨୦୧୧ରୁ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରତିଷ୍ଠା ଦିବସକୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରାଯାଉଛି।




# ୧୦୬ ଜଣଙ୍କୁ ପଦ୍ମ ପୁରସ୍କାର

**ନୂଆଦିଲ୍ଲୀ, ୨୫।୧**

ସାଧାରଣତନ୍ତ୍ର ଦିବସ ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଦ୍ମ ପୁରସ୍କାରରେ ସମ୍ମାନିତ ହେବାକୁ ଥିବା ୧୦୬ ବ୍ୟକ୍ତିବିଶେଷଙ୍କ ନାମସୂଚୀ ଘୋଷଣା କରାଯାଇଛି। ଚଳିତବର୍ଷ ୬ ଜଣଙ୍କୁ ପଦ୍ମ ବିଭୂଷଣ, ୯ଙ୍କୁ ପଦ୍ମ ଭୂଷଣ ଏବଂ ୯୧ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ। ପଦ୍ମଶ୍ରୀ ପୁରସ୍କାର ପାଇଁ ୪ ଜଣ ଓଡ଼ିଆଙ୍କୁ ଚୟନ କରାଯାଇଛି। କଳା କ୍ଷେତ୍ରରେ ମାଗୁଣି ଚରଣ କୁଅଁର ଏବଂ କ୍ରିଷ୍ଣା ପଟେଲଙ୍କୁ ପୁରସ୍କୃତ କରାଯିବାକୁ ଥିବାବେଳେ ସାହିତ୍ୟ-ଶିକ୍ଷା କ୍ଷେତ୍ରରେ ଅନ୍ତର୍ଯ୍ୟାମୀ ମିଶ୍ର ଓ କୃଷିରେ ପଦ୍ମାୟତ ସାହୁଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯିବ। ଶିଶୁ ରୋଗ (ପେଡିଆଟ୍ରିକ୍) ଚିକିତ୍ସା କ୍ଷେତ୍ରରେ ଦୀଲିପ ମାଲାନାବିସଙ୍କ ନାମ ଦେଶର ଦ୍ୱିତୀୟ ସମ୍ମାନଜନକ ପୁରସ୍କାର ପଦ୍ମ ବିଭୂଷଣ ପାଇଁ ମନୋନୀତ କରାଯାଇଛି। ସେହିପରି ମୁଲାୟମ ସିଂ ଯାଦବ, ଜାକିର ହୁସେନ୍, ଏସ୍.ଏମ୍. କ୍ରିଷ୍ଣା, ଶ୍ରୀନିବାସ ଭର୍ଦ୍ଧନ ଏବଂ ବାଳକୃଷ୍ଣ ଦୋଷୀଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। ମାର୍ଚ୍ଚ-ଏପ୍ରିଲରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଜାରୱା ଜନଜାତିଙ୍କ ଲାଗି କାର୍ଯ୍ୟ କରୁଥିବା ଆଣ୍ଡାମାନର ସେବାନିବୃତ୍ତ ସରକାରୀ ଡାକ୍ତର ରତନ ଚନ୍ଦ୍ର କରଙ୍କ ନାଁ ପଦ୍ମଶ୍ରୀ ପୁରସ୍କାର ପାଇଁ ଚୟନ କରାଯାଇଛି। ସାମାଜିକ କର୍ମୀ ହିରାବାଇ ଲୋବି, ଡା. ମୁନିଶ୍ୱର ଚନ୍ଦର ଡାୱର, ନାଗା ସାମାଜିକକର୍ମୀ ରାମକୁଇବାଙ୍ଗବେ ନ୍ୟୁମୋ, ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ଜନମ ସିଂ ଶୌର୍ଯ୍ୟ, ବି.ପି. ଉପ୍ପୁକୁଟ୍ଟନ ପୋଡ୍ଡୁବଲମ, ସଂକୁରତ୍ରି ଚନ୍ଦ୍ର ଶେଖର, ବିଷାକ୍ତ ସାପ ଧରିବା ଲାଗି ଗୋପାଳ ଏବଂ ସଦସ୍ୟାଙ୍କ ନାମ ପଦ୍ମଶ୍ରୀ ସମ୍ମାନରେ ପୁରସ୍କୃତ କରାଯିବ। ସେହିପରି କୃଷି କ୍ଷେତ୍ରରେ ତୁଲା ରାମ ଉପ୍ରେତି ଓ ନେକରାମ ଶର୍ମା, ଶିକ୍ଷା-ସାହିତ୍ୟରେ ଧନୀରାମ ଟୋଟୋ, ଭାଷା-ସାହିତ୍ୟ ପାଇଁ ରାମକୃଷ୍ଣ ରେଡ୍ଡୀ, କଳା କ୍ଷେତ୍ରରେ ଅଜୟ କୁମାର ମଣ୍ଡବ, ରାଣୀ ମଚେୟ ଏବଂ କେସି ରନରେମସଙ୍ଗୀଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ।







# ଶ୍ରୀମନ୍ଦିରରେ ପଶିଲେ ବିଦେଶୀ

**ପୁରୀ ଅଫିସ, ୨୫।୧:** ଶ୍ରୀମନ୍ଦିର ସୁରକ୍ଷା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ଅପରାହ୍ନରେ ଜଣେ ବିଦେଶୀ ନାଗରିକ ହାତରେ ବ୍ୟାଗ ଧରି ଶ୍ରୀମନ୍ଦିର ପରିସରରୁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ତେବେ କଡ଼ା ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା ସତ୍ତ୍ୱେ ସମ୍ପୃକ୍ତ ବିଦେଶୀ ନାଗରିକ କିପରି ଶ୍ରୀମନ୍ଦିରକୁ ପ୍ରବେଶ କଲେ ଓ ସିଂହଦ୍ୱାର ଦେଇ ପ୍ରସ୍ଥାନ କଲେ ତାହା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ଭିଡିଓରେ ଯାହା ଜଣାପଡୁଛି, ବିଦେଶୀ ଭକ୍ତ ଜଣଙ୍କ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ତେବେ କିଛି ବାଟ ଯିବା ପରେ ତାଙ୍କୁ ବାରଣ କରାଯାଇଥିଲା। ଫଳରେ ସେ ଅଧା ରାସ୍ତାରୁ ବାହାରକୁ ଚାଲି ଆସିଥିଲେ। ଏହି ଘଟଣା ଏବେ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଏ ନେଇ ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଉକ୍ତ ଘଟଣା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ। ପ୍ରଶାସନ ଶ୍ରୀମନ୍ଦିର ଦ୍ୱାର ବନ୍ଦ କରିବା କାରଣରୁ ଗହଳି ହେଉଛି, ଫଳରେ ଏପରି ଘଟଣା ଘଟୁଛି। ତେଣୁ ପୂର୍ବଭଳି ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଗଲେ ଏଭଳି ସମସ୍ୟା ଦୂର ହେବ। ପୋଲିସ ଯଦି ସମ୍ଭାଳି ପାରୁନାହିଁ ତେବେ ଛତିଶା ନିଯୋଗକୁ ଦାୟିତ୍ୱ ଦେବା ଉଚିତ। ପ୍ରଶାସନ କେବଳ ଭିଆଇପିଙ୍କ ପାଇଁ ବ୍ୟବସ୍ଥା କରୁଛି, ଯେଉଁଥିପାଇଁ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତ ହଇରାଣ ହେଉଛନ୍ତି। ତେବେ ଆଜିର ଘଟଣା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଦାୟୀ ବୋଲି ସେ କହିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ଏତେ ସଂଖ୍ୟକ ପୋଲିସ ନିୟୋଜିତ ଥାଇ ଏଭଳି ଘଟଣା କିପରି ଘଟୁଛି ତାହା ବୁଝାପଡୁନାହିଁ। ଏହି ଘଟଣା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଦାୟୀ। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।









# ସାଧାରଣତନ୍ତ୍ର କ'ଣ ସର୍ବୋତ୍ତମ ଶାସନ

ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଭାଷାରେ ଗରିବ ଓ ଭୋକିଲା ଲୋକ ଯିଏ କାମ ବା ମଜୁରି ପାଏ ନାହିଁ ଏବଂ ଯାହାର ଜୀବନ ଦୁଃଖ ଓ ଦାରିଦ୍ର୍ୟର ଅବିରତ ସଂଗ୍ରାମ, ସେ କେବେ ବି ସମ୍ବିଧାନ ବା ଆଇନ ପାଇଁ ଗର୍ବିତ ହୋଇପାରିବ ନାହିଁ। ଏହି ଦୃଷ୍ଟିରୁ ଦେଖିଲେ ଭାରତର ସାଧାରଣତନ୍ତ୍ର କେତେ ସଫଳ ତାହା ବିଚାରଯୋଗ୍ୟ। ରାଷ୍ଟ୍ର ଗଠନର ମୂଳ ଉଦ୍ଦେଶ୍ୟ ବ୍ୟକ୍ତିର ଜୀବନକୁ ସରସ ସୁନ୍ଦର କରିବା, ବ୍ୟକ୍ତିକୁ ନିର୍ବିଘ୍ନରେ ସ୍ୱାଧୀନତା ଉପଭୋଗ କରିବାକୁ ଦେବା ଓ ଏକ ନିରାପତ୍ତାର ବାତାବରଣ ସୃଷ୍ଟି କରିବା। କିନ୍ତୁ ଏବେ ଘଟୁଛି କ'ଣ ? ବେଳେବେଳେ ଗଣତନ୍ତ୍ର ନାମରେ ଅଗଣତାନ୍ତ୍ରିକ ବିଚାରଧାରାର ସୃଷ୍ଟି କରାଯାଉଛି ଓ ରାଜରାସ୍ତାରେ ରାଜନୈତିକ ହିଂସା ଓ ବିଦ୍ୱେଷର ପରିବେଶ ଦେଖୁବାକୁ ମିଳୁଛି। କ୍ଷମତାପାଇଁ ବିଭିନ୍ନ ଗୋଷ୍ଠୀ ଭିତରେ ସଂଘର୍ଷ ଘଟୁଛି, ଅର୍ଥ ଓ ବାହୁବଳ ଗଣତନ୍ତ୍ରକୁ କବଳିତ କରିବାକୁ ଚେଷ୍ଟା କରୁଛି। କିନ୍ତୁ ସମସ୍ତେ ଚୁପ, ନିର୍ବିକାର। ସାଧାରଣଜନତା କଥା ପଚାରେ କିଏ ? ସାଧାରଣତନ୍ତ୍ର ରାଷ୍ଟ୍ରରେ ବ୍ୟକ୍ତିର ସାର୍ବଭୌମ କ୍ଷମତାର ମୂଲ୍ୟ ଅର୍ଥହୀନ ହୋଇପଡୁଛି। ଭୋଟ ଦେଇଦେଲାପରେ ବ୍ୟକ୍ତିର ସାର୍ବଭୌମ କ୍ଷମତାକୁ ନିବୁଜ ପଞ୍ଜୁରିରେ ରଖିଦିଆଯାଉଛି। ଧାରଣା, ବିକ୍ଷୋଭ, ଅନଶନ ଓ ବିଭିନ୍ନ ଉପାୟ ଖୋଜୁଛି ସାଧାରଣଜନତା ତା'ର ସାର୍ବଭୌମତ୍ୱ ଜାହିର ପାଇଁ। ସେଇଥିପାଇଁ ରାଜନୀତିର ଦାର୍ଶନିକ ପ୍ଲାଟୋ ତାଙ୍କ 'ରିପବ୍ଲିକ' ପୁସ୍ତକରେ ଏକ ଆଦର୍ଶରାଷ୍ଟ୍ର ଅନ୍ୱେଷଣ କରିଥିଲେ।

ସାଧାରଣତନ୍ତ୍ର, ଗଣତନ୍ତ୍ର, ଲୋକତନ୍ତ୍ର ଏସବୁ ସମର୍ଥବୋଧକ ଶବ୍ଦ, ଯେଉଁଠି ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଏ; ଯେଉଁଠି ସାଧାରଣଜନତା ତା'ର କ୍ଷମତା ଜାହିର କରି ଶାସକକୁ କ୍ଷମତାଚ୍ୟୁତ କରିଦେଇପାରେ। ସାଧାରଣତନ୍ତ୍ର ଶାସନ ରାଜତନ୍ତ୍ର, ସାମନ୍ତବାଦୀ ବା କମ୍ୟୁନିଜମ ଶାସନ ନୁହେଁ ? କିନ୍ତୁ କୌତୂହଳର ବିଷୟ ଏହି କି ଯେ ଯେଉଁଠି କ୍ଷମତାଥାଏ ସେଠି ସଂଭ୍ରାନ୍ତୀୟ ବା ରାଜତନ୍ତ୍ରର ଆଦବ କାଇଦା ବା ଚଳଣିର ଛାପ ଦେଖିବାକୁ ମିଳେ। ପୃଥିବୀର ବିଭିନ୍ନ ସାଧାରଣତନ୍ତ୍ର ରାଷ୍ଟ୍ରରେ କ୍ଷମତାଶୀଳ ବ୍ୟକ୍ତିଙ୍କର ଭୁଲ୍ ଯୋଗୁ ସେମାନଙ୍କୁ କ୍ଷମତା ହରାଇବାକୁ ପଡ଼େ। ବେଳେବେଳେ ଶାସକ କଠୋର ହେଲେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର କ୍ରୂରତାର ଶିକାର ହୁଏ। ଯେଉଁଠି କ୍ଷମତା ସେଇଠି ଅନର୍ଥ। କ୍ଷମତା ଉପଭୋଗ କରୁଥିବା ଲୋକଟି ଯଦି କ୍ଷମତାର ସନ୍ତୁଳନ ରକ୍ଷା ନ କରିପାରେ ତେବେ ସବୁ ଅସୁବିଧା ସୃଷ୍ଟି ହୁଏ। ସାଧାରଣତନ୍ତ୍ର ବା ଗଣତନ୍ତ୍ର ସେହିଠାରେ ଜୀବନ୍ତ, ଯେଉଁଠି ପ୍ରତି ମଣିଷ ସ୍ୱାଧୀନଚେତା, ମଣିଷ ଭୟଶୂନ୍ୟ ଓ ସମ୍ମାନର ସହ ଜୀବନ ବିତାଏ; ଜାତି, ଶ୍ରେଣୀ, ବର୍ଣ୍ଣ, ଧର୍ମ, ବିଶ୍ୱାସ ଓ ଆଞ୍ଚଳିକତା ଭିତ୍ତିରେ ଭେଦଭାବ ସୃଷ୍ଟି କରାଯାଏ ନାହିଁ, ମଣିଷ ଏକ ସକାରାତ୍ମକ ପରିବେଷ୍ଟନୀରେ ବଞ୍ଚେ, ମଣିଷର ଅନ୍ତରାତ୍ମା ସତ୍ୟ ପରିପ୍ରକାଶ କରିବାରେ କୁଣ୍ଠାବୋଧ କରେନା, ସତ୍ୟକୁ ଦବାଯାଏ ନାହିଁ ବା ସତ୍ୟକୁ ପଦଦଳିତ କରାଯାଏ ନାହିଁ। ଭୟର ବାତାବରଣ ଏକ ଅଗଣତାନ୍ତ୍ରିକ ଧାରାର ସଂକେତ।



ଯେଉଁଠି ଜନସାଧାରଣ ସ୍ୱାଧୀନଭାବରେ ମତବ୍ୟକ୍ତ କରିବାର ଅଧିକାର ଉପଭୋଗ କଲାପରେ ବି ପାରିପାର୍ଶ୍ୱିକ ପରିବେଶ ବା ପରିବେଷ୍ଟନୀ ତାକୁ ବାଧକରେ ଏକ ନିର୍ଦ୍ଦିଷ୍ଟ ଦିଗରେ ତା'ର ମତବ୍ୟକ୍ତ କରିବାପାଇଁ, ସେତେବେଳେ ଅଧିକାର ଥାଇ ବି ମଣିଷ ତା'ର ସଦୁପଯୋଗ କରିପାରେନା। ସଚେତନତା ହିଁ ସାଧାରଣତନ୍ତ୍ରର କବଚ। ଯେଉଁ ଦେଶର ଜନସାଧାରଣ ଯେତେ ସଚେତନ ସେହି ଦେଶର ସାଧାରଣତନ୍ତ୍ର ବା ଗଣତନ୍ତ୍ର ସେତେ ସୁରକ୍ଷିତ ବା ମଜଭୁତ। ଶାସକକୁ ସମାଲୋଚନା କରିବା, ଅନ୍ୟାୟ ଓ ଅନୀତିକୁ ବିରୁଦ୍ଧାଚରଣ କରିବା ସାଧାରଣତନ୍ତ୍ର ରାଷ୍ଟ୍ରର ବିଶେଷତ୍ୱ। ଏକ ଦୃଢ଼ ବିରୋଧୀ ଦଳ ଏକ ସୁସ୍ଥ ସାଧାରଣତନ୍ତ୍ର ରାଷ୍ଟ୍ରର ପରିଚାୟକ। ଯେଉଁଠି ବିରୋଧ ନାହିଁ, ଯେଉଁଠି ନ୍ୟାଯ୍ୟ ଅଧିକାର ପାଇଁ ସ୍ୱର ଉଠାଇଲେ ତାକୁ ଦମନ କରିଦିଆଯାଉଛି, ସେଠାରେ ସାଧାରଣତନ୍ତ୍ର ବା ଗଣତନ୍ତ୍ର ନାହିଁ। ସାଧାରଣତନ୍ତ୍ର ବା ଗଣତାନ୍ତ୍ରିକ ବ୍ୟବସ୍ଥା ଆଧୁନିକ ଯୁଗରେ ସବୁଠାରୁ ଭଲ ବ୍ୟବସ୍ଥା ଭାବେ ପରିଗଣିତ। କିନ୍ତୁ ଯେତେବେଳେ ସାଧାରଣ ମଣିଷ ବ୍ୟବସ୍ଥା ଭିତରେ ପେଷି ହୋଇଯାଉଛି, ବ୍ୟବସ୍ଥାର ଦ୍ୱାହିଦେଇ ଶାସକ ମାନବିକତାକୁ ପଦଦଳିତ କରୁଛି, ସାଧାରଣ ସ୍ୱାର୍ଥ ବିରୁଦ୍ଧରେ ଯାଉଛି ସେତେବେଳେ ସାଧାରଣ ମଣିଷ କିଂକର୍ତ୍ତବ୍ୟମୂଢ଼ ହୋଇପଡୁଛି। ରୁଷୋଙ୍କ ମତରେ ଯେତେବେଳେ ରାଷ୍ଟ୍ର ସାମୂହିକ ଇଚ୍ଛା ବା ସ୍ୱାର୍ଥ ବିରୁଦ୍ଧରେ ଯାଏ, ସେତେବେଳେ ରାଷ୍ଟ୍ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଯଥାର୍ଥ।

ସାଧାରଣତନ୍ତ୍ର ରାଷ୍ଟ୍ରରେ ଏକ ସମ୍ବିଧାନ ଥାଏ, ଯାହା ଦେଶର ମୌଳିକ ଆଇନକୁ ଲିପିବଦ୍ଧ କରିଥାଏ। କିନ୍ତୁ ସାମ୍ବିଧାନିକ ଆଇନ ଅନମନୀୟ ନୁହେଁ। ଲୋକଙ୍କ ପରିବର୍ତ୍ତିତ ରୁଚି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବିଧାନ ପରିବର୍ତ୍ତିତ ହୁଏ। କିନ୍ତୁ ଯଦି ଦଳୀୟ ରାଜନୀତିରେ ନ୍ୟସ୍ତସ୍ୱାର୍ଥ ହାସଲ ପାଇଁ ସମ୍ବିଧାନକୁ ପରିବର୍ତ୍ତନ କରାଯାଏ, ସମ୍ବିଧାନର ମୌଳିକ ଢାଞ୍ଚାକୁ ପରିବର୍ତ୍ତନ କରିବାର ପ୍ରୟାସ କରାଯାଏ (୪୨ତମ ସମ୍ବିଧାନ ସଂଶୋଧନ ଭଳି) ତାହା ଏକ ସାଧାରଣତନ୍ତ୍ର ରାଷ୍ଟ୍ର ପାଇଁ କ୍ଷତିକାରକ ହୋଇପାରେ। ଗଣତନ୍ତ୍ର ବା ସାଧାରଣତନ୍ତ୍ରକୁ ସର୍ବୋତ୍ତମ ଶାସନ ବ୍ୟବସ୍ଥା କୁହାଯାଉଛି। କିନ୍ତୁ ସାଧାରଣତନ୍ତ୍ର ଓ ଗଣତନ୍ତ୍ର ଆଜି ଦୋଛକିରେ ବା ଦିଗହରା ଭଳି ମନେହୁଏ। ସାଧାରଣତନ୍ତ୍ରର ସଫଳତା ପାଇଁ ଗୋଟିଏ ପରିବେଶ ଆବଶ୍ୟକ; ଯେଉଁଠି ଆଇନର ଶାସନ ଥିବ, ଯେଉଁଠି ସାଧାରଣ ମଣିଷର ସ୍ୱାଧୀନତା ଓ ସମାନତା ଥିବ ଏବଂ ଜୀବନଧାରଣ କରିବାର ଅଧିକାର ଥିବ।

**–ଡ. ମନୋରଞ୍ଜନ ମହାନ୍ତି**
*ମୋ– ୯୪୩୭୧୯୯୧୦୬*




## ଆମ ସମ୍ବିଧାନ ଗଣତନ୍ତ୍ରର ଆତ୍ମା: ନବୀନ

ଭୁବନେଶ୍ୱର୨୫ା୧ (ବ୍ୟୁରୋ)

ଆମ ସମ୍ବିଧାନ ଏକ ଆଦର୍ଶ ସମ୍ବିଧାନ, ଆମ ଗଣତନ୍ତ୍ରର ଆତ୍ମା। ଏକ ମହାନ୍ ଦେଶର ନାଗରିକ ଭାବରେ ଆମର ସକଳ ଶକ୍ତିର ଆଧାର ହେଉଛି ଆମର ସମ୍ବିଧାନ। ଏକ ସମୃଦ୍ଧ ତଥା ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଏହା ଆମକୁ ସବୁବେଳେ ପ୍ରେରଣା ଦେଇଚାଲିଛି। ଗଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବାର୍ତ୍ତା ଦେଇଛନ୍ତି। ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱକପ୍ ହକିର ମାହୋଲ ଏବେ ସାରା ରାଜ୍ୟକୁ ଉତ୍ସବମୁଖର ଆଗକୁ ବଢୁଛି। ରାଜନୀତି ନୁହେଁ, ବିକାଶର ବିଭିନ୍ନ ଦିଗ ଉପରେ ଏବେ ଲୋକମାନେ ଗୁରୁତ୍ୱ ଦେଉଛନ୍ତି। ସବୁ ବର୍ଗ ମଧ୍ୟରେ ନୂଆ ଉତ୍ସାହ ଆସିଛି। ନିଜ ପାଇଁ, ସମାଜ ପାଇଁ କିଛି କରିବାର ଇଚ୍ଛା ବୃଦ୍ଧି ପାଇଛି। ଆମର ସାମର୍ଥ୍ୟ ଉପରେ ଭରସା ବଢ଼ିଛି। ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବା ପାଇଁ ଓଡ଼ିଶା ଉଦ୍ୟମ ଜାରି ରଖିଛି, ଏହା ହିଁ ରୂପାନ୍ତର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଶାବାସୀ, ସମସ୍ତେ ଜଣେ ଜଣେ ହେଉଛନ୍ତି ଏ ରୂପାନ୍ତରର ସାରଥି। ଏହି ଉତ୍ସାହ ନେଇ ଆଗକୁ ବଢ଼ିଲେ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଶହେ ବର୍ଷ ପୂର୍ତ୍ତି ବେଳକୁ ଏକ ସଶକ୍ତ ଓଡ଼ିଶାର ସ୍ୱପ୍ନ

### ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



କରିଛି। ଏହାରି ଭିତରେ ଆମେ ସାଧାରଣତନ୍ତ୍ର ଦିବସ ପାଳନ କରୁଛୁ। ସାରା ବିଶ୍ୱର ନଜର ଏବେ ଓଡ଼ିଶା ଉପରେ ରହିଛି। ଆମେ ଦୁଇ ଦୁଇ ଥର ବିଶ୍ୱକପ୍ ହକି ସଫଳତାର ସହ ଆୟୋଜନ କରିଛୁ। ଏହା ସାରା ଦେଶ, ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର କଥା। କେବଳ କ୍ରୀଡ଼ା ନୁହେଁ, ଶିଳ୍ପ ବିକାଶର ଯାତ୍ରା ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଓ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ମାଆମାନେ ସ୍ୱୟଂ ସହାୟକ ଗୋଷ୍ଠୀରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ହେବାର ସୁଯୋଗ ପାଇଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତିବଦ୍ଧତା ୫-ଟି ସ୍କୁଲ ଟ୍ରାନ୍ସଫର୍ମେଶନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଚାଷୀମାନଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ କାଳିଆ, ବଳରାମ ଯୋଜନା ଓ ମିଲେଟ୍ ମିଶନ ଆମ ପାଇଁ ନୂଆ ପରିଚୟ ସୃଷ୍ଟି କରିଛି। ଜନମାନସରେ ଏବେ ପରିବର୍ତ୍ତନ ଆସିଛି। ଓଡ଼ିଶାର ବିକାଶ ଧାରା ଦ୍ରୁତ ଭାବରେ ନିଶ୍ଚୟ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଆଜାଦ, ଡ.ଆମ୍ବେଡକର, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଡ. ରାଜେନ୍ଦ୍ର ପ୍ରସାଦ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାୟକ, ମା' ରମାଦେବୀ, ଶହୀଦ ବାଜି ରାଉତ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଡ. ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପରି ମହାନ୍ ସଂଗ୍ରାମୀ ଏବଂ ଦେଶର ଏକତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ଶହୀଦମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।















# ଘର ନ ଦେବାକୁ ୯୭୪ ଅଭିଯୋଗ

## ବରୀ ବ୍ଲକ୍ ଆବାସ ଯୋଜନା ତାଲିକା

■ ମୁଖ୍ୟମନ୍ତ୍ରୀଙ୍କୁ ଭାଜପାର ଦାବିପତ୍ର
■ ଯୋଗ୍ୟ ହିତାଧିକାରୀ ଚୟନ ନ ହେଲେ ଆନ୍ଦୋଳନ

ବରୀ,୨୫।୧(ଡି.ଏନ.ଏ.): ବରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ଘର ନ ଦେବାକୁ ୯୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ବ୍ଲକ୍ ଅଧୀନ ୨୯ ପଞ୍ଚାୟତର ୨୮୧୦ ହିତାଧିକାରୀଙ୍କୁ ଚୟନ କରାଯାଇ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଜାନୁୟାରୀ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ତାଲିକା ପ୍ରକାଶ ପାଇଥିଲା। ଯଦି କୌଣସି ଅଯୋଗ୍ୟ ହିତାଧିକାରୀ ପ୍ରକାଶିତ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ତାହେଲେ ସେମାନଙ୍କ ବିରୋଧରେ ଅଭିଯୋଗ କରିବାକୁ ସରକାରୀସ୍ତରରେ ସୂଚନା ଦିଆଯାଇଥିଲା। ଅଭିଯୋଗ ଚଳିତ ମାସ ୨୪ ତାରିଖ ମଧ୍ୟରେ କରିବାକୁ ନିର୍ଦ୍ଦେଶ ରହିଥିଲା।

ମାତ୍ର ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ ମୂଳ ତାଲିକାରେ ଥିବା ବେଳେ ପ୍ରକାଶିତ ତାଲିକାରେ ନ ଥିଲା। ଫଳରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ମୂଳ ତାଲିକାରେ ନାମ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ କିଭଳି କଟିଲା ଏବଂ ଅନ୍ୟମାନଙ୍କ ନାମ କିଭଳି ତାଲିକାଭୁକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ହେଲା ତାହା ଚୟନ ପ୍ରକ୍ରିୟାରେ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯିବାକୁ କଡ଼ା ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ରାଜ୍ୟ ସରକାର ଏହାକୁ ପାଳନ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ବ୍ଲକ୍‌ରେ ଚୟନ ପ୍ରକ୍ରିୟାର ଅନିୟମିତତାର ଅଭିଯୋଗ ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରକ୍ରିୟାକୁ କେତେ ଦୂର ସ୍ୱଚ୍ଛ ଭାବେ ପାଳନ କରିଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ହିତାଧିକାରୀଙ୍କ ନାମରେ ଅଭିଯୋଗ ହୋଇଛି ସେମାନଙ୍କୁ ପୁନଃ ତଦନ୍ତ ପରିସରଭୁକ୍ତ କରାଯିବା ପରେ ବାସ୍ତବପକ୍ଷେ ଏହି ବ୍ଲକ୍‌ରେ କେତେ ଯୋଗ୍ୟ ହିତାଧିକାରୀ ଅଛନ୍ତି ତାହା ଜଣାପଡିବ। ବହୁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରେ ନ ଥିବାରୁ ପଞ୍ଚାୟତସ୍ତରରେ ବସିଥିବା ଅଭିଯୋଗ ବାକ୍ସରେ ସେମାନେ ମଧ୍ୟ ଆବେଦନ କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ବୁଧବାର ବରୀ ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଠିକ୍ ତାଲିକା ଚୂଡ଼ାନ୍ତ ନ ହେବା ପର୍ଯ୍ୟନ୍ତ ଗ୍ରାମସଭା ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଛି। ଭାଜପା ନେତା ଆଶୁତୋଷ ପରିଡ଼ା, ଉମେଶ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନାଙ୍କ ସହ ଶତାଧିକ ଦଳୀୟ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ତେବେ ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁ ଅଭିଯୋଗ ସବୁ ଆସିଛି ତା'ର ଯାଞ୍ଚ କରାଯିବ। ଏହାପରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯିବ।

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଭାଜପା କର୍ମୀ



ରସୁଲପୁର ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

## ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ ଦାବି

ରସୁଲପୁର,୨୫।୧(ଡି.ଏନ.ଏ.) ଭାଜପା ପକ୍ଷରୁ ବୁଧବାର ରସୁଲପୁର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେବା ପ୍ରସଙ୍ଗରେ ଭାଜପା ନେତାମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ନେତାଙ୍କ ପକ୍ଷରୁ କୁହାଯାଇଛି, ରାଜ୍ୟ ସରକାର ୨୭ଲକ୍ଷ ଆବାସ ପାଇଁ କେନ୍ଦ୍ର ନିକଟରେ ଦାବି କରିଥିଲେ। ସେହି ମୁତାବକ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ଦଫାରେ ୧୮ଲକ୍ଷ ଓ ଦ୍ୱିତୀୟ ଦଫାରେ ୯.୫୮ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି। ଓଡ଼ିଶାରେ ଅନ୍ୟୁନ ୩ ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ତାଲିକାରେ ସ୍ଥାନିତ ହୋଇଛନ୍ତି। ସେମାନଙ୍କୁ ବାଦ ଦିଆଯାଉ ନ ଥିବାରୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହାକୁ ସରକାର ଗୁରୁତର ସହ ନେଇ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରନ୍ତୁ। ଏଥିରେ ବ୍ୟତୀକ୍ରମ ଘଟିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କୋରେଇ ନିର୍ବାଚନମଣ୍ଡଳୀ ଭାଜପା ନେତା ବିଶ୍ୱଜିତ୍ ନାୟକ, ଧର୍ମଶାଳାର ସ୍ମୃତିରେଖା ପହି, ବରୀର ଉମେଶ ଜେନାଙ୍କ ନେତୃତ୍ୱରେ ଘେରାଉରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ବିକ୍ରମ ବିଶ୍ୱାଳ, ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ୩୩ନଂ. ଜୋନ୍ ସଭାପତି ମାୟାଧର ପଲେଇ, ୩୫ନଂ. ଜୋନ ସଭାପତି ଲକ୍ଷ୍ମୀଧର ପତି, ୩୬ନଂ. ଜୋନ ସଭାପତି ପ୍ରଶାନ୍ତ ମହାରଣା, ମମତା ସାହୁ, ଉତ୍କଳ ସାହୁ, ଶ୍ୟାମସୁନ୍ଦର ପଣ୍ଡା, ଅରୁଣ କୁମାର ସାହୁ, ରବୀନ୍ଦ୍ର ରଥ, ପ୍ରଶାନ୍ତ ମୁଦୁଲି, ପ୍ରମୋଦ ନାୟକ, ବେଣୁଧର ସାହୁ, ଧୀରେନ୍ଦ୍ର ଚାନ୍ଦ, କେଶବ ଗୁଇଁଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ।

# ଅଯୋଗ୍ୟଙ୍କୁ ବାଦ୍ ପାଇଁ ବିଡିଓଙ୍କୁ ଦାବିପତ୍ର

ଧର୍ମଶାଳା,୨୫।୧(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦେବା ପ୍ରତିବାଦରେ ଧର୍ମଶାଳା ଭାଜପା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶାନ୍ତିବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଏକ ପଟୁଆରରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ୨୦୧୮/୧୯ ଆର୍ଥିକ ବର୍ଷରେ ଯେଉଁ ହିତାଧିକାରୀ ତାଲିକା ପ୍ରସ୍ତୁତ କରିଥିଲେ ସେଥିରେ ଅନେକ ତ୍ରୁଟି ରହିଛି। ତେଣୁ ଏକ ସପ୍ତାହ ମଧ୍ୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ଯୋଗ୍ୟଙ୍କୁ ସାମିଲ କରା ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଜେନା, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଭାଜପାନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

## ସ୍ୱତନ୍ତ୍ର ପଲ୍ଲିସଭା ନେଇ ବିଡିଓଙ୍କୁ ଦାବିପତ୍ର

ପ୍ରୀତିପୁର,୨୫।୧(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଗ୍ରାମସଭା ମାଧ୍ୟମରେ ଆସନ୍ତା ୨୬ ତାରିଖରେ ଚୂଡ଼ାନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ବିଞ୍ଝାରପୁର ବିଡିଓଙ୍କ ନିକଟରେ ଆପତ୍ତି କରିଛନ୍ତି ବରିଷ୍ଠ ନେତା ଭୁବନାନନ୍ଦ ସାମଲ ଓ ସୀମାନ୍ତ ପତ୍ର। ଗ୍ରାମସଭାର ୭ ଦିନ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅବଗତି କରାଇବା, ପଞ୍ଚାୟତର ମୋଟ୍ ଜନ ସଂଖ୍ୟାର ୧୦ ପ୍ରତିଶତ ଉପସ୍ଥାନ ରହିବା, ଏଥିନିମନ୍ତେ ଟେଣ୍ଟ ଓ ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରିବା ନିମନ୍ତେ ଉଭୟ ଦାବି କରିଛନ୍ତି। ଯଦି ପ୍ରଶାସନ ତରବରିଆ ଭାବରେ ଗ୍ରାମସଭା କରି ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରେ ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଆବାସ ହିତାଧିକାରୀ ଚୟନ ଅନିୟମିତତା ନେଇ ଦାବିପତ୍ର

ଚଣ୍ଡିଖୋଲ,୨୫।୧(ଡି.ଏନ.ଏ.) କେନ୍ଦ୍ର ସରକାର ଓଡ଼ିଶାର ଗରିବ ଲୋକଙ୍କ ନିମନ୍ତେ ୨୭ ଲକ୍ଷ ୫୮ ହଜାର ଘର ଯୋଗାଇ ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାର ହିତାଧିକାରୀଙ୍କ ନାମ ତାଲିକା ଭୁକ୍ତ କରିଥିଲେ। ମାତ୍ର ଏଥିରେ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ରହିଥିବା ଜାଣିବା ପରେ ଭାଜପା ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା। ବଡ଼ଚଣା ବ୍ଲକରେ ୮,୬୯୨ ହିତାଧିକାରୀଙ୍କ ନାମ ତାଲିକା ଭୁକ୍ତ ହୋଇଥିଲା। ତଦନ୍ତ ପରେ ଏଥିରୁ ୫,୩୦୦ ଲୋକଙ୍କ ନାମ ବାଦ ପଡ଼ିଥିଲା। ଏହାପରେ ୫୬୦ ବ୍ୟକ୍ତିଙ୍କୁ ଫନୀ କ୍ଷତିଗ୍ରସ୍ତ ଦର୍ଶାଯାଇଥିଲା। ଯେଉଁମାନଙ୍କ ନାମ ତହସିଲ ତାଲିକାରେ ନ ଥିଲା। ଏଥିସହ ଚଳିତ ବର୍ଷ ପ୍ରକାଶ ପାଇଥିବା ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି। ୨୪ ତାରିଖ ଥିଲା ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଅଭିଯୋଗ ପତ୍ର ଗ୍ରହଣର ଶେଷ ତାରିଖ। ଶେଷ ତାରିଖ ସୁଦ୍ଧା ବ୍ଲକରେ ୧୦୫୫ ଅଭିଯୋଗ କରାଯାଇଛି। ତେଣୁ ଯୋଗ୍ୟ ବ୍ୟକ୍ତିଙ୍କ ଆବାସ ଯୋଜନାରେ ସାମିଲ କରିବା ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଏନେଇ ବୁଧବାର ବଡ଼ଚଣା ଭାଜପା ପକ୍ଷରୁ ରାଜ୍ୟ ସମ୍ପାଦକ ଅମର ନାୟକଙ୍କ ନେତୃତ୍ୱରେ ଚଣ୍ଡିଖୋଲଠାରୁ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ବଡ଼ଚଣା ଏବିଡିଓ ରଞ୍ଜନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଦେବଜନୀ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ଜେନା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, ସମରେନ୍ଦ୍ର ପରିଡ଼ା, ପ୍ରଭାକର ମଲ୍ଲିକ, ବେଣୁଧର ବିଶ୍ୱାଳ, ପ୍ରଦୀପ୍ତ ସାମଲ ଓ ଲଲାଟ କେଶରୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।


## BERHAMPUR MUNICIPAL CORPORATION

No. 1267 Date: 24.01.2023

### REQUEST FOR PROPOSAL

No. C-2338: Berhampur Municipal Corporation invites **Request for Proposal** for Selection of Consultant for Setting up of Strategic Support Unit (SSU) for Implementation of Swachh Bharat Mision 2.0 (Urban) at Berhampur, Odisha under jurisdiction of Berhampur Municipal Corporation

| | | |
|---|---|---|
| 01 | Available of RFP documents in website | www.tendersodisha.gov.in |
| 02 | Last date and time of submission of RFP | 10.02.2023 by 17.00 hrs. |
| 03 | Date and time of opening of Technical Bid | 13.02.2023 at 11.30 hrs. |
| 04 | Date and time of Opening of Financial Bid | To be intimated later |

The authority reserves right to accept or reject any or all the RFP without assigning any reason thereof. Any Change/Correction/Corrigendum in respect the above shall be placed in **www.tendersodisha.gov.in** website.

**Sd./- Commissioner**
**Berhampur Municipal Corporation**
OIPR-13035/11/0072/2223

## OFFICE OF THE MUNICIPAL COUNCIL, BALANGIR

**Address: Office of the Municipal Council, Balangir, Opp. of Rajendra Park, Balangir, PIN - 767001**
**Ph. No.: 06652-232790, E-Mail id: bgrmc1972@gmail.com**
**EOI Letter No. 254/BM Date: 20.01.2023**

### Invitation for Expression of Interest for Civil & Architectural Consultancy Services of Balangir Municipality

No. C-2340: Sealed Expression of Interest (in two cover system) are invited from the reputed Engineering Consultant/Registered Architects Firms/Consultancy Firms for preparation of Detailed project report and providing comprehensive conslutancy service towards suitable architectural Plan, elevation, estimate, structural design with quality control activities with proper assistance during implementation of various project under different scheme for the calendar year i.e. 2023 & 2024 of Balangir Municipality. The consultant should have previous experience and must have completed similar nature of works under any department of the State Govt./PSUs. The quotation paper will be available in the office of the undersigned during office hour from Dt.21.01.2023 to Dt.30.01.2023 upto 1.00 P.M. & the same may be downloaded from the dist web portal i.e.**www.balangir.nic.in**. The envelope containing the documents as per instruction should be superscripted with the letters **"Invitation for Expression of Interest for Consultancy Services"** and can be submitted through Speed Post/Regd. Post or by person in the tender drop box of the office of the undersigned within 1.00 P.M. of Dt.30.01.2023. The EOI will open on the same day at 4.00 P.M. in the Conference hall of Balangir Municipality in presence of the bidders or authorized representative. The EOI must accompanied with Rs.10,000/- (Rupees ten thousand) only in shape of Demand Draft towards tender paper cost duly pledge in favour of the Executive Officer, Balangir Municipality payable at Balangir, which is non refundable and the bidders are requested to quote their rates without any added taxes (Taxes will be added/Deducted at source as applicable by the Govt.). The bidders are requested to submit the EOI accompanined with registered certificate of the agency, GST registration, PAN, Service Tax Registration & Certificate of Experience from the competent authority in support of their expertise. The un-experience bidders are not allowed to participate in the bidding process.

The authority reserves the right to accept or reject any or all EOI without assigning any reason thereof.

**Sd./- Executive Officer**
**Balangir Municipality**
OIPR-13169/11/0037/2223

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

### INVITATIONS FOR BIDS (IFB)

File No. B-I-Home-81/2022 Lr. No. 2792 Dt. 21st Jan. 2023

No. B-1177 **Invitation for Bids**

**Bid Identification No. OSD C.E. (B) - 49/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Consruction of Building (B+G+2) for the Centre for Judicial Archives at Cuttack" amounting to Rs.27,01,19,704/-** as detailed below. | | |
| 2. | Nature of Work | : | Building work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Special/Super Class |
| 6. | Availability of Bid Documents in the website | : | From Dt.25.01.2023 to 17.00 hours of Dt.03.02.2023. |
| 7. | Date of opening of Bids | : | Dt.04.02.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- OSD Chief Engineer (Buildings)**
**Odisha, Bhubaneswar**
OIPR-34117/11/0108/2223

## OFFICE OF THE DIRECTOR
## ACHARYA HARIHAR POST GRADUATE INSTITUTE OF CANCER

**(Formerly: Acharya harihar Regional Cancer Centre)**
**Cuttack - 753007 (Odisha)**
**Tel. No.: 0671-2304264, Fax No.: 0671-2304683**
**Email: ahrccdirector@gmail.com**
**Tender Notice No.391/AHPGIC, Cuttack Date: 24.01.2023**
**S-28/2023**

No. E-851: Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack - 753007 (previously known as Acharya Harihar Regional Cancer Centre) for supply of reagents for Fully Automated Biochemistry Analyzer Machine (Make-Elitech, Model - Selectra Pro - M) on rate contract basis for the period of one year. The bid document and all details can be downloaded only from the website of AHPGIC, **www.ahrcc.in**.

The tender schedule dates are as mentioned below:

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by Speed Post/Registered Post) | 15.02.2023 by 5.00 P.M. |
| 2 | Last date & time of receipt of pre-bid queries through mail **(ahrccdirector@gmail.com / ntstore.ahrcc.2019@gmail.com)** | 30.01.2023 by 2 P.M. |
| 3 | Date and time of pre-bid meeting | 01.02.2023 at 12.30 P.M. |
| 4 | Date & time of opening of Technical Bids (in presence of bidders/their authorized agents) | 16.02.2023 at 12.30 P.M. |
| 5 | Date of opening of price bids | To be informed to qualified bidders |

The authority reserves the right to accept/reject any/all bids without assigning any reason thereof.

In case any modifications/corrections are made to the original tender document after the pre-bid meeting, the same shall be updated in the website of AHPGIC only and no corrigendum in this regard shall be published in Newspapers. In case of any bid amendment and/or clarification, it is the sole responsibility of the prospective bidder to download the same from the website of AHPGIC, Cuttack.

In case the last date of submission of bid/date of pre-bid meeting/date of opening of technical bids falls on a holiday, then the next working day shall be the default for the same.

**Sd./- Director, AHPGIC, Cuttack**
OIPR-10171/11/0018/2223

## ବିଜ୍ଞାପନ

ପତ୍ର ସଂଖ୍ୟା ତାରିଖ

No.-I-11:କଟକ ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନ, କଟକ ଓ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନରେ ସିର୍ଲୋ। ସାହୁଖେତ ରାସ୍ତାର ମହାନଦୀ ନଦୀ ଉପରେ ନିର୍ମାଣ ହେଉଥିବା ସୁଉଚ୍ଚ ସେତୁର ସଂଲଗ୍ନ ରାସ୍ତା ନିର୍ମାଣ ପାଇଁ ସର୍ବସାଧାରଣଙ୍କ ଗମନାଗମନ ଓ ହିତ ପାଇଁ ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ରାହ୍ମଣଖଣ୍ଡ ଗ୍ରାମର ୧୧ ଗୋଟି ପ୍ଲଟର ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ କରାଯାଉଅଛି । ଏହି ଜମିର ହିତାଧିକାରୀମାନଙ୍କର ନାମ ଓ ଅଧିଗ୍ରହଣ ହେଉଥିବା ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଯାଉଅଛି । ଏହି ଉତ୍ତରାଧିକାରୀ ତାଲିକାରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ତାହା ଉକ୍ତ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା.୧୫.୦୨.୨୦୨୩ ରିଖ ସୁଦ୍ଧା ଲିଖିତ ଆକାରରେ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ ଏବଂ ଉତ୍ତରାଧିକାରୀମାନଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ ସହଜ ଓ ସୁଗମ ହେବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ଜମିର ବିସ୍ତୃତ ବିବରଣୀ

### ତହସିଲ ନାମ- କିଶନନଗର, ମୌଜା-ବ୍ରାହ୍ମଣଖଣ୍ଡ, ଥାନା ନାମ-କିଶନନଗର

| କ୍ରମିକ ନମ୍ବର | ପ୍ଲଟ ନମ୍ବର | ଖାତା ନମ୍ବର | କିସମ | ମୋଟ ଜମିର ପରିମାଣ (ଏକର ୧.୦୦ ଡିସିମିଲି ୧୦୦୦ ଡିସିମିଲି) | ଅଧିଗୃହୀତ ଜମିର ପରିମାଣ (ଏକର ୧.୦୦ ଡିସିମିଲି ୧୦୦୦ ଡିସିମିଲି) | ଉତ୍ତରାଧିକାରୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪୧ | ୧୦୧୨/ ୧୭୦ | ଘରବାରୀ | ଏକର ୦.୧୦୦ ଡିସିମିଲି | ଏକର ୦.୧୦୦ ଡିସିମିଲି | ସୀତା ବେହେରା, ସ୍ୱା-ଧରଣୀଧର ବେହେରା, ଦିବ୍ୟସିଙ୍ଗି ମହାପାତ୍ର, ପି-ଲୋକନାଥ ମହାପାତ୍ର, ଅଲେଖ ଚନ୍ଦ୍ର ମହାପାତ୍ର, ଶରତ କୁମାରୀ ମହାପାତ୍ର, ସୌଦାମିନି ମହାପାତ୍ର, ମେନକା ମେକାପ, ପିତା-ନଟବର ମହାପାତ୍ର, ରଙ୍ଗଲତା ମହାପାତ୍ର, ସ୍ୱା-ନଟବର ମହାପାତ୍ର, ବିଜୟ କୁମାର ମହାପାତ୍ର, ଅଜୟ କୁମାର ମହାପାତ୍ର, ପି-ବୀରବର ମହାପାତ୍ର, ସାବିତ୍ରୀ ମହାପାତ୍ର, ସ୍ୱା-ବୀରବର ମହାପାତ୍ର |
| ୨ | ୨୫୩ | ୯୭୯ | ଘରବାରୀ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ସୁନାକର ବେହେରା, ପି-ଗଜେନ୍ଦ୍ର ବେହେରା, ନୀଳମଣି ବେହେରା, ଭୋଳାନାଥ ବେହେରା, ଦୋଳଗୋବିନ୍ଦ ବେହେରା,ପି-ଚକ୍ରଧର ବେହେରା |
| ୩ | ୨୪୪ | ୮୨୯ | ବଗାୟତ-୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ଲକ୍ଷ୍ମୀଧର ବସ୍ତିଆ, ପି-ନନ୍ଦ ବସ୍ତିଆ, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୪ | ୨୫୨ | ୧୭୦ | ଘରବାରୀ | ଏକର ୦.୦୧୦ ଡିସିମିଲି | ଏକର ୦.୦୧୦ ଡିସିମିଲି | କେଲୁଚରଣ ବେହେରା, ପି-ବାବୁ ବେହେରା,ଜାତି-କୁମ୍ଭାର, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୫ | ୨୪୨ | ୭୮୭ | ପତିତ | ଏକର ୦.୦୬୦ ଡିସିମିଲି | ଏକର ୦.୦୬୦ ଡିସିମିଲି | ରତ୍ନାକର ମହାପାତ୍ର, ବଂଶୀଧର ମହାପାତ୍ର, ପି-ଗୋପୀନାଥ ମହାପାତ୍ର, ଜାତି-ବ୍ରାହ୍ମଣ, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୬ | ୨୪୦ | ୬୩୦ | ବଗାୟତ-୨ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ବିଜୟ କୁମାର ସ୍ୱିହା, ବିକ୍ରମ କୁମାର ସ୍ୱିହା, ବିନୟ କୁମାର ସ୍ୱିହା, ସରୋଜ କୁମାର ସ୍ୱିହା, ପି-କମଳାକାନ୍ତ ସ୍ୱିହା, ଅମୃତବାଳା ସିହ୍ନା, ସ୍ୱା-କମଳାକାନ୍ତ ସ୍ୱିହା,ଜାତି-ଖଣ୍ଡାୟତ, ଗ୍ରାମ-ନୂଆଗାଁ |
| ୭ | ୨୪୩ | ୫୫୦ | ବଗାୟତ-୨ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ଫକିର ବସ୍ତିଆ, ପି-ସତ୍ୟବାଦୀ ବସ୍ତିଆ, ଜାତି-ଖଣ୍ଡାୟତ, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୮ | ୨୪୬ | ୯୬୩ | ବଗାୟତ-୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ସୁକାନ୍ତ ବସ୍ତିଆ, ପି-ଗୋପୀନାଥ ବସ୍ତିଆ, ଜାତି-ଖଣ୍ଡାୟତ, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୯ | ୨୪୭ | ୧୦୦୩ | ବଗାୟତ-୩ | ଏକର ୦.୦୯୦ ଡିସିମିଲି | ଏକର ୦.୦୯୦ ଡିସିମିଲି | ହାଡିବନ୍ଧୁ ବସ୍ତିଆ, ପି-ଧ୍ରୁବଚରଣ ବସ୍ତିଆ, ଜାତି-ଖଣ୍ଡାୟତ, ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୧୦ | ୨୫୪ | ୧୦୧୨/ ୧୭୯ | ଘରବାରୀ | ଏକର ୦.୦୪୦ ଡିସିମିଲି | ଏକର ୦.୦୪୦ ଡିସିମିଲି | ରାମଚନ୍ଦ୍ର ସାହୁ, ପି-ବଟକୃଷ୍ଣ ସାହୁ, ସବିତା ସାହୁ, ସ୍ୱା- ନୃସିଂହ ଚରଣ ସାହୁ, ଜାତି-ତେଲି,ଗ୍ରାମ-ବ୍ରାହ୍ମଣଖଣ୍ଡ |
| ୧୧ | ୨୪୫ | ୫୭୧ | ବଗାୟତ-୩ | ଏକର ୦.୦୫୦ ଡିସିମିଲି | ଏକର ୦.୦୫୦ ଡିସିମିଲି | ମଦନ ମୋହନ ପୃଷ୍ଟି, ପି-କୁମନ ପୃଷ୍ଟି, ଜାତି-ଖଣ୍ଡାୟତ, ଗ୍ରାମ-ବ୍ରାହ୍ମଣଖଣ୍ଡ |

ସ୍ୱା./-ଅଶୋକ କୁମାର ସାହୁ
ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, କଟକ
OIPR-25053/14/0023/2223

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore.

Email ID: sedcbls@yahoo.com

No.A-1064: **"e" PROCUREMENT NOTICE NO.- ACEDCBLS - 02/2022-23**

| Procurement Officer/ Name & Address of the Officer Inviting Bids | Name of Work | Bid Identification Number | Tender Cost (in INR) (excluding G.S.T.) of individual work | Bid Security/ EMD- (online) (in INR) | Cost of tender document (online) (in INR) | Class of Contractor (Odisha PWD or equivalent class of other licensing authority) | Period of Completion | Bid Document available online for bidding: From | Bid Document available online for bidding: To | Date of Opening of the Technical Bid (Cover-1) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Additional Chief Engineer, Drainage Circle, Balasore | 1) Renovation of Samuka Canal, Sahada Brackish water Aqua cluster in Balasore district | ACED-CBLS/ DDBLS-1-02/2022-23 | Rs.4,21,03,423/- | 4,21,100/- | 10,000/- | "A" | 11 (Eleven) Calendar Months | 30.01.23 | 15.02.23 | 16.02.23 |
| Additional Chief Engineer Drainage Circle, Balasore | 2) Dredging of Panchubisa Nallah in Bahanaga Block of Balasore District (Panchubisa Cluster) | ACED-CBLS/ DDBLS-2-02/2022-23 | Rs.3,83,03,922/- | 3,83,100/- | 10,000/- | "A" | 11 (Eleven) Calendar Months | 30.01.23 | 15.02.23 | 16.02.23 |
| Additional Chief Engineer Drainage Circle, Balasore | 3) Renovation of Srijung Brackish water aqua cluster coast canal at Chandipur in Balasore District, Odisha | ACED-CBLS/ DDBLS-3-02/2022-23 | Rs.8,35,15,068/- | 8,35,200/- | 10,000/- | "A" & "Special" | 18 (Eighteen) Calendar Months | 30.01.23 | 15.02.23 | 16.02.23 |

Further details can be seen from the Govt. website **www.tendersodisha.gov.in.**

OIPR-32190/11/0005/2223 **Sd./- Additional Chief Engineer, Drainage Circle, Balasore**

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବଳରାମ



@ ସରିତ ସଂଗ୍ରାମ



@ ଶୁଭ୍ର



@ ତୋଫାନ



@ ଲିଟୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁସୁମୀ, ଦୁଆଣ୍ଟ ବ୍ୟାରେଜ ଜଳକୁ ନେଇ ଚିନ୍ତା

- ୭ ହଜାର ଏକର ଚାଷ ଜମି ବୁଡ଼ିବାକୁ ଯାଉଛି
- ସର୍ଭେ ନାହିଁ, ଜିଲାପାଳଙ୍କୁ ଫେରାଦ୍ ହେଲେ ଚାଷୀ

**ନୟାଗଡ଼ ଅଫିସ,୨୫।୧**

ପ୍ରସ୍ତାବିତ କୁସୁମୀ ଓ ଦୁଆଣ୍ଟ ନଦୀର ବ୍ୟାରେଜ ଜଳରେ ନୟାଗଡ଼ ବ୍ଲକର ଲାଠିପଡା, ଦେଉଳି, ଟିପୁରା, ନୂଆଗାଁ, ଗମ୍ଭାରିଡିହ, ସୁନାଲଟି, ଡିମିଶର, ଆଡଚେର, ଫାସିପଡା, ଭୁତଡିହି, ଲାଠିପଡା ଅଞ୍ଚଳର ପ୍ରାୟ ୭ ହଜାର ଚାଷ ଜମି ବୁଡି ଯିବାର ଭୟ ଦେଖା ଯାଇଛି। ଏକଥା ଜଣାପଡିବା ପରେ ସ୍ଥାନୀୟ ଚାଷୀ ଭୟଭୀତ ହୋଇ ସଠିକ ସର୍ଭେ କରି ରିପୋର୍ଟ ଦେବା ଉଦ୍ଦେଶ୍ୟରେ ଚାପ ସୃଷ୍ଟି କରିବାକୁ ବୁଧବାର ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ସେହିପରି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନୟାଗଡ଼ ଜଳସମ୍ପଦ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ କୁସୁମୀ ନଦୀର ସୁନାଲଟିଠାରେ ଓ ଦୁଆଣ୍ଟ ନଦୀର ଡିମିଶରଠାରେ ଦୁଇଟି ବ୍ୟାରେଜ ନିର୍ମାଣ ହେଉଛି। ତେବେ ଏହାଦ୍ୱାରା କେତେ ଜମି କ୍ଷତିଗ୍ରସ୍ତ ହେଉଛି ସେନେଇ ସଠିକ ସର୍ଭେ ହୋଇ ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୁନାଲଟିଠାରେ ବ୍ୟାରେଜ ଉଚ୍ଚ ହୋଇଯିବା ଯୋଗୁ ନଦୀର ଅପରପାର୍ଶ୍ୱ ଜମି ବୁଡ଼ି ରହୁଛି। ପ୍ରାୟ ୨ ହଜାର ଏକର ଚାଷ ଜମି ବୁଡିଯିବାର ଭୟ ଦେଖା ଦେଇଛି। ପୁଣି ନଦୀରେ ବହୁତ ପାଣି ରହୁଥିବାରୁ ଗ୍ରାମବାସୀ ନଦୀ ପାର ହୋଇ ପାରୁ ନାହାନ୍ତି। ପୁଣି ଡିମିଶରଠାରେ ବ୍ୟାରେଜ ନିର୍ମାଣ ଯୋଗୁ ବିଲକୁ ଆସୁଥିବା ଅଧିକ ଜଳ କୁସୁମୀ ନଦୀରେ ପ୍ରବେଶ କରି ପାରୁ ନାହିଁ। ଏଣୁ ସେଠାକାର ୫ ହଜାର ଏକର ଚାଷ ଜମି ବୁଡି ଯିବାର ଭୟ ଦେଖା ଦେଇଛି। ଏଭଳିସ୍ଥିତିରେ କେଉଁ ଚାଷୀର ଜମି ଜଳମଗ୍ନ ହେବ ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ନାହିଁ। ଏଣୁ କେଉଁ ଜମି ଜଳମଗ୍ନ ହେବ ସେଗୁଡ଼ିକୁ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରାଯାଉ। ବ୍ୟାରେଜ ନିର୍ମାଣ ହୋଇଗଲେ ଜଳମଗ୍ନ ଜମି କ୍ଷତି ପୂରଣ ପାଇବେନି। ଚାଷୀ ଅଭିଶପ୍ତ ଜୀବନଯାପନ କରିବ। ଏଣୁ ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀ।

## ମୋ ସ୍କୁଲ ଅଭିଯାନ, ପ୍ଲାଟିନମ୍ ଜୁବିଲି ପାଇଁ ପ୍ରସ୍ତୁତି

**ଶରଣକୁଳ,୨୫।୧(ଡି.ଏନ.ଏ.)**

ଶରଣକୁଳ ନିକଟସ୍ଥ ମା'ଖାଡେଶ୍ୱରୀ ପୀଠରେ ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୮୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଠିତ ଫ୍ରେଣ୍ଡସ୍ କ୍ଲବର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନାଥ ହୋତା, ଜୟକୃଷ୍ଣ ଷଡଙ୍ଗୀ ଏବଂ ଗୋଲକ ବିହାରୀ ପଲେଇ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ପରୀକ୍ଷା ଆୟୋଜନ କରାଯାଇଥିଲା। କୁନି ବାବୁସାନ୍, ଅନନ୍ୟା ମହାନ୍ତି, ବର୍ଷା,ଶ୍ରେୟାନ୍ ଓ ଅପର୍ଣ୍ଣା ଲୋପାମୁଦ୍ରାଙ୍କ ନାଚଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ପରିଚାଳନା କମିଟିର ସଭାପତି ଶିବ ନାରାୟଣ ମିଶ୍ର, ସମ୍ପାଦକ ସୁବାସ ଚନ୍ଦ୍ର ବରାଡ, କୋଷାଧ୍ୟକ୍ଷ ମନମୋହନ ସାହୁ ଦାୟିତ୍ୱ ଗ୍ରହଣ କରି ସରକାରଙ୍କ ମୋ ସ୍କୁଲ ଅଭିଯାନରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ନାରାୟଣ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୮ ଓ ୨୯ରେ ପାଳିତ ହେବାକୁ ଥିବା ପ୍ଲାଟିନମ୍ ଜୁବୁଲି କାର୍ଯ୍ୟକ୍ରମରେ ସମସ୍ତେ ଉପସ୍ଥିତ ରହି ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଜାତୀୟ ଭୋଟର ଦିବସ ପାଳିତ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଜାତୀୟ ଭୋଟର ଦିବସ କାର୍ଯ୍ୟକ୍ରମ ବୁଧବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ପ୍ରଫେସର ଡ. ପବିତ୍ର କୁମାର ସୁବୁଦ୍ଧି ଏବଂ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ରମେଶ କୁମାର ସାହୁ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଓମ୍ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗ ନେବାକୁ ଉତ୍ସାହିତ କରିବା ନିମନ୍ତେ ଭାରତ ସରକାର ପ୍ରତିବର୍ଷ ଜାନୁୟାରୀ ୨୫ ତାରିଖକୁ ଜାତୀୟ ଭୋଟର ଦିବସ ଭାବେ ପାଳନ କରିଥାନ୍ତି ବୋଲି ସୂଚନା ଦେଇଥିଲେ। ଏହି ଦିବସ ପାଳନ ଅବସରରେ ମତଦାନ ଅଧିକାର ପ୍ରତି ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସ୍ୱଚ୍ଛ ଓ ମୁକ୍ତ ଭାବେ ନିଜର ମତ ସାବ୍ୟସ୍ତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ମତ ଦେଇଥିଲେ। ପ୍ରାରମ୍ଭରେ 'ମେ ଭାରତ ହୁଁ ' ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ସମସ୍ତେ ଶପଥ ପାଠ କରିଥିଲେ। ଅଧ୍ୟାପକ ହୃଷିକେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





ଜାତୀୟ ଭୋଟର ଦିବସ ସଭାରେ ଯୋଗଦେଇଥିବା ଅତିଥି।

**OFFICE OF THE PANCHAYAT SAMITI**
**LAXMIPUR, DIST.: KORAPUT**
No. 205/23 Date: 24.01.2023
**QUOTATION CALL NOTICE**
No. i-357: Seal quotations are invited from the Service providers of the Koraput Dist. to engagement of vehicle in Block Office, Laxmipur for official use. The detail information of which are made available in Koraput Dist. Website i.e. **http//www.koraput.nic.in.**
The sealed quotation should reach the undersigned on or before 14.02.2023 by 04.00 P.M.
**Sd./- Block Development Officer, Laxmipur**
**OIPR-19158/11/0012/2223**

**TENDER CALL NOTICE**
No. S-32: Sealed quotations are invited from interested Travel Agencies/ Tour Operators for providing one AC Petrol vehicles as detailed below on hire basis inaccordance with FD O.M. No. 30464/F dated 06.09.2019 for official use in Directorate of Savings & Financial Services, Bhubaneswar.
**Vehicles Details**

| No. of Vehicle Required | Maximum hire charges per month (excluding fuel cost and GST) | Minimum Average Mileage in Kms per Litre |
|---|---|---|
| 1 (One) | Rs.26,000/- (Twenty Six Thousand) | 17 (Seventeen) |

The details of terms and conditions for hiring & bidding and the bid document have been enumerated in the office website: **https://finance.odisha.gov.in** and **http://assaodisha.nic.in** alongwith the tender call notice.
The sealed quotations completed in all respect are required to reach the undersigned by Dt.31.01.2023 by 5.00 P.M. and the received quotation will be opened on Dt.01.02.2023 at 11.00 A.M. The undersigned reserves the right to reject or cancel the tender without any reason thereof.
**Directorate of Savings & Financial Services**
**OIPR-05001/11/0020/2223 Finance Department, Government of Odisha**

# ରାତି ୧୨ରେ ଉଠିବ ମହାଦୀପ

## ଲଡୁବାବାଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

**ଶରଣକୁଳ,୨୫।୧(ଡି.ଏନ.ଏ.):** ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ ଶକ୍ତିକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ଶରଣକୁଳ ଏସ୍‌ଡିପିଓ କରିଣ ହେମ୍ବ୍ରମ୍, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ସମିତି ସଭ୍ୟ ଭାଗବତ ସେଠୀ, ପ୍ରତୀକ ମହାପାତ୍ର, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶକ ଭାସ୍କର ମହାପାତ୍ର, ନୟାଗଡ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡ, ଶୈବ ସେବାୟତ ସଂଘର ସଭାପତି ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

ଆସନ୍ତା ୧୮ରେ ହେବାକୁ ଥିବା ଜାଗର ଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ପାଳନ କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଠାକୁରଙ୍କ ପରମ୍ପରା ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ନୀତିକାନ୍ତି ଓ ଯାତ୍ରୀ ଦର୍ଶନ ଶୃଙ୍ଖଳାରେ କରିବା ପାଇଁ ମନ୍ଦିର ପରିଚାଳକ, ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମହାଶିବରାତ୍ରୀ ଦିନ ଠାକୁରଙ୍କ ଅବକାଶ ନୀତି ରାତ୍ର ୧୨ଘଟିକାରୁ ଆରମ୍ଭ ହୋଇ ସକାଳ ପୂଜାନୀତି ଭୋର ୩ଟା ମଧ୍ୟରେ ସମ୍ପାଦିକ ହେବ। ଭୋର ୪ଟାରୁ ସନ୍ଧ୍ୟା ୬.୩୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ୬.୩୦ ରୁ ୭.୩୦ ସନ୍ଧ୍ୟା ପୂଜାନୀତି, ରାତ୍ର ୭.୩୦ରୁ ୧୦.୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଏବଂ ରାତ୍ର ୧୦.୩୦ ଠାରୁ ମହାଶିବରାତ୍ରୀ ବେଢା ପରିକ୍ରମା ହୋଇ ରାତ୍ର ୧୨ଟା ମଧ୍ୟରେ ମହାଦୀପ ଉଠିବ। ଏହାପରେ ଅନ୍ୟାନ୍ୟ ଦେବନୀତି ସମ୍ପନ୍ନ କରାଯାଇ ମନ୍ଦିର ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଆୟୋଜିତ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି।ରାଜ୍ୟ ଯୁବ ନୀତି ୨୦୧୩ ଅନୁଯାୟୀ ଉଚ୍ଚଶିକ୍ଷା, ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଗତ ୧୬ରୁ ଆରମ୍ଭ ହୋଇ ୮ଦିନ ଧରି ଚାଲିଥିଲା। ସ୍ୱାଗତିକା ସାହୁ ପ୍ରଶିକ୍ଷିକା ଭାବେ ଯୋଗଦେଇ +୨ ପ୍ରଥମ ବର୍ଷର ୧୦୬ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବୁଧବାର ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନୀତ ଅତିଥି ପ୍ରଫେସର ଓମ୍ ପ୍ରକାଶ ସାହୁ, ଅଧ୍ୟାପିକା ଜୟଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ତାଲିମ ଶିବିରର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ଅଲୋକପାତ କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା କଲ୍ୟାଣୀ ପଣ୍ଡା ସଂଯୋଜନା କରିଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-WAGON-KBJ-1-23
କାର୍ଯ୍ୟର ନାମ : 22 ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର କ୍ୟାରେଜ ଆଣ୍ଡ ୱାଗନ ଡିପୋ, କଣ୍ଟାବାଞ୍ଜିଠାରେ ୱାଗନ ବଡି (Wagon Body) ମରାମତି ଏବଂ ୱେଲ୍ଡିଙ୍ଗ (Welding) କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 53,43,283.74, EMD : ₹ 1,06,900/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି: 22 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.02.2023ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-937/N/22-23

**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି, ଏସ୍.ଇ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । **ଟେଣ୍ଡର ବିଜ୍ଞପ୍ତି ନଂ.:** ସିକେପି-ସାଉଥ୍-୨୨-୨୩-୨୪ । **କାର୍ଯ୍ୟର ନାମ:** ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ସେକ୍ସନରେ ୧୪.୭୬୨ କିମି ପାଇଁ ପିଏସ୍‌ସି ୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କିଗ୍ରା ୯୦ ୟୁଟିଏସ୍ ରେଳର ଟିଏଫ୍‌ଆର୍ ସମେତ ତାହାକୁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍ ରେଳ (ଏଲ୍‌ଡବ୍ଲ୍ୟୁଆର୍) ଦ୍ୱାରା ସମ୍ପୂର୍ଣ୍ଣ ରେଳ ନବୀକରଣ (ପ୍ରାଇମେରୀ) । **ଟେଣ୍ଡର ମୂଲ୍ୟ:** ₹୯୩,୮୦,୮୨୫.୮୦। **ଇଏମ୍‌ଡି:** ₹୧,୮୭,୬୦୦ । କ୍ର.ସଂ.-୨ । **ଟେଣ୍ଡର ବିଜ୍ଞପ୍ତି ନଂ.:** ସିକେପି-ସାଉଥ୍-୨୨-୨୩-୨୫ । **କାର୍ଯ୍ୟର ନାମ:** ଡାଙ୍ଗୋଆପୋଷୀ-ବାଂଶପାଣି-ଟିବିଆର୍ (ସମ୍ପୂର୍ଣ୍ଣ ବାଲାଷ୍ଟ ନବୀକରଣ) - ୧୨.୩୯୨ କିମି ଏବଂ ଟିବିଆର୍ (ଟର୍ନଆଉଟ୍‌ରେ) - ୨୮ ଗୋଟି (୩ୟ କଲ)। **ଟେଣ୍ଡର ମୂଲ୍ୟ:** ₹୧,୦୯,୯୫,୫୯୨.୫୪ । **ଇଏମ୍‌ଡି:** ₹୨,୦୫,୦୦୦ । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ୦ (କ୍ର.ସଂ. ୧ ଓ ୨ ପାଇଁ) । **ଖୋଲାଯିବା ତାରିଖ:** ୨୦।୦୨।୨୦୨୩ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡ ପତ୍ର ନଂ.୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ ୧୬।୦୭।୨୦୨୦) **(PR-1052)**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-1702
**"e" Procurement Notice for Road Works**
Letter No. 371/WE Identification No. - Online Tender - Road N.C.B. No. 369 for 2022-23 Date: 21.01.2023
1. Name of the Work : Road Works
2. Total No. of Work : 06 Nos. (Six)
3. Estimated Cost : Rs.192.43 and Rs.394.76 lakhs (Approximately)
4. Eligible Class of Contractor : "B" & "A" Class (of Odisha PWD) or relevant Class of other licencing authorities (as per annexure).
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 369 | 27.01.2023 at 11.00 A.M. | 07.02.2023 upto 5.00 P.M. | 06.02.2023 upto 5.00 P.M. | 08.02.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in.**

OIPR-25105/11/0054/2223 Sd./- Er. S.K. Mishra, Chief Construction Engineer, R.W. Circle, Balasore

**GOVERNMENT OF ODISHA** No. O-1699
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
email: serwsbd2003@yahoo.com
**e-Procurement Notice for Bridge Work**
1. Name of the work : Construction of Bridges as per Annexure (06 Nos.)
2. Class of Contractor : "B", "A" & "Special" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.210.00 lakhs to Rs.780.00 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 46/2022-23 | 10.02.2023 at 11.00 A.M. | 27.02.2023 upto 5.30 P.M. | 24.02.2023 upto 2.00 P.M. | 28.02.2023 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0060/2223 Sd./- Chief Construction Engineer, Rural Works Circle, Sunabeda

**DISTRICT PROJECT OFFICE**
**SAMAGRA SHIKSHA (SS), SAMBALPUR**
(2nd Floor, Collectorate, Sambalpur - 768001)
No. 110/PED/2023 Dated: 25.01.2023
**NOTICE INVITING TENDER (NIT)**
Sealed tenders are invited from the reputed & credible printes/firms/agencies for printing & supply of "Question cum Answer Sheets, Answer Key & Oral Questions for SA-II 2022-23 for Class-I to VIII Students in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 for Calss-I to VIII Students | Rs.1,000/- | Rs.28,000/- | Dt.15.02.2023 upto 05.00 P.M. | Dt.16.02.2023 At 11.30 A.M. |

The detailed BID document is available in the website **www.sambalpur.nic.in** & **www.osepa.odisha.gov.in**. Interested and eligible agency/firm may download BID DOCUMET from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the abvoe website.
The Tender Inviting Authority (TIA) reserves the right to accept/reject any full or part/all BID/ Cancel the entire selection process at any stage without assigning any reason thereof.
By the Order of Collector-cum-Chairman, SSA, Sambalpur
**Sd./- District Project Coordinator**
**SS, Sambalpur**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4628 OSIC GST No. 21AAACO2101M1Z1
**TENDER CALL NOTICE**
**Tender Notice No.406/OSIC/MKT** **Dt.24.01.2023**
The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/ Manufacturers for supply & installation of Incinerator and Manual Sanitary Napkin Vending Machine in Schools of Mayurbhanj district. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC **www.osicltd.in** .Any corrigendum/ changes/ modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
By order of MD
**Sd/-Manager(Mktg)**
OIPR-14073/11/0146/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4627 OSIC GST No. 21AAACO2101M1Z1
**TENDER CALL NOTICE**
**Tender Notice No.404/OSIC/MKT** **Dt.24.01.2023**
The Odisha Small Industries Corporation Ltd., Cuttack invites sealed bids from experienced Manufacturers/ suppliers/dealers for supply of Dual Desk-cum-Bench for students for Smart Class Rooms under 5-T Transformation of Schools under the Jurisdiction of the Panchayat Samitis of Bhadrak district. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC **www.osicltd.in** . Any corrigendum/ changes/modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
By order of MD
**Sd/-Manager(Mktg)**
OIPR-14073/11/0145/2223

**OFFICE OF THE BLOCK DEVELOPMENT OFFICER**
**JALESWAR BLOCK, BALASORE**
**E-mail: ori-jaleswar@nic.in**
**SHORT CALL NOTICE**
**Advt. No. 386/Civil, NHM/Jaleswar, Bls. of 2022-23 Date: 24.01.2023**
No. i-355: Sealed tenders (Percentage Rates) in conformity with the DTCN are invited from the "C" & "B" Class contractors registered with the State Govt. and Contractors of equivalent grade/Class registered with Central Govt. MES/Railways for Execution of works under BDO, Jaleswar Block, Balasore. The tender documents (DTCN & BOQ) can be obtained from district NIC website **(www.baleswar.nic.in)** from Dt.25.01.2023 to 06.02.2023 till 5 P.M. The tenders will received upto Dt.08.02.2023 till 5 P.M. and address to Office of the BDO, Jaleswar, Balasore through Registered Post/Speed Post/ Courier service only. The incomplete Bid in any form is liable for rejection. The detail terms and conditions can be downloaded at NIC Website **(www.baleswar.nic.in)**.
**Sd./- Block Development Officer, Jaleswar**
**OIPR-19145/11/0002/2223**




ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ (ବାମ)। ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଅତିଥି ଭାବରେ ଯୋଗ ଦେଇଥିବା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, କେନ୍ଦ୍ର କ୍ରୀଡ଼ା ବିଭାଗ ସଚିବ ସୁଜାତା ଚତୁର୍ବେଦୀ ଓ ଏଫ୍‌ଆଇଏଚ୍ ସଭାପତି ତାୟାବ ଇକ୍ରାମ।

# ଇଂଲଣ୍ଡକୁ ଶୁଟ୍‌ଆଉଟ କଲା ଜର୍ମାନୀ

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୫।୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଇଂଲଣ୍ଡ-ଜର୍ମାନୀ ତୃତୀୟ କ୍ୱାର୍ଟର ଫାଇନାଲର ରୋମାଞ୍ଚକ ପରିସମାପ୍ତି ଘଟିଛି। ୫୭ ମିନିଟ ପର୍ଯ୍ୟନ୍ତ ୨-୦ରେ ଅଗ୍ରଣୀ ରହିଥିଲା ଇଂଲଣ୍ଡ। ମାତ୍ର ଶେଷ ୩ ମିନିଟରେ ଜର୍ମାନୀକୁ ଭାଗ୍ୟଦେବୀ ସହାୟ ହେଲେ। ଏହି ସମୟ ମଧ୍ୟରେ ଜର୍ମାନୀ ୨ଟି ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଜର୍ମାନୀ ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେଲା। ୨୦୦୨ ଓ ୨୦୦୬ରେ ଚାମ୍ପିୟନ ହୋଇଥିବା ଜର୍ମାନୀ ୨୭ ତାରିଖରେ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ। ମ୍ୟାଚ ଆରମ୍ଭରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ କେନ୍ଦ୍ର କ୍ରୀଡ଼ା ଓ ଯୁବ ସେବା ବିଭାଗର ଶାସନ ସଚିବ ସୁଜାତା ଚତୁର୍ବେଦୀ ଅତିଥିଭାବେ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ତାୟାବ ଇକ୍ରାମ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଉପସ୍ଥିତ ଥିଲେ। ଶେଷରେ ଜର୍ମାନୀ ଅଧିନାୟକ ମ୍ୟାଟ୍ସ ଗ୍ରାମବୁଶ୍ଚ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ବିଜୟୀ ଜର୍ମାନୀ ଦଳ।

ମ୍ୟାଚ ଆରମ୍ଭରୁ ଜର୍ମାନୀ ତୁଳନାରେ ପ୍ରଭାବୀ ପ୍ରଦର୍ଶନ କରିଥିଲା ଇଂଲଣ୍ଡ। ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନ ଉପରେ ଥିଲେ ହେଁ ଜର୍ମାନୀ (୪ର୍ଥ)କୁ ପ୍ରଥମ କ୍ୱାର୍ଟରରେ ହିଁ ଗୋଲ ଦେଇ ଇଂଲଣ୍ଡ (୫ମ) ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ମ୍ୟାଚର ୧୨ତମ ମିନିଟରେ ୱାଲାସ ଜାଚାରୀ ଏକ ଫିଲ୍ଡ ଗୋଲ ଦେଇ ଇଂଲଣ୍ଡ ଶିବିରରେ ଖୁସି ଭରି ଦେଇଥିଲେ। ୱିଲ କାଲନାନ ବାମପଟରୁ ବଲ୍‌କୁ ଜର୍ମାନୀ ଡି' ଏରିଆ ମଧ୍ୟକୁ ଆଣି ଷ୍ଟୁଆର୍ଟ ରୁସମେରେଙ୍କୁ ପାସ୍ ଦେଇଥିଲେ। ରୁସମେରେ ତତ୍‌କ୍ଷଣାତ ବଲ୍‌କୁ ୱାଲାସଙ୍କ ନିକଟକୁ ପଠାଇ ଦେଇଥିଲେ। ବାଉନ୍ସ ହୋଇ ଆସୁଥିବା ବଲ୍‌କୁ ୱାଲାସ ଷ୍ଟିକ୍‌ରେ ତଳକୁ ମାରି ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଗୋଟିଏ ଗୋଲରେ ପଛୁଆ ରହି ଚାପକୁ ଆସି ଯାଇଥିବା ଜର୍ମାନୀ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ କରିବାକୁ ଭଲ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ୨୬ତମ ମିନିଟରେ ଜର୍ମାନୀ ପକ୍ଷରୁ ଶୁଟ୍ କରାଯାଇଥିବା ପେନାଲ୍ଟି କର୍ନର ଶଟ୍‌କୁ ଇଂଲଣ୍ଡ ଗୋଲକିପର ଓଲିଭର ପେନି ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଇଂଲଣ୍ଡ ୧-୦ରେ ଆଗୁଆ ରହିଥିଲା।

ତୃତୀୟ କ୍ୱାର୍ଟର ଘଟଣାବହୁଳ ରହିଥିଲା। ଆରମ୍ଭରୁ ଇଂଲଣ୍ଡ ଅଧିକ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଜର୍ମାନୀ ଗୋଲପୋଷ୍ଟ ଉପରେ ଆକ୍ରମଣ ଜାରି ରଖି ୩୨ ଓ ୩୩ ମିନିଟରେ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଦ୍ୱିତୀୟଟିକୁ ଅର୍ଥାତ୍ ୩୩ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଲିଆମ ଇଂଲଣ୍ଡ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ୩୭ତମ ମିନିଟରେ ବଲ୍ ପାଇଁ ସଂଘର୍ଷ ସମୟରେ ଇଂଲଣ୍ଡର ଲିଆମ ଷ୍ଟାନ୍‌ଫୋର୍ଡଙ୍କୁ ଷ୍ଟିକ୍‌ରେ ଆଘାତ କରିଥିବାରୁ ଜର୍ମାନୀର ରୁହର ଖ୍ରିଷ୍ଟୋଫରଙ୍କୁ ଅମ୍ପାୟର ହଳଦିଆ କାର୍ଡ ଦେଖାଇ ୫ ମିନିଟ ପାଇଁ ପଡ଼ିଆ ବାହାରକୁ ପଠାଇଥିଲେ।

## ଶେଷ ୩ ମିନିଟ

ମ୍ୟାଚର ୫୭ ମିନିଟ ପର୍ଯ୍ୟନ୍ତ ଇଂଲଣ୍ଡ ପ୍ରଭାବୀ ରହିଥିଲା। ମାତ୍ର ଶେଷ ୩ ମିନିଟରେ ଖେଳର ମୋଡ଼ ବୁଲିଥିଲା। ଇଂଲଣ୍ଡ ଗୋଲକିପରଙ୍କ ବିପଜ୍ଜନକ ସେଭ୍ ଯୋଗୁ ୫୭ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାତ୍ର ରୁହର ଖ୍ରିଷ୍ଟୋଫର ମାରିଥିବା ଶଟ୍‌କୁ ଇଂଲଣ୍ଡ ଗୋଲକିପର ରୋକି ଦେଇଥିଲେ। ତେବେ ଏହାର ୧ ମିନିଟ ପରେ ଅର୍ଥାତ୍ ୫୮ତମ ମିନିଟରେ ଜର୍ମାନୀର ମ୍ୟାଟ୍ସ ଗ୍ରାମବୁଶ୍ଚ ଏକ ଫିଲ୍ଡଗୋଲ ଦେଇ ଦଳ ପାଇଁ ଆଶା ଉଜ୍ଜୀବିତ କରିଥିଲେ। ମୋରିଜ୍ ଟ୍ରୋମ୍ପର୍ଜଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରିଥିଲେ ଗ୍ରାମବୁଶ୍ଚ। ଏହି ଗୋଲ ପରେ ଜର୍ମାନୀ ଖେଳାଳିଙ୍କ ଶାରୀରିକ ଭାଷା ବଦଳି ଯାଇଥିଲା। ୫୯ତମ ମିନିଟରେ ଡି' ଏରିଆ ମଧ୍ୟରେ ଇଂଲଣ୍ଡର ଜଣେ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ଜର୍ମାନୀକୁ ଦ୍ୱିତୀୟ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏଥର ଟମ୍ ଗ୍ରାମ୍‌ବୁଶ୍ଚ ଯାଇଥିଲେ ଶଟ୍ ମାରିବା ପାଇଁ। ତେବେ ସେ କୌଣସି ତ୍ରୁଟି ନ କରି ଗୋଲ ଦେବା ସହ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଖେଳ ଶେଷ ହେବା ପାଇଁ ୩୮ ସେକେଣ୍ଡ ଥିବାବେଳେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଏଥିରୁ ଗୋଲ ହୋଇ ନ ପାରିବାରୁ ମ୍ୟାଚ ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇଥିଲା। ଏଥିରେ ଜର୍ମାନୀ ବାଜି ମାରିଥିଲା।

# ଏସୀୟ ଚ୍ୟାଲେଞ୍ଜ ଶେଷ

**ଭୁବନେଶ୍ୱର, ୨୫।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ବୁଧବାର ନେଦରଲାଣ୍ଡଠାରୁ ଦକ୍ଷିଣ କୋରିଆର ପରାଜୟ ସହ ଏସୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ଅନ୍ୟ ୩ ଦଳ ମଧ୍ୟରୁ ଭାରତ ଓ ମାଲେସିଆ କ୍ରସ୍ ଓଭରରୁ ଏବଂ ଜାପାନ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଗତ ସୋମବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ଆର୍ଜେଣ୍ଟିନା ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ କୋରିଆ କଡ଼ା ଚ୍ୟାଲେଞ୍ଜ ଦେଇ ନିର୍ଦ୍ଧାରିତ ସମୟରେ ମ୍ୟାଚକୁ ୫-୫ରେ

**ହାରିଲା କୋରିଆ**

ବରାବର ରଖିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପର୍ଯ୍ୟାୟରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ଏସିଆର ୪ ଦଳ ଆୟୋଜକ ଭାରତ, ମାଲେସିଆ, ଜାପାନ ଓ ଦକ୍ଷିଣ କୋରିଆ ଭାଗ ନେଇଥିଲେ। ଏହା ମଧ୍ୟରୁ ଜାପାନର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ଶେଷ ହୋଇଥିଲା। ଗ୍ରୁପ୍ 'ବି'ରେ ଏହି ଦଳ ଜର୍ମାନୀ, କୋରିଆ ଓ ବେଲ୍‌ଜିୟମଠାରୁ ହାରିଥିଲା। ଅର୍ଥାତ୍ ଗୋଟିଏ ହେଲେ ମ୍ୟାଚ ଜିତି ନ ପାରି ଦଳ ବିଦାୟ ନେଇଥିଲା। ଗ୍ରୁପ୍ 'ଡି'ରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିଲେ ହେଁ କ୍ରସ୍ ଓଭର ମ୍ୟାଚରେ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। ସେହିପରି ମାଲେସିଆ ପୁଲ୍ 'ସି'ରେ ୩ ମ୍ୟାଚରୁ ୨ ବିଜୟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଫଳରେ କ୍ରସ୍ ଓଭରରେ ସ୍ପେନ୍‌କୁ ଭେଟିଥିଲା। ଏହି ପର୍ଯ୍ୟାୟରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ସ୍ପେନ୍‌ଠାରୁ ହାରି ବିଦାୟ ନେଇଥିଲା।



ନେଦରଲାଣ୍ଡ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଜର୍ମାନୀ-ଇଂଲଣ୍ଡ କ୍ୱାର୍ଟର ଫାଇନାଲ ଶୁଟ୍‌ଆଉଟ ରୋମାଞ୍ଚ

**ଭୁବନେଶ୍ୱର, ୨୫।୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଂଲଣ୍ଡ-ଜର୍ମାନୀ କ୍ୱାର୍ଟର ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଜର୍ମାନୀ ପକ୍ଷରୁ କ୍ରମାନ୍ୱୟରେ ନିକ୍ଲାସ ୱେଲେନ, ହାନେସ ମୁଲେର, ଥିଏସ ପ୍ରିଞ୍ଜ ଓ ରୁହର ଖ୍ରିଷ୍ଟୋଫର ଗୋଲ ଦେବାରେ ସଫଳ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ମାଜାରେଲୋ, ଜାଚାରୀ ୱାଲାସ ଓ ଫିଲ୍ ରୋପେର ଗୋଲ ଦେଇଥିବାବେଳେ ଡେଭିଡ ଗୁଡ୍‌ଫିଲ୍ଡ ଓ ଲିଆମ ଅନ୍‌ସେଲ ମିସ୍ କରିଥିଲେ। ଅନ୍‌ସେଲ ଗୋଲ ଦେବାରେ ବିଫଳ ହେବାରୁ ଜର୍ମାନୀର ୫ମ ସ୍କୋରରଙ୍କୁ ଆଉ ଶୁଟ୍ କରିବା ଆବଶ୍ୟକ ପଡ଼ି ନ ଥିଲା। ଗୋଲକିପର ଜନ୍-ପଲ୍ ଡାନବର୍ଗ ଦକ୍ଷତାର ସହ ଇଂଲଣ୍ଡର ଲିଆମ ଅନ୍‌ସେଲଙ୍କୁ ଚକ୍‌ମା ଦେବାପରେ ଜର୍ମାନୀର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଫଳରେ ୧୯୮୬ରେ ରନରଅପ୍ ହୋଇଥିବା ଇଂଲଣ୍ଡକୁ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବା ପାଇଁ ପୁଣି ପ୍ରତୀକ୍ଷା କରିବାକୁ ପଡ଼ିବ।

# ଆଜି ଜାପାନକୁ ଭେଟିବ ଭାରତ

**ଭୁବନେଶ୍ୱର, ୨୫।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ ୨୦୨୩ରେ ୯-୧୬ ସ୍ଥାନ ପାଇଁ ଗୁରୁବାରଠାରୁ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ କ୍ଲାସିଫିକେଶନ ମ୍ୟାଚ। ଗୁରୁବାର ସନ୍ଧ୍ୟା ୭ଟାରେ ଭାରତ ଓ ଜାପାନ ମଧ୍ୟରେ ଲଢେଇ ହେବ। ଉଭୟ ଦଳ ସେମାନଙ୍କ କ୍ରସ୍‌ଓଭର ମ୍ୟାଚରେ ପରାଜିତ ହୋଇଥିଲେ। ନ୍ୟୁଜିଲାଣ୍ଡ ନିକଟରୁ କ୍ରସ୍ ଓଭର ମ୍ୟାଚ ହାରିବା ସହିତ ଭାରତ କ୍ୱାର୍ଟର ଦୌଡରୁ ବାଦ ପଡିଥିଲା। ତେଣୁ ଦଳ ୯-୧୬ ସ୍ଥାନ କ୍ଲାସିଫିକେସନ ମ୍ୟାଚ୍ ଖେଳିବ। ପୁଲ୍ ଡି'ରେ ସ୍ଥାନ ପାଇଥିବା ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଭାରତୀୟ ଦଳ ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୨-୦ରେ ପରାସ୍ତ କରିଥିବା ବେଳେ ଇଂଲଣ୍ଡ ବିପକ୍ଷ ଗୋଲଶୂନ୍ୟ ମ୍ୟାଚରେ ପଏଣ୍ଟ ବାଣ୍ଟିଥିଲା। ଅନ୍ତିମ ମ୍ୟାଚରେ ୱେଲ୍ସକୁ ୪-୨ରେ ପରାସ୍ତ କରିଥିଲା ଭାରତ। ଉଭୟ ଭାରତ ଓ ଇଂଲଣ୍ଡ ଅପରାଜେୟ ରହି ସମାନ ୭ ପଏଣ୍ଟ ଅର୍ଜନ କରିଥିବା ବେଳେ ଉନ୍ନତ ଗୋଲ ବ୍ୟବଧାନରେ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ସଡନ ଡେଥ୍‌ରେ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ପୁଲ୍ ବିରେ ସ୍ଥାନ ପାଇଥିବା ଜାପାନ ନିଜର ୩ଟି ଯାକ ଗ୍ରୁପ ମ୍ୟାଚରେ ପରାଜିତ ହୋଇଥିଲା। ଭାରତୀୟ ଦଳ ନକ୍‌ଆଉଟ ଦୌଡରୁ ବାଦ ପଡିଥିଲେ ହେଁ ସମ୍ମାନ ରକ୍ଷା ପାଇଁ ଦଳ ଅନ୍ତିମ ପ୍ରୟାସ କରିବ। ଅନ୍ୟ ପକ୍ଷରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ଦୁର୍ବଳତାକୁ ଏଡାଇବାକୁ ମଧ୍ୟ ପ୍ରୟାସ କରିବ ଦଳ। ଜାପାନ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିବା ବେଳେ ଫର୍ମକୁ ଫେରିବାକୁ ପ୍ରୟାସ କରିବ ହରମନ୍‌ପ୍ରୀତ ସିଂଙ୍କ ଦଳ। ୨୮ ତାରିଖରେ ଭାରତ ନିଜର ଦ୍ୱିତୀୟ କ୍ଲାସିଫିକେଶନ ମ୍ୟାଚ୍ ଖେଳିବ।

**ହକି ବିଶ୍ୱକପ୍**

(ଆଜିର କ୍ଲାସିଫିକେଶନ ମ୍ୟାଚ୍)

**ଦକ୍ଷିଣ ଆଫ୍ରିକା ବନାମ ମାଲେସିଆ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୧୧.୩୦

**ୱେଲ୍ସ ବନାମ ଫ୍ରାନ୍ସ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୨.୦୦

**ଚିଲି ବନାମ ଆର୍ଜେଣ୍ଟିନା**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୪.୩୦

**ଭାରତ ବନାମ ଜାପାନ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୭.୦୦

# ମ୍ୟାଚ ବେଳେ ବଲ୍ ବାଜି ଅମ୍ପାୟର ଆହତ

**ଭୁବନେଶ୍ୱର, ୨୫।୧:** ଚଳିତ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ବୁଧବାର ନେଦରଲାଣ୍ଡ ବନାମ ଦକ୍ଷିଣ କୋରିଆ ମ୍ୟାଚ ବେଳେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଥିଲା। ପେନାଲ୍ଟି କର୍ନର ଷ୍ଟ୍ରାଇକ୍ ବେଳେ ଜର୍ମାନ ଅମ୍ପାୟର ବେନ୍ ଗୋଣ୍ଟ୍‌ଜେନଙ୍କ ମୁହଁରେ ଆସି ବଲ୍ ବାଜିଥିଲା। ଡାକ୍ତରୀ ଚିକିତ୍ସା ପାଇଁ ଗୋଣ୍ଟ୍‌ଜେନଙ୍କୁ ତୁରନ୍ତ ପଡ଼ିଆରୁ ବାହାରକୁ ନିଆଯାଇଥିଲା। ଏହି ଘଟଣା ଖେଳର ୨୮ତମ ମିନିଟ୍‌ରେ ଘଟିଥିଲା, ଯେତେବେଳେ ଦକ୍ଷିଣ କୋରିଆର ଜାଙ୍ଗ୍ ଜଙ୍ଗ୍ ହ୍ୟୁନ୍ ଡ୍ରାଗ୍ ଫ୍ଲିକ୍ ନେଦରଲାଣ୍ଡ ଖେଳାଳିଙ୍କ ଷ୍ଟିକ୍‌ରେ ବାଜି ଗୋଲପୋଷ୍ଟରୁ କିଛି ଦୂରରେ ଛିଡ଼ା ହୋଇଥିବା ଗୋଣ୍ଟ୍‌ଜେନଙ୍କ ମୁହଁରେ ଯାଇ ବାଜିଥିଲା। ଯନ୍ତ୍ରଣାରେ ସେ ତଳେ ପଡ଼ିଯାଇଥିଲେ। ସହଅମ୍ପାୟର ନ୍ୟୁଜିଲାଣ୍ଡର ଗ୍ୟାରେଥ ଗ୍ରିନ୍ ଫିଲ୍ଡ ଏବଂ ଟୁର୍ନାମେଣ୍ଟ ଆୟୋଜକଙ୍କ ମେଡିକାଲ ଷ୍ଟାଫ୍ ସହାୟତା ପାଇଁ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ। ଆହତ ଅମ୍ପାୟର ତାଙ୍କ ମୁହଁକୁ ଗୋଟେ ହାତରେ ଚାପି ଧରି ଅନ୍ୟ ମେଡିକାଲ ଷ୍ଟାଫଙ୍କ ସହ ପଡ଼ିଆ ଛାଡ଼ିଥିଲେ। ପରେ ତାଙ୍କ ସ୍ଥାନରେ ମ୍ୟାଚର ରିଜର୍ଭ ଅମ୍ପାୟର ଭାରତର ରଘୁ ପ୍ରସାଦ ଦାୟିତ୍ୱ ତୁଲାଇଥିଲେ।





ମହିନ୍ଦ୍ରାର ଅତ୍ୟାଧୁନିକ ତଥା ଫାଷ୍ଟ ସି ସେଗମେଣ୍ଟ ଇଲେକ୍ଟ୍ରି ଏସ୍‌ୟୁଭି 'ମହିନ୍ଦ୍ରା ଏକ୍ସୟୁଭି୪୦୦ ଇସି/ଇଏଲର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ଅବସରରେ ମହିନ୍ଦ୍ରାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୨୫।୧**

କ୍ରମାଗତ ଭାବେ ଭାରତୀୟ ଇକ୍ୟୁଟି ବଜାରର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭୪ (୭୭୩.୬୯) ପଏଣ୍ଟ ଖସି ୬୦,୨୦୫ (୬୦,୨୦୫.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୬ (୨୨୬.୩୫) ପଏଣ୍ଟ ହ୍ରାସ ଘଟି ୧୭,୮୯୨(୧୭,୮୯୧.୯୫) ଅଙ୍କରେ ବଜାର କାରବାର ବନ୍ଦ କରିଥିଲା ବୋଲି ଜଣାପଡିଛି।

# ମନୋଜ ଶର୍ମା ପୂର୍ବତଟ ରେଳପଥର ନୂଆ ଜିଏମ୍

**ଭୁବନେଶ୍ୱର,୨୫।୧**

ଭାରତୀୟ ରେଳ ଇଞ୍ଜିନିୟରିଂ ସେବା(ଆଇଆର୍‌ଏସ୍‌ଇ)ର ବରିଷ୍ଠ ଅଧିକାରୀ ମନୋଜ ଶର୍ମା ନିକଟରେ ପୂର୍ବତଟ ରେଳପଥର ନୂତନ ମହାପ୍ରବନ୍ଧକ (ଜିଏମ୍) ଭାବେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ କେନ୍ଦ୍ରୀୟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭାବେ କାର୍ଯ୍ୟ କରୁଥିଲେ। ଏପରିକି ଶର୍ମା ପଶ୍ଚିମ ରେଳପଥରେ ମଧ୍ୟ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ), ରତଲାମ ଉତ୍ତର ରେଳପଥରେ ମୁଖ୍ୟ ଇଞ୍ଜିନିୟର ଏବଂ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦିଲ୍ଲୀରେ ମୁଖ୍ୟ ଜେନେରାଲ ମ୍ୟାନେଜର ଏବଂ ଲକ୍ଷ୍ନୌରେ ଅନୁସନ୍ଧାନ ଡିଜାଇନ ଓ ମାନକସଂଗଠନରେ ଯୁଗ୍ମନିର୍ଦ୍ଦେଶକ-ନିର୍ଦ୍ଦେଶକ (ଆର୍‌ଡିଏସ୍‌ଓ) ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ୧୯୮୫ ବ୍ୟାଚ୍‌ର ଆଇଆର୍‌ଏସ୍‌ଇ



ମନୋଜ ଶର୍ମା

ଶର୍ମା ୧୯୮୭ ରେ ଭାରତୀୟ ରେଳପଥରେ ଯୋଗଦେଇଥିଲେ। ଏପରିକି ସେ ରୁର୍କି ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ବେଳେ ଆଇଆଇଟି ଦିଲ୍ଲୀରୁ ଏମ୍‌ଟେକ୍ ମଧ୍ୟ କରିଛନ୍ତି। ବିଶେଷକରି ପ୍ରୋଜେକ୍ଟ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବାରେ ତାଙ୍କର ଗଭୀର ଅଭିଜ୍ଞତା ରହିଛି। ଶର୍ମା ବିଭିନ୍ନ ମନ୍ତ୍ରଣାଳୟରେ ଆର୍‌ଡିଏସ୍‌ଓ, ଲକ୍ଷ୍ନୌ,ଏନ୍‌ଏଚ୍‌ଏଆଇ ଭଳି ବିଭିନ୍ନ ସରକାରୀ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

# ଡେଲିଭରି ତାଲିମ,ନିଯୁକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୫।୧**

ଦେଶର ସର୍ବବୃହତ୍ ତଥା ସମ୍ପୂର୍ଣ୍ଣ ସମନ୍ୱିତ ଲଜିଷ୍ଟିକ୍ସ କମ୍ପାନୀ ଡେଲିଭରି ପକ୍ଷରୁ ଲଜିଷ୍ଟିକ୍ସ ଶିଳ୍ପରେ କ୍ୟାରିୟର ଗଠନ କରିବା ଲାଗି ଯୁବପିଢ଼ିଙ୍କୁ ସଶକ୍ତ କରିବା ନିମନ୍ତେ ଡେଲିଭରି ତାଲିମ ଓ ନିଯୁକ୍ତି କାର୍ଯ୍ୟକ୍ରମ ନାମକ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଗୁରୁଗାଓଁରେ ଅନୁଷ୍ଠିତ ହେବାକୁ ଥିବା ଏକ ୫ ସପ୍ତାହ ବିଶିଷ୍ଟ ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରାର୍ଥୀ ଚୟନ କରିବା ନିମନ୍ତେ ଚଳିତ ବର୍ଷ ଫେବୃୟାରୀ ୧୯ରେ କମ୍ପାନୀ ପକ୍ଷରୁ ଗଙ୍ଗାନଗର, ଉଜ୍ଜୟିନୀ, କୁରୁର, ପୁରୁଲିଆ ଓ ଶ୍ରୀନଗର ଭଳି ୨୫ଟି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରେ ଏକ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଉଛି। ଏ ସମ୍ପର୍କରେ ଡେଲିଭରିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ପୂଜା ଗୁପ୍ତା କହିଛନ୍ତି, ସାରା ଭାରତରେ ଥିବା ପ୍ରତିଭାବାନ୍‌ଙ୍କ ସହ ଯୋଡ଼ିହେବା ଲାଗି ଆମର ରହିଥିବା ଦୀର୍ଘମିଆଦୀ ଲକ୍ଷ୍ୟ ଅନୁସାରେ ଏହି ଅଭିଯାନ ପ୍ରସ୍ତୁତ ହୋଇଛି। ଆମେ ନିଯୁକ୍ତି ହେବାକୁ ଥିବା ପ୍ରଥମ ବ୍ୟାଚ୍‌କୁ ସ୍ୱାଗତ କରିବା ଏବଂ ଡେଲିଭରିରେ ସେମାନଙ୍କ ଅଭିବୃଦ୍ଧି ଓ ସଫଳତାରେ ନିବେଶ କରିବାକୁ ଚାହିଁ ରହିଛୁ।

# ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର 'ବ୍ରାଇଡାଲ ବ୍ଲେସିଂସ୍' ଅଫର

**ଭୁବନେଶ୍ୱର,୨୫।୧**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଭାବେ ପରିକଳ୍ପିତ 'ବ୍ରାଇଡାଲ ବ୍ଲେସିଂସ୍' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବିବାହ ଋତୁରେ ଖିମ୍‌ଜୀ ଜୁଏଲର୍ସ ବଧୂମାନଙ୍କର ବଡ଼ ଦିନକୁ ଅଧିକ ସ୍ମରଣୀୟ କରିବା ପାଇଁ ବ୍ରାଇଡାଲ ଅଳଙ୍କାରର ବ୍ୟାପକ ସମ୍ଭାର ସଂଗ୍ରହ ସହ ବ୍ରାଇଡାଲ ବ୍ଲେସିଂସ ଅଫର ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଏପରିକି ଏହି ଅଫର ଚଳିତ ବର୍ଷ ଜାନୁୟାରୀ ୨୦ରୁ ଆରମ୍ଭ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଗ୍ରାହକମାନେ ୩୦,୦୦୦ ଟଙ୍କା ମୂଲ୍ୟର ସୁନା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଏବଂ ୩୦,୦୦୦ ଟଙ୍କା ମୂଲ୍ୟର ହୀରା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୨ଟି ସ୍ୱର୍ଣ୍ଣମୁଦ୍ରା ପାଇପାରିବେ। ଏ ସମ୍ପର୍କରେ ଖିମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ମିତେଶ୍ ଖିମ୍‌ଜୀ କହିଛନ୍ତି, ବଧୂମାନଙ୍କ ପାଇଁ ଗହଣା ଖାଲି କ୍ରୟ ନୁହେଁ ବରଂ ଏହା ତାଙ୍କ ଭାବନା ସହ ଜଡ଼ିତ ଅନେକ କାହାଣୀ। ବିଶେଷକରି ଖିମ୍‌ଜୀ ଜୁଏଲର୍ସ ଉକ୍ତ ଭାବନାକୁ ବଜାୟ ରଖିବା ସହ ନିଜର କର୍ତ୍ତବ୍ୟ ବୋଲି ଭାବି ଆସିଛି। ଏପରିକି ଆମର ସ୍ୱତନ୍ତ୍ର 'ବ୍ରାଇଡାଲ ବ୍ଲେସିଂସ୍' ସଂଗ୍ରହ ଓ ସୁନା ମୁଦ୍ରାର ଅଫର ଗ୍ରାହକମାନଙ୍କୁ ଅଧିକ ଆକର୍ଷିତ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।




# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଇଣ୍ଟରାକ୍ଟିଭ ପ୍ରଦର୍ଶନୀ

**ଭୁବନେଶ୍ୱର,୨୫।୧**

ବେଦାନ୍ତ ଆଲୁମିନିୟମର ଓଡ଼ିଶା ପକ୍ଷରୁ ରାୟଗଡ଼ା ଜିଲା ପ୍ରଶାସନ ସହଭାଗିତାରେ ଏକ ଇଣ୍ଟରାକ୍ଟିଭ ପ୍ରଦର୍ଶନୀର ଆୟୋଜନ କରିଥିଲା। ବିଶେଷକରି ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୩ ର ଏକ ଜୀବନ୍ତ ମୁହୂର୍ତ୍ତଗୁଡିକୁ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ଏପରିକି ରାୟଗଡ଼ାର ଚଇତି ମହୋତ୍ସବର ଏକ ଅଂଶ ଭାବ କମ୍ପାନୀ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ମିନି ହକି ଷ୍ଟାଡିୟମର ଅଭିଜ୍ଞତା ଏକାଠି କରିଥିଲା, ଯାହାକି ହକି ବିଶ୍ୱକପ୍ ଉପରେ ଆଧାରିତ ହୋଇଥିବା ଅନେକ ଇଣ୍ଟରାକ୍ଟିଭ୍ ପ୍ରଦର୍ଶନୀ ସହ ପୂର୍ଣ୍ଣ ହୋଇଥିଲା। ସେହିଭଳି ରାୟଗଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ଉଭୟ ଯୁବକ ଏବଂ ବୃଦ୍ଧ ହକି ଉତ୍ସାହୀମାନଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ବହୁ ଆଦୃତି ଲାଭ କରିଥିଲା। ଆନୁମାନିକ ୧,୦୦,୦୦୦ ଲୋକ ୫ ଦିନିଆ ଉତ୍ସବରେ ବେଦାନ୍ତ ଦ୍ୱାରା ସ୍ଥାପନ କରାଯାଇଥିବା ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ(ଏମ୍) ଭି. ଶ୍ରୀକାନ୍ତ କହିଛନ୍ତି, ଆମେ ସର୍ବଦା ସମ୍ପ୍ରଦାୟର ବିକାଶ ଏବଂ ସମ୍ପ୍ରଦାୟକୁ ନିଜ ତଥା ଭବିଷ୍ୟତ ପିଢ଼ି ପାଇଁ ଏକ ଉନ୍ନତ ମାନର ଜୀବନ ଦେବା ପାଇଁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଉ।




# କଟକରେ ଏଲ୍‌ଜିର ପ୍ରଥମ ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ

**କଟକ,୨୫।୧**

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ କମ୍ପାନୀ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରା.ଲି.ର ଆଉ ଏକ ବ୍ରାଣ୍ଡ ଶପ୍ (ବେଷ୍ଟ ଶପ୍) ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ବାଲାଜି ଡିଷ୍ଟ୍ରିବ୍ୟୁଟର୍ସ ଆନୁକୂଲ୍ୟରେ କଟକର ପ୍ରଥମ ତଥା ଓଡ଼ିଶା ବଜାରରେ ୧୫ତମ ବ୍ରାଣ୍ଡ ଶପ୍ ସ୍ଥାନୀୟ ବକ୍ସିବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ଶାଖା ପରିଚାଳକ (ଓଡ଼ିଶା) ଶ୍ରୀମନ୍ତ ଖଣ୍ଡୁଆଲ, ବିଏମ୍‌ଏମ୍ ସିଦ୍ଧାର୍ଥ ଦୀପଙ୍କର, ଏଏମ୍ ଜୟପ୍ରକାଶ ଚୌଧୁରୀ, ଜିଏମ୍ ବ୍ରାଣ୍ଡ ଶପ୍ (ଏସ୍ ଆଣ୍ଡ ଓ)ର ଦୀପକ ଅଗ୍ରୱାଲ ଏବଂ ବାଲାଜି ଡିଷ୍ଟ୍ରିବ୍ୟୁଟର୍ସର ପ୍ରୋପ୍ରାଇଟର ଗଜାନନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୦ବର୍ଗ ଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଶପ୍‌ରେ ଏଲ୍‌ଜିର ବିସ୍ତୃତ ଉତ୍ପାଦ ଓ ଗ୍ୟାଜେଟ ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବ୍ରାଣ୍ଡ ଉଦ୍‌ଘାଟନୀ ଅବସରରେ ଏଲ୍‌ଜି ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ ସୁବିଧା ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ମନୀଷ ସିଙ୍ଘଲ କହିଛନ୍ତି, ଭାରତରେ ଆମେ ଏକ ପ୍ରମୁଖ କଞ୍ଜ୍ୟୁମର ଓ ସେଣ୍ଟ୍ରିକ ବ୍ରାଣ୍ଡ ହୋଇଥିବାରୁ ସର୍ବଦା ଗ୍ରାହକ ସେବାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗ୍ରାହକ ଚାହିଦା ଓ ଆବଶ୍ୟକତା ପୂରଣକୁ ଅଗ୍ରାଧିକାର ଦିଆଯାଇଥାଏ। ସେହିଭଳି ଉକ୍ତ ଶପ୍‌ରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଉପଲବ୍ଧ କରାଇବା ସହ ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଓ ସେବା ଯୋଗାଇ ଦିଆଯିବ ବୋଲି ସେ ମତ ପ୍ରକାଶ କରିଥିଲେ।






## ପିଙ୍କୁ ଏଣ୍ଡ କୋ ଦୋକାନ ୨୦ ବର୍ଷ ପୂର୍ତ୍ତି



ତୁଷୁରା ସହରସ୍ଥିତ ପିଙ୍କୁ ଏଣ୍ଡ କୋ ଛଡ, ସିମେଣ୍ଟ ଦୋକାନର ବୁଧବାର ୨୦ ବର୍ଷ ପୂର୍ତ୍ତି ଅବସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଲିକ ପିଙ୍କୁ ଅଗ୍ରୱାଲ କେକ୍ କାଟି ଉତ୍ସବ ପାଳନ କରିବା ସହ ଗ୍ରାହକଙ୍କୁ ମିଠା ବଣ୍ଟନ କରି ଉତ୍ସବ ପାଳନ କରିଥିଲେ।

# ସୁବାସ ଭାଟିକା ଡୁପ୍ଲେକ୍ସ ଲାଗି ଭୂମି ପୂଜନ



ସୁବାସ ଭାଟିକା ଉଦ୍‌ଘାଟନ ଅବସରରେ ଅତିଥି ଉପସ୍ଥିତ ଓ କମ୍ପାନୀ କର୍ତ୍ତୃପକ୍ଷ।

**ବ୍ରହ୍ମପୁର ଅଫିସ,୨୫।୧**

ବ୍ରହ୍ମପୁର ସହରବାସୀଙ୍କୁ ଚାହିଦା ମୁତାବକ ଡୁପ୍ଲେକ୍ସ ଯୋଗାଇବା ଲକ୍ଷ୍ୟରେ ସୁବାସ ଭାଟିକା ଏକ ନୂତନ ପ୍ରୟାସ ଆରମ୍ଭ କରିଛି। ଏହି ମର୍ମରେ ବୁଧବାର ହରିଡାଖଣ୍ଡିଠାରେ କମ୍ପାନୀର ନୂତନ ପ୍ରକଳ୍ପର ଭୂମି ପୂଜନ ହୋଇଯାଇଛି। ଏଥିରେ ସୁବାସ ଭାଟିକାର ମାଲିକ ପୂର୍ଣ୍ଣିମା ସାହୁଙ୍କ ମା' ଅନ୍ନପୂର୍ଣ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ନପୂର୍ଣ୍ଣା ଡୁପ୍ଲେକ୍ସ ନିର୍ମାଣର ଭୂମି ପୂଜନର ଶୁଭାରମ୍ଭ କରିଥିଲେ। ଏପରିକି ଭୁବନେଶ୍ୱରଠାରେ ସୁବାସ ଭାଟିକାର ଡୁପ୍ଲେକ୍ସ ରହିଥିବା ବେଳେ ବ୍ରହ୍ମପୁରରେ ଏହା ଦ୍ୱିତୀୟ ଡୁପ୍ଲେକ୍ସ ବୋଲି କମ୍ପାନୀର ମୁଖ୍ୟ ଅନ୍ନପୂର୍ଣ୍ଣା ସାହୁ କହିଛନ୍ତି। ଏଠାରେ ଏକ ଖୋଲା ବଗିଚା ରହିବ, ଯେଉଁଠାରେ ଛୋଟ ଶିଶୁ ଖେଳିବା ସୁବିଧା ସହ ବରିଷ୍ଠ ନାଗରିକ ମଧ୍ୟ ଆମୋଦ ପ୍ରମୋଦର ମଜା ଉଠାଇପାରିବେ। ଆଗାମୀ ଦିନରେ ଆପାର୍ଟମେଣ୍ଟ ନିର୍ମାଣ ନେଇ ଲକ୍ଷ୍ୟ ରଖାଯାଇଥିବା ଅନ୍ନପୂର୍ଣ୍ଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣାଙ୍କ ପୁଅ, ଝିଅ ଓ ଜ୍ୱାଇଁଙ୍କ ସମେତ ପରିବାର ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।








Reliance
Growth is Life
ଡିଜିଟାଲ ଇଣ୍ଡିଆ ସେଲ୍
ଇଣ୍ଡିଆର ସର୍ବବୃହତ ଇଲେକଟ୍ରୋନିକ୍ସ ସେଲ୍
21-29 ଜାନୁଆରୀ
ଷ୍ଟୋରସ ସକାଳ ୨ ରେ ଖୋଲେ
₹20 000 ପର୍ଯ୍ୟନ୍ତ
ତୁରନ୍ତ ରିହାତି*
ସମସ୍ତ କ୍ରେଡିଟ ଏବଂ ଡେବିଟ କାର୍ଡରେ
Reliance digital
PERSONALISING TECHNOLOGY
SHOP ANY ELECTRONICS AT MY JIO STORE
Jio DIGITAL LIFE
ବିସ୍ତୃତ ରେଞ୍ଜ । ଫାଇନାନ୍ସ ବିକଳ୍ପ । ଲାଟେଷ୍ଟ ଇଲେକ୍ଟ୍ରୋନିକ୍ସ । ନ୍ୟୁନତମ ମୂଲ୍ୟ
reliancedigital.in
SMART
NEVER BEFORE PRICE
SMART UHD TV webOS
80 CM (32) HD ₹9 999
109.22 CM (43) UHD ₹19 999
LARGE SCREEN 4K UHD
ANDROID UHD TV
139.7 CM (55) ₹29 999
190.5 CM (75) ₹84 999
LARGE SCREEN OLED
SONY
BRAVIA XR OLED A80J 139.7 CM (55)
₹1 09 990* *Price after Cashback
MAX 20% CASHBACK UP TO ₹7500*
BEST PRICE
iPhone 13 Starting from ₹41 900*
iPhone 14 Starting from ₹46 399*
SAMSUNG | 5G DEALS
SAMSUNG S20 FE 5G Starting from ₹28 999*
S21 FE 5G Starting from ₹33 999*
SAMSUNG Z FLIP3 5G ₹84 999 Starting from ₹49 999*
GAMING
ASUS TUF ₹71 990 ₹49 990*
HP VICTUS ₹84 631 ₹67 499*
THIN & LIGHT
LENOVO SLIM 3 ₹59 390 ₹33 990*
HP 15S ₹60 958 ₹47 490*
BUY LAPTOP & GET TROLLEY BAG WORTH ₹7500* • UP TO 24 MONTH NO COST EMI • EXCHANGE BONUS UP TO ₹14 000*
MacBook
Supercharged by the Apple M1/M2 chip
EMI Starting from ₹1 790*
Experience the All New Macbook Pro
FROST-FREE
WHIRLPOOL 265 L ₹21 490*
LG 260 L ₹23 990*
SAMSUNG 324 L ₹32 490*
SIDE BY SIDE
KELVINATOR 584 L ₹53 990*
SAMSUNG 580 L ₹74 490*
LG 694 L ₹84 990*
TOP LOAD
SAMSUNG 7 kg ₹17 990*
IFB 7 kg ₹21 490*
LG 8 kg ₹24 990*
FRONT LOAD
SAMSUNG 6.5 kg ₹26 490*
LG 8 kg ₹35 990*
IFB 8 kg ₹36 990*
*Price after bank cashback.
1.5 T AIR CONDITIONER
Starting from ₹27 990*
Starting from ₹34 990*
MIXER GRINDER
USHA 800 W ₹4 999*
BAJAJ 750 W ₹3 699*
Reliance resQ
ବ୍ୟକ୍ତିଗତ ଅନୁସାରେ ମାର୍ଗଦର୍ଶନ । ସେବା । ମେରେଣ୍ଟେନାନ୍ସ
1800 889 1044 Download the resQ app on
₹6000 ପର୍ଯ୍ୟନ୍ତ କ୍ୟାଶବ୍ୟାକ୍
IDFC FIRST Bank
kotak
₹1000 ପର୍ଯ୍ୟନ୍ତ କ୍ୟାଶବ୍ୟାକ୍
MobiKwik
Paytm
VISIT US AT ODISHA: • JAJPUR ROAD CHODRA BY PASS PH:- 8984107745 • BHUBHANESHWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD
ALSO AVAILABLE AT:- • BALASORE • BEHRAMPUR • ROURKELA • SAMBALPUR • ANGUL • BALANGIR • JHARSUGUDA • SUNDERGARH • TALCHER | TO LOCATE YOUR NEAREST MYJIO STORE, SMS LOCATE <PINCODE> TO 56161




TRUE VALUE
MARUTI SUZUKI
SELL. BUY. TRUST.
True Value, leading destination for pre-owned cars.
AT HOME EVALUATION
AI BASED SCIENTIFIC PRICING ENGINE
DETAILED DIGITAL EVALUATION
VERIFIED CAR HISTORY
376 QUALITY CHECK POINTS
HASSLE-FREE DOCUMENTATION
UP TO 1 YEAR WARRANTY & 3 FREE SERVICES*
Download the App here.
Images used are for illustration purposes only
*Black glass on the vehicle is due to lighting effect. Creative visualization. Terms and condition apply.
For enquiry, Call 1800 102 1800 | Visit www.marutisuzukitruevalue.com
BHUBANESWAR: SKY AUTOMOBILES: 9078080819; JYOTE MOTORS: 7064499354, 7064499352, NARAYANI MOTORS: 7381000406, 7381093625; PURI: NARAYANI MOTORS: 7381000168; PARADEEP: NARAYANI MOTORS: 9583022097; KEONJHAR/NAYAGARH/BALUGAON: JYOTE MOTORS: 7064499354; CUTTACK: SKY AUTOMOBILES: 9078080819; TUSHI MOTORS PVT LTD: 9078073430; JAJPUR: SKY AUTOMOBILES: 9078080819.